ବର୍ଷ-୨୬, ସଂଖ୍ୟା-୩୪
ଭୁବନେଶ୍ୱର
୦୪, ଫେବୃଆରୀ, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 34
Bubhaneswar
04, February, 2026 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



'ତୁଳା'ର ଶୁଭ ମହୁରତ

## ମା ବିରଜାଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଯାଜପୁର,୩।୨ (ମହାଭାରତ): ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଯାଜପୁର ବିରଜା ମନ୍ଦିର ଗସ୍ତରେ ଆସିଛନ୍ତି। ସମଗ୍ର ଜିଲ୍ଲାବାସୀ ମହାମହିମ ରାଷ୍ଟ୍ରପତିଙ୍କୁ ଗସ୍ତକୁ ନେଇ ଉତ୍ସାହିତ ଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏହା ପ୍ରଥମ ଯାଜପୁର ଗସ୍ତ ଥିଲା। ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ୯.୩୦ ମିନିଟ

### ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ



ସମୟରେ ଯାଜପୁରର ପ୍ରଶାସନିକ ଭବନ ପଡ଼ିଆରେ ହେଲିପ୍ୟାଡରେ ଅବତରଣ କରିଥିଲେ।

ସେଠାରେ ମହାମହିମ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ମାନ୍ୟବର ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ମାନ୍ୟବର ସମବାୟ ହସ୍ତତନ୍ତ, ବୟନ ଶିଳ୍ପ,ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମାନ୍ୟବର ଯାଜପୁର ସାଂସଦ ଡା.ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ଓ ବିଧାୟିକା ବୃନ୍ଦ, ଜିଲ୍ଲାପରିଷଦ ଅଧ୍ୟକ୍ଷା, ଡି.ଆଇ.ଜି ପୋଲିସ ଚ୍ରଣ ସିଂ ମୀନା, ଅତିରିକ୍ତ ମହାନିର୍ଦ୍ଦେଶକ ପୋଲିସ ରେଳବାଇ ଓ ଉପକୂଳ ସୁରକ୍ଷା ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ମହାମହିମ ରାଷ୍ଟ୍ରପତିଙ୍କୁ ଯାଜପୁର ମାଟିକୁ ଭବ୍ୟ ସ୍ୱାଗତ କରିଥିଲେ।

ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ଆୟୋଜନ କରାଯାଇଥିଲା। ହେଲିପ୍ୟାଡରୁ ରାଷ୍ଟ୍ରପତି ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ମା' ବିରଜାଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ବିରଜା ମନ୍ଦିରରେ ପହଞ୍ଚି ହସ୍ତପଦ ପ୍ରକ୍ଷାଳନ କରି ମନ୍ଦିର ପ୍ରବେଶ କରିଥିଲେ। ପ୍ରଥମେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚ୍ାରି ଜଣ ସେବାୟତ ବ୍ରାହ୍ମଣ ନିୟୋଜିତ ଥିଲେ। ପିଣ୍ଡ ଦାନ ସରିବା ପରେ ମହାମହିମ ରାଷ୍ଟ୍ରପତି ମାଆ ବିରଜାଙ୍କ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତଶ୍ୱର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାର୍ଶ୍ୱ ଦେବା ଦେବୀଙ୍କ ଦର୍ଶନ କରିଥିଲେ ଏବଂ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚ୍ତୁର୍ଦ୍ଦିଗ ବେଦ ମନ୍ତ୍ର ଉଚ୍ଚ୍ାରଣ ଓ ହୁଳୁହୁଳି ନାଦରେ ଗୁଞ୍ଜରିତ ହେଉଥିଲା। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ୀ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହା ପରେ ନିମନ୍ତ୍ରିତ ବ୍ରହ୍ମକୁମାରୀମାନେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ଏହା ପରେ ରାଷ୍ଟ୍ରପତିସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ପ୍ରଶାସନିକ ଭବନ ହେଲିପ୍ୟାଡକୁ ଯାତ୍ରା କରିଥିଲେ ଏବଂ ଦିନ ୧୧.୪୦ ମିନିଟ ସମୟରେ ବିମାନ ଯୋଗେ ବାଲେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ। ଏହି ଗସ୍ତ ଅବସରରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଜନସାଧାରଣ ଉପସ୍ଥିତ ରହି ମହାମହିମ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପ ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ପରିଚ୍ାଳନା କରିଥିଲେ।

## ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର,୩।୨ (ମହାଭାରତ): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଚିବସ୍ତରୀୟ ବୈଠକ ଖାରବେଳଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଯାଇ ସେସବୁର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ବଜେଟ୍ ଅନୁମୋଦନ ଅନୁସାରେ ଗତ ୨୦୨୬ ଜାନୁଆରୀ ୩୧ ତାରିଖ ସୁଦ୍ଧା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଥିଲା । ବିଭିନ୍ନ କ୍ଷେତ୍ରୱାରୀଖର୍ଚ୍ଚ ସମୀକ୍ଷା କରାଯାଇଥିଲା । କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ, ସମବାୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ଓ ସାମାଜିକ କ୍ଷେତ୍ରରେ ଗତ ବର୍ଷ ଏହି ସମୟ ମଧ୍ୟରେ ହୋଇଥିବା ଖର୍ଚ୍ଚ ତୁଳନାରେ ଚଳିତ ବର୍ଷ ଖର୍ଚ୍ଚ ହାର ଅଧିକ ବୃଦ୍ଧି ପାଇଥିବା ବୈଠକରୁ ଜଣାଯାଇଛି। ଅଧିକ ବ୍ୟୟବରାଦ ହୋଇଥିବା ବିଭିନ୍ନ ବିଭାଗ ସହିତ ଅନ୍ୟ ସମସ୍ତ ବିଭାଗର ଖର୍ଚ୍ଚ ସମୀକ୍ଷା ହୋଇଥିଲା।

## ୟୁମନମ୍ ଖେମଚନ୍ଦ ମଣିପୁର ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩।୨ : ମଣିପୁର ହିଂସା ପାଇଁ ରାଜ୍ୟରେ ରାଷ୍ଟ୍ରପତି ଶାସନର ପ୍ରାୟ ଗୋଟିଏ ବର୍ଷ ପରେ ମଣିପୁରରେ ନୂଆ। ମୁଖ୍ୟମନ୍ତ୍ରୀ କାର୍ଯ୍ୟଭାର ନେବାକୁ ଯାଉଛନ୍ତି। ନୂତନ ମୁଖ୍ୟମନ୍ତ୍ରୀ ଭାବରେ ୟୁମନମ୍ ଖେମଚନ୍ଦ ସିଂହଙ୍କୁ ବିଜେପି ଦଳ ଦ୍ୱାରା ମନୋନୀତ କରାଯାଇଛି । ମଣିପୁରରେ ଦୀର୍ଘ ସମୟ ଧରି ଜାତିଗତ ହିଂସା ମଧ୍ୟରେ ୨୦୨୫ ଫେବୃଆରୀ ୯ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ଇସ୍ତଫା ଦେବା ପରଠାରୁ ଏହି ପଦବୀ ଖାଲି ପଡ଼ିଛି ।ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାର କିଛି ଦିନ ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା। ମଙ୍ଗଳବାର ନୂଆ।ଦିଲ୍ଲୀରେ ଦଳୀୟ ବୈଠକ ପରେ ମଣିପୁର ବିଜେପିର ବିଧାୟକ ଦଳ ନେତା ଭାବେ ଖେମଚନ୍ଦ ସିଂହଙ୍କ ନାମ ଘୋଷଣା କରାଯାଇଛି ।

## ୨୦୧ ଦମ୍ପତିଙ୍କ ସାମୂହିକ ବିବାହ ସମ୍ପନ୍ନ, କନ୍ୟାଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୨ (ମହାଭାରତ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସାଧାରଣ ଜନମଙ୍ଗଳକାରୀ ଯୋଜନା ନୁହେଁ, ଏହା ସାମାଜିକ ସୁରକ୍ଷାକୁ ମଜବୁତ୍ କରିବା ପାଇଁ ରାଜ୍ୟ ସରକାରଙ୍କର ଏକ ଅଭିନବ ପ୍ରୟାସ ବୋଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ ଅବସରରେ କହିଛନ୍ତି। ମଙ୍ଗଳବାର ଦିନ ମା' ତାରା

### ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ଭଗବାନଙ୍କ ଆଶୀର୍ବାଦ : ମୁଖ୍ୟମନ୍ତ୍ରୀ

ତାରିଣୀଙ୍କ ପୀଠରେ ଏହି ଯୋଜନାର ଶୁଭାରମ୍ଭ କରାଯାଇ ୨୦୧ ଜଣ କନ୍ୟାଙ୍କ ଶୁଭ ବିବାହ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହି ବିବାହ ମଣ୍ଡପରେ କର୍ତ୍ତା ଭାବେ ହୋମ କୁଣ୍ଡରେ ଆହୁତି ପ୍ରଦାନ କରି ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ।

ଏହିଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଲକ୍ଷ୍ୟ ହେଉଛି ଏପରି ଏକ ଓଡିଶା ଗଢିବା ଯେଉଁଠି କୌଣସି କନ୍ୟା ଆର୍ଥିକ ଦୁର୍ବଳତା କିମ୍ବା ସାମାଜିକ ଚାପ ହେତୁ ବିବାହର ପ୍ରାପ୍ତ ବୟସ ପୂର୍ବରୁ ବିବାହ କରିବାକୁ ବାଧ ହେବେ ନାହିଁ। ଆହୁରିମଧ୍ୟ ଏହିଯୋଜନା ସମାଜକୁ ଏକ ନୂତନ ବାର୍ତ୍ତା ଦେବ ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ହେଉଛନ୍ତି ଭଗବାନଙ୍କ ଆଶୀର୍ବାଦ।

ଆଜିଠାରୁ ଆରମ୍ଭ ହୋଇଥିବା ଏହି ମାଙ୍ଗଳିକ ଯୋଜନାରେ ସାମିଲ୍ ହେବା ପାଇଁ କନ୍ୟାର ବୟସ ୧୮ରୁ ୩୫ ବର୍ଷ ଏବଂ ବରର ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡିଶାର



ସ୍ଥାୟୀ ବାସିନ୍ଦା ହୋଇଥିବେ। ଏହି ଯୋଜନାରେ ଯୋଗ୍ୟ କନ୍ୟାଙ୍କୁ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ୪୫ ହଜାର ଟଙ୍କା ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି। ଯୋଗ୍ୟ ଦମ୍ପତି ମାନଙ୍କୁ ଜିଲ୍ଲା/ବ୍ଲକ ସ୍ତରରୁ ଚୟନ କରାଯାଇଛି। ଓଡ଼ିଶାର ପ୍ରସିଦ୍ଧ ମା ତାରାତାରିଣୀଙ୍କ ଆଦିଶକ୍ତିପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ଉପରେ ବିବାହର ଆର୍ଥିକ ଭାର ଲାଘବ କରିବା ସହିତ ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନଃ ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥାକୁ ନିବାରଣ କରିବା ଦିଗରେ ବହୁ ପରିମାଣରେ ସହାୟତା ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ସେ ପୁଣି କହିଥିଲେ, ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯିବ ଏବଂ ଏଥିପାଇଁ ବଜେଟରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବଡ଼ ଅଟ୍ଟାଳିକା କିମ୍ବା ରାସ୍ତା ଘାଟ କିମ୍ବା ଶିଳ୍ପ କେବଳ ବିକାଶ ନୁହଁ ପ୍ରକୃତ ବିକାଶ ହେଉଛି ରାଜ୍ୟର ମା ଏବଂ ଭଉଣୀମାନଙ୍କ ସୁରକ୍ଷା, ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଗଠନ କରିବା। ଏକ ସମୃଦ୍ଧ ଓଡ଼ିଶାରେ ପ୍ରତ୍ୟେକ କନ୍ୟା ଶିକ୍ଷିତ ହେବା ଉଚିତ ଏବଂ ପ୍ରତ୍ୟେକ ମହିଳା ସୁରକ୍ଷିତ ହେବା ଉଚିତ ଏବଂ ପ୍ରତ୍ୟକ ପରିବାର ସ୍ୱାଭିମାନର ସହିତ ବଞ୍ଚିବା ଉଚିତ। ଆଗାମୀ ଦିନରେ ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟର ମହିଳାମାନଙ୍କୁ ସମସ୍ତ ଦିଗରୁ ସୁରକ୍ଷା ଓ ଆତ୍ମସମ୍ମାନ ପ୍ରଦାନ କରିବାରେ ନିଶ୍ଚିତ ରୂପରେ ସହାୟକ ହେବ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ନବ ଦମ୍ପତିଙ୍କୁ ସ୍ନେହ ଭରା ଅଭିନନ୍ଦନ ଜଣାଇ କହିଥିଲେ ଯେ, ଏହି ମହତ୍ୱାକାଂକ୍ଷୀ ସରକାରୀ ଯୋଜନା ହେଉଛି ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରସୁତ ଯୋଜନା । ପୂର୍ବରୁ ଆମେ କଥା ଦେଇଥିଲୁ ସୁଭଦ୍ରା ମା ମାନଙ୍କ ସାଥିରେ ସବୁଦିନ ରହିବୁ। ସେହି କଥାକୁ ଆଉ ଦି ପାଦ ଆଗକୁ ନେଇ କନ୍ୟା ବିବାହ ଦାୟିତ୍ୱ ସମ୍ପନ୍ନ କରୁଛୁ। ମା ତାରାତାରିଣୀ ଆଶୀର୍ବାଦ କରନ୍ତୁ ସମସ୍ତଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ ଏତିକି ବଡ଼ ଭଉଣୀ ଭାବେ ମୋର ଆନ୍ତରିକ କାମନା। ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ, ରାଜ୍ୟ ସରକାରଙ୍କ ଏହା ଏକ ମହତ ଜନମଙ୍ଗଳକାରୀ ଯୋଜନା ।

## ଭାରତର ରପ୍ତାନୀକୁ ମିଳିବ ପ୍ରୋତ୍ସାହନ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୨ (ମହାଭାରତ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମେଡ୍ ଇନ୍ ଇଣ୍ଡିଆ' ଉତ୍ପାଦନ ଉପରେ ଆମେରିକା ଦ୍ୱାରା ଟାରିଫ୍ କମାଇ ୧୮ ପ୍ରତିଶତ କରାଯିବାକୁ ଭାରତ–ଆମେରିକା ଆର୍ଥିକ ସମ୍ପର୍କରେ ଏକ ଐତିହାସିକ ପ୍ରଗତି ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ଏହି ନିଷ୍ପତି ଦୁଇ ଦେଶ ମଧ୍ୟରେ ଗଭୀର ସହଯୋଗ ଓ ସାମୁହିକ ସମୃଦ୍ଧି ପାଇଁ ଏକ ମଜବୁତ ଆଧାର ସୃଷ୍ଟି କରିବ। ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ୍ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ଟାରିଫ୍‌ରେ ଏହି ହ୍ରାସ ଭାରତୀୟ ଉତ୍ପାଦନ କ୍ଷେତ୍ର, ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ (ଏମ୍‌ଏସ୍‌ଏମ୍‌ଇ), ରପ୍ତାନିକାରୀ ଏବଂ ନିଯୁକ୍ତି ସୃଷ୍ଟିକୁ ଉଲ୍ଲେଖନୀୟ ଭାବେ ପ୍ରୋତ୍ସାହନ ଦେବ। ଏହା ସହିତ, ଉଦ୍ୟୋଗପତି ଓ ଷ୍ଟାର୍ଟଅପ୍‌ମାନଙ୍କ ପାଇଁ ନୂଆ ସୁଯୋଗ ଖୋଲିବ ଏବଂ ବିଶ୍ୱ ବଜାରକୁ ପହଞ୍ଚକୁ ଆହୁରି ମଜବୁତ କରିବ ।ସେ ଏହି ସଫଳତାର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଣ୍ଣାୟାତ୍ମକ ନେତୃତ୍ୱ ଓ ଜନକେନ୍ଦ୍ରିତ କୂଟନୀତିକୁ ଦେଇ ତାଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି।

## ଲୋକସଭାରୁ ୮ ବିରୋଧୀ ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ,୩।୨ (ମହାଭାରତ): ବିଭିନ୍ନ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ଯୋଗୁଁ ମଙ୍ଗଳବାର ଲୋକସଭାରେ ସାଧାରଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଭାରତ–ଆମେରିକା ବାଣିଜ୍ୟ ଚୁକ୍ତି ଏବଂ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏକ ବୟାନକୁ ନେଇ ସକାଳେ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ଫଳସ୍ୱରୂପ, ଗୃହକୁ ତିନି ଥର ମୁଲତବୀ କରାଯାଇଥିଲା ଏବଂ ପରେ ଦିନ ପାଇଁ ମୁଲତବୀ କରାଯାଇଥିଲା।

କଂଗ୍ରେସ ଅଭିଯୋଗ କରିଥିଲା ଯେ ଶାସକ ଦଳର ସଦସ୍ୟମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କହିବାରୁ ବାଧା ଦେଉଥିଲେ। ପ୍ରତିବାଦରେ, କିଛି ସାଂସଦ କାଗଜପତ୍ର ଚିରି ବାଚସ୍ପତିଙ୍କ ଚେୟାର ଆଡକୁ ଫିଙ୍ଗି ଦେଇଥିଲେ। ପରେ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏକ ପ୍ରସ୍ତାବ ଆଗତ କରିବା ପରେ, ଅଧିବେଶନର ଅବଶିଷ୍ଟ ସମୟ ପାଇଁ ସାତ ଜଣ କଂଗ୍ରେସ ଏବଂ ଜଣେ ସିପିଆଇ(ଏମ୍) ସଦସ୍ୟଙ୍କୁ ନିଲମ୍ବିତ କରାଯାଇଥିଲା। ନିଲମ୍ବିତ ସାଂସଦମାନେ ହେଉଛନ୍ତି ମାଣିକମ୍



ଟାଗୋର (କଂଗ୍ରେସ), ଅମରିନ୍ଦର ସିଂହ ରାଜା ୱାଡିଂ (କଂଗ୍ରେସ), ଗୁରଜିତ ସିଂହ ଆଉଜଳା (କଂଗ୍ରେସ), ହିବି ଏଡେନ୍ (କଂଗ୍ରେସ), ଡକ୍ଟର ପ୍ରଶାନ୍ତ ଯାଦବ ରାଓ ପାଡୋଲେ (କଂଗ୍ରେସ), ଦୀନ କୁରିଆକୋସେ (କଂଗ୍ରେସ), କିରଣ କୁମାର ରେଡ୍ଡୀ (କଂଗ୍ରେସ) ଏବଂ ଏସ. ଭେଙ୍କଟେସନ (ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)। ରିଜିଜୁ ତାଙ୍କ ପ୍ରସ୍ତାବରେ କହିଛନ୍ତି ଯେ ଏହି ସାଂସଦମାନେ ଏପରି ଆଚରଣ କରିଛନ୍ତି ଯାହା ଗୃହ ଏବଂ ବାଚସ୍ପତିଙ୍କ ମର୍ଯ୍ୟାଦା ପ୍ରତି ଗୁରୁତର ଭାବରେ ଅଶୋଭନୀୟ। ସେମାନେ ମହାସଚିବଙ୍କ ଟେବୁଲ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ଟେବୁଲ ନିକଟକୁ ଯାଇ ବାଚସ୍ପତିଙ୍କ ଉପରେ କାଗଜପତ୍ର ଫିଙ୍ଗିଥିଲେ। ବାଚସ୍ପତିଙ୍କ ମନୋନୟନ ପରେ, ନିୟମ ୩୭୪(୨) ଅନୁଯାୟୀ ଏକ ପ୍ରସ୍ତାବ ଆଗତ ହୋଇଛି ଯେ ଉପରୋକ୍ତ ସଦସ୍ୟମାନଙ୍କୁ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଗୃହର କାର୍ଯ୍ୟରୁ ନିଲମ୍ବିତ କରାଯାଉ।

## ଇଡିରେ ହାଜର ହେଲେଣି ୭ରୁ ଅଧିକ ବାଲି ମାଫିଆ

ଭୁବନେଶ୍ୱର,୩।୨ (ମହାଭାରତ):ବାଲି ମାଫିଆଙ୍କ ଠିକଣାରେ ଇଡି ରେଡ ଘଟଣା । ବାଲି ମାଫିଆଙ୍କ ଠିକଣାରେ ଇଡିର ରେଡ ଘଟଣା । ଏପର୍ଯ୍ୟନ୍ତ ଇଡିରେ ହାଜର ହେଲେଣି ୭ରୁ ଅଧିକ ବାଲି ମାଫିଆ । ହାଜର ହୋଇଥିବା ସମସ୍ତ ବାଲି ମାଫିଆ ଗଞ୍ଜାମ ଅଞ୍ଚଳର । ସେମାନଙ୍କ ନିକଟରୁ ବାଲି ଚୋରା ଚାଲାଣ ନେଇ ତଥ୍ୟ ହାସଲ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଚୋରା ବାଲି ଚାଲାଣରୁ କେତେ ଟଙ୍କା କିଏ ମୁନାଫା ପାଇଛି ଏବଂ କେଉଁଭଳି ସମ୍ପତ୍ତି ରହିଛି ସେନେଇ ଖୋଳତାଡ଼ କରୁଛି ଇଡି । କିଛି ଦିନ ପୂର୍ବରୁ ପୂର୍ବତନ ଛାତ୍ର କଂଗ୍ରେସ ନେତା ବିଶ୍ୱଜିତ ପାତ୍ରଙ୍କୁ ଦୁଇ ଦିନ ଧରି ଜେରା କରିଥିଲା ଇଡି ।

## ୧୦ ବାଂଲାଦେଶୀଙ୍କୁ ଦୁଇ ବର୍ଷ ସଜା ଶୁଣାଇଲେ କୋର୍ଟ



ଭୁବନେଶ୍ୱର, ୩।୨ (ମହାଭାରତ): ପ୍ରଥମ ଥର ପାଇଁ ଓଡ଼ିଶାରେ ବାଂଲାଦେଶ ଅନୁପ୍ରବେଶ କାରୀଙ୍କ ବିରୋଧରେ ସଜା ଶୁଣାଇଛନ୍ତି କୋର୍ଟ। ଭୁବନେଶ୍ୱର ରେଲୱେ ଷ୍ଟେସନରୁ ଗିରଫ ହୋଇଥିବା ୧୦ ଜଣ ବାଂଲାଦେଶୀ କୋର୍ଟ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ୩ମାସ ଅଧିକ ସଶ୍ରମ କାରାଦଣ୍ଡା ଦେଶ ଶୁଣାଇଛନ୍ତି କୋର୍ଟ। ୬ଜଣ ସାକ୍ଷୀ ଏବଂ ଦସ୍ତାବିଜ ଆଧାରରେ କୋର୍ଟ ଶୁଣାଣି କରିଛନ୍ତି।

ଗତ ୨୦୨୫ ମାର୍ଚ୍ଚ ୮ ତାରିଖରେ ଭୁବନେଶ୍ୱର ରେଳ ଷ୍ଟେସନରେ ଓଡିଶାକୁ ଅନୁପ୍ରବେଶ ନେଇ କ୍ରାଇମବ୍ରାଂଚ ଏସଟିଏଫ୍ ୧୦ ଜଣ ବାଲାଂଦେଶୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ବାଂଲାଦେଶୀ ଟଙ୍କା ଏବଂ ଭାରତୀୟ ଟଙ୍କା ଏବଂ ମୋବାଇଲ ଜବତ କରିଥିଲା ଏସଟିଏଫ୍। ଗିରଫ ଅଭିଯୁକ୍ତ ମାନଙ୍କୁ ଆଉ ବଂଲାଦେଶ ନ ଛାଡିବାକୁ ବଂଲାଦେଶ ହାଇ କମିସନ ଭୁବନେଶ୍ୱର କୋର୍ଟ ଏବଂ କ୍ରାଇମବ୍ରାଂଚକୁ ଲିଖିତ ଆକାରରେ ଜଣାଇଥିଲେ ବୋଲି ସରକାରୀ ଓକିଲ ରଶ୍ମି ରଞ୍ଜନ ବ୍ରହ୍ମା ସୂଚନା ଦେଇଛନ୍ତି।

## ଫକୀରମୋହନଙ୍କର ନିଜ ମାତୃଭାଷା ପ୍ରତି ଗଭୀର ପ୍ରେମ ଥିଲା : ରାଷ୍ଟ୍ରପତି

ଭୁବନେଶ୍ୱର,୩।୨ (ମହାଭାରତ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ବାଲେଶ୍ୱରଠାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗ ଦେଇଛନ୍ତି । ସେ କାର୍ଯ୍ୟକ୍ରମରେ ଉଦବୋଧନ ଦେବା ସହିତ ଏହାର ନୂତନ ଅଡିଟୋରିୟମ୍ ଉଦଘାଟନ କରିଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସ୍ମୃତିଚାରଣ କରି କହିଥିଲେ, ଛାତ୍ରାବସ୍ଥାରେ ସେ ବ୍ୟାସ କବିଙ୍କର କାଳଜୟୀ କାହାଣୀ 'ରେବତୀ' ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ। ସେହି ପ୍ରଭାବ ଏବେ ସୁଦ୍ଧା ମଳିନ ପଡ଼ିନାହିଁ। ଉନବିଂଶ ଶତାବ୍ଦୀରେ ଜଣେ ଝିଅର ଶିକ୍ଷା ଗ୍ରହଣ କରିବାର ଦୃଢ଼ସଂକଳ୍ପ ତାଙ୍କ ସାହସର ଏକ ଅଲିଭା ପ୍ରମାଣ। ରାଷ୍ଟ୍ରପତି କହିଥିଲେ, ସେ ଗୋଟିଏ ଦୂରବର୍ତ୍ତୀ ଆଦିବାସୀ ଗାଁରେ ପାଠପଢ଼ିଥିଲେ ଏବଂ ତାଙ୍କର ଦୃଢ଼ସଂକଳ୍ପ ନେଇ ଭୁବନେଶ୍ୱର ଯାଇଥିଲେ। ସେଠାରେ ସେ ତାଙ୍କର ହାଇସ୍କୁଲ ଏବଂ କଲେଜ ଶିକ୍ଷା ଶେଷ କରିଥିଲେ। ଏହିପରି ଭାବେ ଫକୀର ମୋହନ ତାଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଥିବା ଶ୍ରୀମତୀ ମୁର୍ମୁ କହିଥିଲେ।





ରାଷ୍ଟ୍ରପତି କହିଥିଲେ, ଫକୀରମୋହନଙ୍କର ନିଜ ମାତୃଭାଷା ପ୍ରତି ଗଭୀର ପ୍ରେମ ଥିଲା। ସେ ଲେଖିଯାଇଛନ୍ତି, ''ମୋ ପାଇଁ ମୋ ମାତୃଭାଷା ସବୁଠୁ ବଡ଼।'' ମାତୃଭାଷାରେ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ପାଠପଢ଼ା ସହିତ ନିଜ ପରିବେଶ, ରୀତିନୀତି ଏବଂ ସାଂସ୍କୃତିକ ପରିବେଶକୁ ଭଲ ଭାବେ ବୁଝିବାରେ ସକ୍ଷମ ହୋଇଥାଆନ୍ତି। ସେମାନେ ନିଜ ସଭ୍ୟତାର ମୂଲ୍ୟବୋଧ ଏବଂ ଜୀବନଶୈଳୀ ସହିତ ଘନିଷ୍ଠ ଭାବରେ ପରିଚିତ ହୁଅନ୍ତି ବୋଲି ରାଷ୍ଟ୍ରପତି କହିଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ ମାତୃଭାଷା ଉପରେ ଗୁରୁତ୍ୱାରୋପ କରେ ଏବଂ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଂସ୍କୃତି ସହ ଯୋଡ଼ି ହୋଇ ରହିବାକୁ ମାର୍ଗଦର୍ଶନ କରେ ବୋଲି ସେ ଜୋର ଦେଇ କହିଥିଲେ।

ରାଷ୍ଟ୍ରପତି କହିଥିଲେ, ଭାରତରେ ଜ୍ଞାନର ଏକ ସମୃଦ୍ଧ ପରମ୍ପରା ରହିଛି। ଆମର ଶାସ୍ତ୍ର ଏବଂ ପାଣ୍ଡୁଲିପି ଜ୍ଞାନ ଏବଂ ବୁଦ୍ଧିମତ୍ତାରେ ପରିପୂର୍ଣ୍ଣ। କବିତା ଏବଂ ସାହିତ୍ୟ ବ୍ୟତୀତ, ଏହା ବିଜ୍ଞାନ, ଚିକିତ୍ସା, ଜ୍ୟୋତିର୍ବିଜ୍ଞାନ ଏବଂ ସ୍ଥାପତ୍ୟ ଭଳି କ୍ଷେତ୍ରରେ ମଧ୍ୟ ଜ୍ଞାନର ଉତ୍ସ। ଯୁବ ଛାତ୍ରଛାତ୍ରୀ ଏହି ପ୍ରାଚୀନ ଜ୍ଞାନ ପରମ୍ପରାରେ ଗବେଷଣା କରିପାରିବେ। ସେ କହିଥିଲେ, ଅତୀତକୁ ବୁଝି ଏବଂ ବର୍ତ୍ତମାନକୁ ଗ୍ରହଣ କରି ବିଦ୍ୟାର୍ଥୀମାନେ ନିଜର ଏବଂ ଦେଶର ଭବିଷ୍ୟତକୁ ଗଢ଼ିପାରିବେ।

ରାଷ୍ଟ୍ରପତି ସ୍ନାତକ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, ଜ୍ଞାନ, ସମର୍ପଣ ଏବଂ ପ୍ରତିବଦ୍ଧତା ମାଧ୍ୟମରେ ସେମାନେ ସମାଜରେ ସମ୍ମାନ ଏବଂ ସ୍ୱୀକୃତି ପାଇପାରିବେ। ସେମାନେ ଯେଉଁଠାକୁ ଯାଆନ୍ତୁ ଏବଂ ଯାହା କରନ୍ତୁ ପଛେ, ପ୍ରତ୍ୟେକ ପ୍ରୟାସରେ ସଫଳତାର ଚାବିକାଠି ହେଉଛି ସମର୍ପଣ ବୋଲି ସେ ପରାମର୍ଶ ଦେଇଥିଲେ। ରାଷ୍ଟ୍ରପତି ଆହୁରି କହିଥିଲେ, ଗୋଟିଏ ସଫଳ ଜୀବନ ଏବଂ ସାର୍ଥକ ଜୀବନ ସମାନ ନୁହେଁ। ଜୀବନରେ ସଫଳ ହେବା ଭଲ, କିନ୍ତୁ ଜୀବନକୁ ସାର୍ଥକ କରିବା ଆହୁରି ଭଲ। ଖ୍ୟାତି, ପ୍ରତିଷ୍ଠା ଏବଂ ଆର୍ଥିକ ସୁରକ୍ଷା ହାସଲ କରିବା ଗୁରୁତ୍ୱପୂର୍ଣ୍ଣ। ହେଲେ ଅନ୍ୟମାନଙ୍କ ପାଇଁ ମଧ୍ୟ କିଛି କରିବା ଉଚିତ। ବିକାଶଧାରାରେ ପଛେଇ ଯାଇଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ ଏବଂ କହିଥିଲେ, ସମାଜର ବିକାଶ ସମସ୍ତଙ୍କ ବିକାଶରେ ନିହିତ।

ରାଷ୍ଟ୍ରପତି କହିଥିଲେ, ସମାଜର ସବୁ ବର୍ଗର ବିକାଶ, ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବ। ଦେଶର ସମସ୍ତ ବିଶ୍ୱବିଦ୍ୟାଳୟର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମାବେଶୀ ବିକାଶ, ନୂତନ ଉଦ୍ଭାବନ ଏବଂ ସାମାଜିକ ପରିବର୍ତ୍ତନର ମାଧ୍ୟମ ରୂପେ କାର୍ଯ୍ୟ କରିବାର ଗୁରୁଦାୟିତ୍ୱ ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ରହିଛି । ବିଶ୍ଳେଷଣାତ୍ମକ ଚିନ୍ତାଧାରା, ନୈତିକ ନେତୃତ୍ୱ ଏବଂ ସ୍ଥାନୀୟ ତଥା ଜାଗତିକ ଆହ୍ୱାନର ସମାଧାନ କରୁଥିବା ଗବେଷଣାକୁ ପ୍ରୋତ୍ସାହନ ଦେଇ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଏପରି ଏକ ଭବିଷ୍ୟତ ନିର୍ମାଣ କରିପାରିବେ ଯାହା ଦୀର୍ଘସ୍ଥାୟୀ, ନ୍ୟାୟସଂଗତ ଏବଂ ମାନବୀୟ ମୂଲ୍ୟବୋଧ ଉପରେ ଆଧାରିତ ହୋଇଥିବ। ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏହାର ଶୈକ୍ଷିକ ଦୃଷ୍ଟିକୋଣ ଏବଂ ଜନ ଭାଗିଦାରୀ ମାଧ୍ୟମରେ ଏହି ଦିଗରେ ଏକ ପରିବର୍ତ୍ତନକାରୀ ଭୂମିକା ନିର୍ବାହ କରିବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ।



# ଜୀବନଚର୍ଯ୍ୟା





## ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ



### ପରଦା ଖବର

## ଧୁରନ୍ଧର ୨’ଫିଲ୍ମର ପୋଷ୍ଟର ରିଲିଜ




ଆଜି ‘ଧୁରନ୍ଧର ୨’ର ଟିଜର ରିଲିଜ ହୋଇଛି। ଏହାରି ମଧ୍ୟରେ ଏହି ଫିଲ୍ମର ପ୍ରଥମ ପୋଷ୍ଟର ସାମ୍ନାକୁ ଆସିଛି। ଯେଉଁଥିରେ ରଣବୀର ସିଂଙ୍କୁ ଏକ ନୂଆ ଲୁକରେ ଦେଖିବାକୁ ମିଳିଛି। ଯାହା ସମସ୍ତଙ୍କୁ ଆକର୍ଷିତ କରିଛି।ଫିଲ୍ମର ନିର୍ମାତା ନିକଟରେ ରଣବୀର ସିଂଙ୍କ ‘ଧୁରନ୍ଧର ୨’ ର ପ୍ରଥମ ପୋଷ୍ଟର ରିଲିଜ କରିଛନ୍ତି। ଯେଉଁଥିରେ ଅଭିନେତାଙ୍କୁ ହିଂସାତ୍ମକ ଲୁକରେ ଦେଖିବାକୁ ପାଇଛନ୍ତି ଦର୍ଶକ। ଏହି ପୋଷ୍ଟରରେ ରଣବୀର କଳା ଜ୍ୟାକେଟ୍ ପିନ୍ଧି ବର୍ଷାରେ ଓଦା ହେଉଥିବା ଦେଖାଯାଇଛି। ଏଥିସହ ଲାଲ ରଙ୍ଗରେ ନଜର ଆସିଥିବା ଏହି ପୋଷ୍ଟରଟି ଖୁବ୍ ପ୍ରଭାବଶାଳୀ ହୋଇଛି। ପୋଷ୍ଟର ରିଲିଜ୍ କରିବା ସହିତ ନିର୍ମାତା କ୍ୟାପସନରେ ଲେଖିଛନ୍ତି ଯେ, ‘‘ଏବେ ଏହାକୁ ନଷ୍ଟ କରିବାର ସମୟ ଆସିଛି ଯ ଆଜି ଏହାର ଟିଜର ରିଲିଜ୍ ହୋଇସାରିଛି। ଏହି ଫିଲ୍ମ ୧୯ ମାର୍ଚ୍ଚରେ ସାରା ବିଶ୍ୱରେ ହିନ୍ଦୀ, ତେଲୁଗୁ, ତାମିଲ, କଣ୍ଣଡ ଏବଂ ମାଲାୟଲମ ଭାଷାରେ ରିଲିଜ୍ ହେବ। ପୋଷ୍ଟର ରିଲିଜ୍ ହେବା ପରେ ପ୍ରଶଂସକମାନେ ପ୍ରତିକ୍ରିୟା ଦେବା ଆରମ୍ଭ କରିଛନ୍ତି।

## ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ଠିକ୍ ଉପାୟ

ସୂର୍ଯ୍ୟଙ୍କ ଜଳ ଦେବାର ଠିକ୍ ତରିକା ସମ୍ପର୍କରେ ଖୁବ୍ କମ ଲୋକ ଜାଣିଥିବେ। ହେଲେ ପ୍ରାୟ ୯୦ ଭାଗ ଲୋକ ସୂର୍ଯ୍ୟଙ୍କୁ ଜଳ ବା ଅର୍ଘ୍ୟ ଦେବାର ଠିକ୍ ତରିକା ଜାଣି ନାହାଁନ୍ତି। ଆଗରୁ ମୁନି-ଋଷିମାନେ ଯେଉଁ ଉପାୟରେ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରୁଥିଲେ ତାହାକୁ ଆଧୁନିକ ଯୁଗର ଡାକ୍ତରମାନେ ମଧ୍ୟ ଠିକ୍ ବୋଲି କହିଛନ୍ତି। ଯଦି ଆମେ ସୂର୍ଯ୍ୟଙ୍କୁ ଜଳ ଦେବାର ପ୍ରକୃତ ତରିକା ନ ଜାଣିବା ଏହା ଆମକୁ ଭଲ ଫଳ ଦେବା ପରିବର୍ତ୍ତେ ଖରାପ ଫଳ ଦେଇଥାଏ।



ସୂର୍ଯ୍ୟଦେବ ଏକମାତ୍ର ଦେବତା ଯାହାଙ୍କୁ ଆମେ ଆଖିରେ ଦେଖି ପାରୁଛେ। ସୂର୍ଯ୍ୟଦେବ ପ୍ରକୃତି ଓ ଆମର ସ୍ୱାସ୍ଥ୍ୟର ଆଧାର ମଧ୍ୟ ଅଟନ୍ତି। ସୂର୍ଯ୍ୟଙ୍କର କିରଣରେ ବାକ୍ଟେରିଆ ଓ ଭାଇରସ ନଷ୍ଟ କରି ଆମକୁ ସବୁ ରୋଗରୁ ରକ୍ଷା କରିବାର ଶକ୍ତି ରହିଛି। ଆସନ୍ତୁ ଜାଣିବା ସୂର୍ଯ୍ୟଙ୍କୁ ଜଳ ଦେବାର ଠିକ୍ ନିୟମ। ସୂର୍ଯ୍ୟଙ୍କ ସପ୍ତ ରଂଗ କିରଣରୁ ଆମକୁ ଲାଭ ମିଳୁ, ଏଥିପାଇଁ ମୁନି-ଋଷିମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବାର ନିୟମ ବନାଇଛନ୍ତି। ଶାସ୍ତ୍ରରେ କୁହାଯାଇଛି ସୂର୍ଯ୍ୟଙ୍କ କିରଣ ଯେବେ ଆଖିକୁ କଷ୍ଟ ଦିଏ, ସେତେବେଳେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାର ଲାଭ ନାହିଁ। ଜଳର ଗଡୁଥିବା ଧାର ଦେଇ ସୂର୍ଯ୍ୟଙ୍କୁ ଦେଖିବାର ନିୟମ ରହିଛି। ଯାହାଦ୍ୱାରା ଜଳର ଧାରରୁ ସୃଷ୍ଟି ୭ ରଂଗର କିରଣ ଆମର ଆଖି କଳା ପୁତୁଳା ଦେଇ ଶରୀର ଗ୍ରହଣ କରେ। ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଦେବା ଦ୍ୱାରା ୭ ରଂଗ ଆମର ଶରୀର ଗ୍ରହଣ କରି ଶରୀରରେ ସକରାତ୍ମକ ଶକ୍ତି ପ୍ରବାହିତ କରିଥାଏ। ଭଗବାନ ସୂର୍ଯ୍ୟଙ୍କୁ ଜଳ ଦେବାର ଠିକ ତରିକା ଗ୍ରହଣ କରାନଗଲେ ଶରୀର ଉପରେ ଖରାପ ପ୍ରଭାବ ପଡିପାରେ। ଏହାଦ୍ୱାରା ଆଖି ମଧ୍ୟ ଖରାପ ହୋଇପାରେ। ତେଣୁ ଜଳ ଧାର ଗଡ଼ିବା ପରେ ଜଳ ଧାର ମଧ୍ୟ ଦେଇ ସୂର୍ଯ୍ୟଙ୍କୁ ଦେଖିବା ନିୟମ ରହିଛି।

## ବିବେକରୂପୀ ଜ୍ଞାନ ଦୂରକରେ ହୃଦୟର ଅନ୍ଧକାର

ଭଗବାନ ଶ୍ରୀରାମ ବେଳେ ବେଳେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଦିନେ ସତ୍‌ପୁରୁଷଙ୍କ ସହ ସତ୍‌ସଙ୍ଗ କରିବାର ମହତ୍ତ୍ୱ ବିଷୟରେ ଶ୍ରୀରାମ ପଚାରିଲେ। ତାଙ୍କୁ ବୁଝାଇବାକୁ ଯାଇ ଗୁରୁ ବଶିଷ୍ଠ କହିଲେ, ଯେପରି ଦୀପ ଅନ୍ଧାରକୁ ନଷ୍ଟ କରିଥାଏ, ସେହିପରି ବିବେକ ଜ୍ଞାନ ସମ୍ପନ୍ନ ମହାପୁରୁଷ ହୃଦୟରେ ଥିବା ଆନନ୍ଦରୂପୀ ଅନ୍ଧକାରକୁ ହଟାଇବା ଲାଗି ସମର୍ଥ ହୋଇଥାଏ। ସେଥିପାଇଁ ସମସ୍ତ ଧର୍ମଗ୍ରନ୍ଥରେ ପ୍ରତିଦିନ ସତ୍‌ସଙ୍ଗ ଏବଂ ଶାସ୍ତ୍ର ବ୍ୟାଖ୍ୟାନ କରିବା ପାଇଁ ପରାମର୍ଶ ଦିଆଯାଇଛି। ମହର୍ଷି ବଶିଷ୍ଠ ଆହୁରି କହିଥିଲେ ଯେ ବିବେକୀ ମହାପୁରୁଷମାନେ ଇନ୍ଦ୍ରିୟ ଅନୁଗ୍ରାହୀ ହୋଇଥାନ୍ତି, ବୈରାଗୀ ତଥା ପ୍ରତିକ୍ଷଣରେ ବ୍ରହ୍ମ ଚିନ୍ତନ କରିଥାନ୍ତି। ଏଭଳି ମହାପୁରୁଷଙ୍କ ଠାରେ ତମୋଗୁଣର ଅଭାବ ରହିଥାଏ, ରଜୋଗୁଣ ଠାରୁ ଏମାନେ ଦୂରରେ ରହିଥାନ୍ତି। ଏମାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ସୁଦୃଢ଼ ଥାଏ। ପୁଣ୍ୟ ବଳରେ ଏଭଳି ସତ୍‌ପୁରୁଷଙ୍କ ସାନ୍ନିଧ୍ୟ ମିଳିବା ସମ୍ଭବ। ଆନନ୍ଦ ସ୍ୱରୂପ ଆତ୍ମାର ଅନୁଭୂତି ହେବା ଦ୍ୱାରା ସାଧକ ଧନ-ସମ୍ପତ୍ତି, ଭୋଗ-ବୈଭବ ତ୍ୟାଗ କରିବା ଲାଗି ସର୍ବଦା ତତ୍ପର ରହିଥାଏ। ଏଥର ଶ୍ରୀରାମ ପଚାରିଲେ, ଗୁରୁବର, ଏଭଳି ମହାପୁରୁଷଙ୍କ ସର୍ବୋତ୍କୃଷ୍ଟ ଗୁଣ କ’ଣ ? ବଶିଷ୍ଠ କହିଲେ, ସେହି ଗୁଣର ନାମ ହେଉଛି ବିବେକ। ବିବେକ ଅଧିକାରୀ ପୁରୁଷର ହୃଦୟରୂପୀ



ଗୁମ୍ଫା ଏଭଳି ହୋଇଥାଏ, ଯେପରି ନିର୍ମଳ ଆକାଶରେ ଚନ୍ଦ୍ର। ବିବେକ ହିଁ ଅଜ୍ଞାନୀ ଜୀବକୁ ଜ୍ଞାନ ପ୍ରଦାନ କରିଥାଏ। ଜ୍ଞାନସ୍ୱରୂପ ଆତ୍ମା ହିଁ ପରମେଶ୍ୱର। ଜ୍ଞାନରୂପୀ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସଂସାର ରୂପୀ ରାତ୍ରୀ ବିତିଯାଇ ମନରେ ଥିବା ପିଶାଚ ନଷ୍ଟ ହୋଇଯାଇଥାଏ।

## ବିଶାଳାକ୍ଷୀ ଶକ୍ତିପୀଠ, ବାରାଣସୀ

ସନାତନ ଧର୍ମରେ ସର୍ବଦା ଶକ୍ତିଙ୍କୁ ଉପାସନା କରାଯାଇଆସିଛି। ସେଥିପାଇଁ କୌଣସି ଦେବତାଙ୍କ ନାମ ଉଚ୍ଚାରଣ ପୂର୍ବରୁ ପ୍ରଥମେ ସେମାନଙ୍କ ଶକ୍ତିଙ୍କ ନାମ ନିଆଯାଇଥାଏ। ‘କୃଷ୍ଣ ଚରିତ୍ର’ରେ ଥିବା ବର୍ଣ୍ଣନା ଅନୁଯାୟୀ, ଶ୍ରୀକୃଷ୍ଣଙ୍କ ଦିନଚର୍ଯ୍ୟାରେ ମା’ ଦୁର୍ଗାଙ୍କ ଉପାସନା ସମ୍ମିଳିତ ଥିଲା। ଶ୍ରୀରାମ ମଧ୍ୟ ରାବଣ-ବଧ ପୂର୍ବରୁ ଶକ୍ତିପୂଜା କରିଥିଲେ। ବୈଦିକ ସାହିତ୍ୟ ବିଶେଷ କରି ଯଜୁର୍ବେଦ ଏବଂ ଅଥର୍ବବେଦରେ ଶକ୍ତିପୂଜାର ଉଲ୍ଲେଖ ରହିଛି। ଉପନିଷଦ୍‌ରେ ମଧ୍ୟ ଶକ୍ତିପୂଜାକୁ ଗୁରୁତ୍ୱ ଦିଆଯାଇଛି। ପୁରାଣରେ ତ’ ସର୍ବତ୍ର ଶକ୍ତିଙ୍କ ମହତ୍ୱ ବର୍ଣ୍ଣନା କରାଯାଇଛି। ପୌରାଣିକ ଆଖ୍ୟାନ ଅନୁଯାୟୀ ଭଗବାନ ଶିବଙ୍କ ଅପମାନରେ କ୍ରୋଧିତ ହୋଇ ଦେବୀ ସତୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞକୁଣ୍ଡରେ ନିଜକୁ ଆହୂତି ଦେଲେ। ଏହାପରେ ଭଗବାନ ଶିବ ଅତ୍ୟନ୍ତ କ୍ରୋଧିତ ହୋଇପଡ଼ିଥିଲେ। ସେ ଦେବୀ ସତୀଙ୍କ ଶରୀରକୁ ନେଇ ସମଗ୍ର ବ୍ରହ୍ମାଣ୍ଡରେ ଘୁରିବୁଲିବାକୁ ଲାଗିଲେ। ଏହି ସମୟରେ ଶ୍ରୀହରି ବିଷ୍ଣୁ ନିଜ ସୁଦର୍ଶନ ଚକ୍ର ପ୍ରେରଣ କରି ସତୀଙ୍କ ଶରୀରକୁ କାଟି ଖଣ୍ଡ ଖଣ୍ଡ କରିଦେଇଥିଲେ। ଦେବୀ ଶକ୍ତିଙ୍କ



ଅଙ୍ଗ ଯେଉଁଠି ଖସିପଡ଼ିଥିଲା, ସେସବୁ ସ୍ଥାନ ଶକ୍ତିପୀଠ ନାମରେ ପ୍ରସିଦ୍ଧ ହୋଇଥିଲା। ଏଠାରେ କିଛି ଶକ୍ତିପୀଠ ସମ୍ପର୍କରେ ସୂଚନା ଦିଆଗଲା। କାଶୀରେ ଭଗବାନ ଶିବଙ୍କ ଉପାସନା ସହିତ ଶକ୍ତିର ଅଧିଷ୍ଠାତ୍ରୀ (ମାତା)ଙ୍କର ମଧ୍ୟ ପୂଜା କରାଯାଇଥାଏ। ଅଷ୍ଟ ଭୈରବ, ଛପନ ବିନାୟକଙ୍କ ସହିତ ୯ ଦେବୀ ଏବଂ ୯ ଗୌରୀଙ୍କୁ ମଧ୍ୟ ପୂଜା କରାଯାଏ। ଏମାନଙ୍କ ମଧ୍ୟରୁ ଜଣେ ବିଶାଳାକ୍ଷୀ ଗୌରୀ ନାମରେ ପ୍ରସିଦ୍ଧ। ତାଙ୍କର ମନ୍ଦିର ଗଙ୍ଗା ନଦୀ ତଟ ତଥା ଶ୍ରୀକାଶୀ ବିଶ୍ୱନାଥଙ୍କ ମନ୍ଦିର ନିକଟସ୍ଥ ମୀରଘାଟରେ ରହିଛି। ଲୋକ ବିଶ୍ୱାସ ଅନୁଯାୟୀ, ଏଠାରେ ଦେବୀ ସତୀଙ୍କ ମୁଖମଣ୍ଡଳ ଖସିପଡ଼ିଥିଲା। ଶ୍ରଦ୍ଧାଳୁମାନେ ବିଶ୍ୱାସ କରିଥାନ୍ତି ଯେ ଆଜି ମଧ୍ୟ ଦେବାଦିଦେବ ମହାଦେବ ଏହି ଶକ୍ତିପୀଠକୁ ପ୍ରତିଦିନ ବିଶ୍ରାମ କରିବା ଲାଗି ଆସିଥାନ୍ତି। ସେଥିପାଇଁ ପୂଜାରୀ ମନ୍ଦିରରେ ପଲଙ୍କ ସଜାଇଥାନ୍ତି।

ଏହି ଶକ୍ତିପୀଠର ଇତିହାସ, କାଶୀ ନଗରୀ ପ୍ରତିଷ୍ଠା ହେବା ପୂର୍ବରୁ। ମନ୍ଦିରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କରିବା ମାତ୍ରେ ବିଶାଳାକ୍ଷୀ ଦେବୀଙ୍କ ଗର୍ଭଗୃହ ରହିଛି। ଏଠାରେ ଅଷ୍ଟଧାତୁରେ ନିର୍ମିତ ମହାଲକ୍ଷ୍ମୀ, ନବଗ୍ରହ ଏବଂ ବିଶାଳେଶ୍ୱର ମହାଦେବଙ୍କ ବିଗ୍ରହ ବିରାଜମାନ। ୧୯୦୮ ମସିହାରେ ନାଟ୍‌କୋଟି ଚେଟ୍ଟିଆର ଟ୍ରଷ୍ଟ ଏହି ମନ୍ଦିରକୁ ଦ୍ରାବିଡ଼ୀୟ ଶୈଳୀରେ ନବନିର୍ମାଣ କରିଥିଲା। ଛାତ ଉପରେ ନବଗ୍ରହଙ୍କ ଚିହ୍ନ ମଧ୍ୟ ଚିତ୍ରିତ କରାଯାଇଥିଲା।

ମହନ୍ତ ରାଜନାଥ ତିୱାରୀ ସୂଚନା ଦିଅନ୍ତି ଯେ ଭଗବତୀଙ୍କୁ ଧୂପ, ଦୀପ, ପୁଷ୍ପହାର, ମୋତି ଆଭୂଷଣ, ନବୀନ ବସ୍ତ୍ର ସହିତ କୁଙ୍କୁମ ମଧ୍ୟ ଅର୍ପଣ କରାଯାଇଥାଏ। ଭକ୍ତଜନଙ୍କୁ ପ୍ରସାଦ ସ୍ୱରୂପ କୁଙ୍କୁମ ଦିଆଯାଏ। ଭକ୍ତଗଣ ଏଠାରେ ଦାନ, ଜପ ଏବଂ ଯଜ୍ଞ ମଧ୍ୟ କରିଥାନ୍ତି।

ମନ୍ଦିର ସକାଳୁ ୪ଟା ୩୦ମିନିଟ୍‌ରେ ଖୋଲିଥାଏ ଏବଂ ରାତି ସାଢ଼େ ୧୦ଟାରେ ପହଡ଼ ପଡ଼ିଥାଏ। ପ୍ରତିବର୍ଷ ଭାଦ୍ରବମାସ କୃଷ୍ଣ ପକ୍ଷର ତୃତୀୟା ତିଥିରେ ମାତାଙ୍କ ବାର୍ଷିକ ଶୃଙ୍ଗାର ଏବଂ ପ୍ରତ୍ୟେକ ୧୨ ବର୍ଷରେ ଥରେ କୁମ୍ଭାଭିଷେକ କରାଯାଇଥାଏ।

## ଓଜନ ହ୍ରାସ କରିବ ଲାଉ ଜୁସ

ଲାଉ ଶରୀର ପାଇଁ ବହୁତ ଉପକାରୀ। ଲାଉରେ ଜଳୀୟ ଅଂଶ, ଭିଟାମିନ ସି ଏବଂ କ୍ୟାଲସିୟମ୍ ଭରପୂର ମାତ୍ରାରେ ଥାଏ। ଲାଉ ଜୁସରୁ ଶରୀରକୁ ମିଳୁଥିବା ଫାଇଦା ବିଷୟରେ ଆସନ୍ତୁ ଜାଣିବା। ଲାଉକୁ ଜୁସ କରି ପିଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ। କୋଲେଷ୍ଟ୍ରଲ ହ୍ରାସ ପାଇଁ ସକାଳୁ ସକାଳୁ ୨୦୦ଗ୍ରାମ ଲାଉ ଜୁସ୍ ପିଅନ୍ତୁ। ନିୟମିତ ୨ମାସ କରିବା ପରେ କୋଲେଷ୍ଟ୍ରଲ ହ୍ରାସ ପାଇଥାଏ। ଲାଉ ଖାଇବା ଦ୍ୱାରା ପାଚକ ତନ୍ତ୍ର ମଜବୁତ୍ ହୋଇଥାଏ। ଯେଉଁ ଲୋକମାନଙ୍କର ଗ୍ୟାସ ବା କୋଷ୍ଠକାଠିନ୍ୟ ସମସ୍ୟା ରହିଛି ସେମାନଙ୍କ ପାଇଁ ଲାଉ ଲାଭଦାୟକ ସାବ୍ୟସ୍ତ ହୋଇଥାଏ। ସପ୍ତାହକୁ ୩ଥର ଲାଉର ଜୁସ୍ ପିଇବା ଦ୍ୱାରା ପେଟ ଜନିତ ସମସ୍ୟା ଦୂର ହୋଇଥାଏ। ନିଦ୍ରାହୀନତା ଭୋଗୁଥିବା ରେରାଗୀ ପାଇଁ ଲାଉ ଅନେକ ଉପକାରୀ। ଯଦି ଆପଣ ଆପଣଙ୍କ ଓଜନ କମ କରିବାକୁ ଚାହୁଁଛନ୍ତି। ତେବେ ପ୍ରତିଦିନ ସକାଳୁ ଖାଲି ପେଟରେ ଲାଉର ଜୁସ୍ ପିଅନ୍ତୁ। ଲିଭର ସମସ୍ୟା ଦୂର କରିବା ପାଇଁ ଲାଉ ଏବଂ ଅଦାର ଜୁସ୍ ତିଆରି କରି ପିଅନ୍ତୁ। ଲାଉ ରସକୁ ତେଲରେ ମିଶାଇ ମୁଣ୍ଡରେ ଲଗାଇବା ଦ୍ୱାରା କେଶ ଝଡୁଥିବା ସମସ୍ୟାରୁ ରକ୍ଷା ମିଳେ। ଏହାସହ ଧଳା ହୋଇଯାଉଥିବା କେଶ ପାଇଁ ମଧ୍ୟ ଲାଉ ଜୁସ୍ ବହୁତ ଉପକାରୀ। ଆଜିକାଲି ହୃଦ ରୋଗରେ ପୀଡିତଙ୍କ ସଂଖ୍ୟା ବଢୁଥିବାରୁ ଦେଖିବାକୁ ମିଳୁଛି। ଅନୁଚିତ ଆହାର ଓ



ଜୀବନଶୈଳୀରେ ପରିବର୍ତ୍ତନ ଏହାର ପ୍ରମୁଖ କାରଣ। ତେଣୁ ହୃଦୟକୁ ସୁସ୍ଥ ରଖିବା ପାଇଁ ଗୋଟେ କପ୍ ଲାଉ ଜୁସରେ ଟିକେ ଗୋଲମରିଚ ଏବଂ ସାମାନ୍ୟ ପୁଦିନା ରସକୁ ପକାଇ ନିୟମିତ ପିଇବା ଦରକାର। ମୁଣ୍ଡରେ ରୁପି ହେଉଥିଲେ ଏହାକୁ ଅଳାଁ ରସ ସହ ମିଶାଇ ପିଇଲେ ଏହା ଦୂର ହୋଇଥାଏ। ଦୁଶ୍ଚିନ୍ତା ତଥା ମାନସିକ ଚାପରୁ ରକ୍ଷା ପାଇବାକୁ ହେଲେ ଏହାକୁ ଖାଆନ୍ତୁ। ଲାଉରେ ଥିବା ପିତ୍ତଶାମକ ଗୁଣ ଶରୀରକୁ କେବଳ ଥଣ୍ଡା ରଖେ ନାହିଁ ଏହା ମସ୍ତିଷ୍କକୁ ମଧ୍ୟ ଶାନ୍ତ ରଖିଥାଏ। ପ୍ରତିଦିନ ଖାଲି ପେଟରେ ଲାଉ ଜୁସ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ଦୂର କରେ। ଖାଲି ସେତିକି ନୁହେଁ ପରିଶ୍ରାରେ ଅମ୍ଳର ମାତ୍ରା ବଢି ପରିଶ୍ରା ଜଳାପୋଡା କରିଥାଏ। ସକାଳୁ ଲାଉ ରସ ପିଇଲେ ପରିଶ୍ରାରୁ ଅମ୍ଳର ମାତ୍ରା ହ୍ରାସ ପାଇଥାଏ। ଲାଉରେ ପ୍ରାୟ ୯୦ପ୍ରତିଶତ ଜଳ ରହିଛି। ଅତ୍ୟଧିକ ଜଳ ଥିବା କାରଣରୁ ଏହା ଶରୀରକୁ ଶୀତଳତା ପ୍ରଦାନ କରିଥାଏ। ପରିଶ୍ରା ଜଳାପୋଡା ହେଉଥିଲେ ମଧ୍ୟ ଏହା ତାକୁ ଭଲ କରିଥାଏ ଲାଉ।

# ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର,୩।୨ (ମହାଭାରତ):** ଜୀବନରେ ପ୍ରକୃତ ସଫଳତା ପଦବୀ, କ୍ଷମତା କିମ୍ବା ସମ୍ପତିରେ ନୁହେଁ, ବରଂ ସାଧୁତା, କରୁଣା, ନମ୍ରତା ଏବଂ ସେବାରେ ନିହିତ ଓ ଜଣେ ଭଲ ମଣିଷ ହେବା ସର୍ବୋଚ୍ଚ ସଫଳତା ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଶନିବାର ଦିନ କଟକ ଟାଙ୍ଗୀଠାରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତନ ଉତ୍ସବକୁ ସମ୍ବୋଧିତ କରି ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ସ୍ନାତକମାନେ ଚରିତ୍ର ଏବଂ ଶୈକ୍ଷିକ ଉତ୍କର୍ଷତାକୁ ସମାନ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ । ରାଜ୍ୟପାଳ କହିଥିଲେ ଯେ, ମୂଲ୍ୟବୋଧ ବିନା ଜ୍ଞାନ ଅସମ୍ପୂର୍ଣ୍ଣ । ସଚ୍ଚୋଟତା, ସହାନୁଭୂତି ଏବଂ ଦାୟିତ୍ୱବୋଧକୁ ନିଜ ବ୍ୟକ୍ତିଗତ ଏବଂ ବୃତିଗତ ଜୀବନରେ ଆପାଣେଇବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ । ସ୍ନାତକମାନଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ ଏହି ସମାବର୍ତନ ଉତ୍ସବକୁ ସଫଳତା, ପ୍ରତିଫଳନ ଏବଂ ନୂତନ ଆରମ୍ଭର




ଏକ ମୁହୂର୍ତ ଭାବରେ ବର୍ଣ୍ଣନା କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଏହି ସମାରୋହ ମାର୍ଗଦର୍ଶିତ ଶିକ୍ଷାରୁ ସ୍ୱାଧୀନ ଦାୟିତ୍ୱ ଏବଂ ଛାତ୍ର ଜୀବନରୁ ବୃତିଗତ ଏବଂ ନାଗରିକ ଜୀବନକୁ ପରିବର୍ତନର ସୂଚନା ଦିଏ।

ସମାବର୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତର ପୂର୍ବତନ ବୈଦେଶିକ ସଚିବ ଡକ୍ଟର ଲଳିତ ମାନସିଂହଙ୍କ ଉପସ୍ଥିତି ପାଇଁ ରାଜ୍ୟପାଳ ଆନନ୍ଦ ପ୍ରକାଶ କରିଥିଲେ ଏବଂ ଭାରତର ବୈଦେଶିକ ନୀତି ଏବଂ ବିଶ୍ୱ ସ୍ଥିତିରେ ତାଙ୍କର ମହତ ଅବଦାନକୁ ପ୍ରଶଂସା କରିଥିଲେ। ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ତୁଳସୀ ମୁଣ୍ଡା ଏବଂ ଦମୟନ୍ତୀ ବେଶ୍ରାଙ୍କୁ ସମ୍ମାନଜନକ ଡିଗ୍ରୀ ପ୍ରଦାନ କରାଯାଇଥିବାରୁ ରାଜ୍ୟପାଳ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନେ ସେବା, ଶିକ୍ଷା, ସାମାଜିକ ସଂସ୍କାର ଏବଂ ଆଦିବାସୀ ସଂସ୍କୃତି ଏବଂ ପରିଚୟର ସଂରକ୍ଷଣର ପ୍ରେରଣାଦାୟକ ପ୍ରତୀକ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ଜାତୀୟ ଶିକ୍ଷା ନୀତି ୨୦୨୦କୁ ବହୁମୁଖୀ ଶିକ୍ଷା, ଦକ୍ଷତା ବିକାଶ, ନୈତିକତା ଏବଂ ସାମଗ୍ରିକ ଅଭିବୃଦ୍ଧିରେ ଏକବିଂଶ ଶତାବ୍ଦୀର ଚ୍ୟାଲେଞ୍ଜ ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ପାଇଁ ଏକ ଦୂରଦୃଷ୍ଟିପୂର୍ଣ୍ଣ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦କୁ ଆପଣେଇଥିବରୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରି ଏକକ ଇଞ୍ଜିନିୟରିଂ କାର୍ଯ୍ୟକ୍ରମରୁ ଏକ ପ୍ରତିଷ୍ଠିତ ବହୁମୁଖୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏହାର ଯାତ୍ରାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ସ୍ନାତକମାନେ ଜୀବନବ୍ୟାପୀ ଶିକ୍ଷା ଗ୍ରହଣ କରିବାକୁ, ସାହସର ସହିତ ବିଫଳତାକୁ ସାମ୍ନା କରିବାକୁ, ସଫଳତାକୁ ନମ୍ରତାର ସହିତ ବ୍ୟବହାର କରିବାକୁ ଏବଂ ବୃହତର ମଙ୍ଗଳ ପାଇଁ ସେମାନଙ୍କର ଦକ୍ଷତା ବ୍ୟବହାର କରି ବିକଶିତ ଓଡିଶା ଓ ବିକଶିତ ଭାରତ ଦୃଷ୍ଟିକୋଣରେ ଯୋଗଦାନ ରଖିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଭାରତର ପୂର୍ବତନ ବୈଦେଶିକ ସଚିବ ଡକ୍ଟର ଲଳିତ ମାନସିଂହ ମଧ୍ୟ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରଥିଲେ।

# ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କ ଜନ୍ମ ଶତବାର୍ଷିକୀ

**ଭୁବନେଶ୍ୱର,୩।୨ (ମହାଭାରତ):** ପଦ୍ମଚରଣ ନାୟକ ଜନ୍ମ ଶତବାର୍ଷିକୀ ସମିତି ପକ୍ଷରୁ ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅନୁଷ୍ଠିତ ହୋଇଛି।

ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ଡ. ପ୍ରଭାତ ପଟ୍ଟନାୟକ ଯୋଗଦେଇ ଭାରତରେ ଅର୍ଥନୈତିକ ଅଧିକାରର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ, ପ୍ରତେକ ଲୋକର ଏକ ସର୍ବନିମ୍ନ ମୌଳିକ ଆୟ ରହିବା ଉଚିତ। ଜନସାଧାରଣଙ୍କୁ ଟଙ୍କା ଦାନ କରିବା ଗଣତନ୍ତ୍ର ବିରୋଧୀ।

ବରେଣ୍ୟ ଅତିଥି ଭାବେ ଆମ ଓଡିଶାର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ସାସଂଦ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ, ପ୍ରତ୍ୟେକ ପରିବାର ସଚେତନ ହେଲେ ଓଡିଶା ନିଶାମୁକ୍ତ ହୋଇପାରିବ ବୋଲି କହିଥିଲେ।

ସମାରୋହରେ ଅତିଥି ମାନଙ୍କ ଦ୍ୱାରା



ପୁସ୍ତକ ପଦ୍ମଚରଣଙ୍କ ଲେଖନୀରୁ ନିର୍ବାଚିତ ସ୍ତମ୍ଭ "ନିର୍ଯାସ" ଉନ୍‌ମୋଚିତ ହୋଇଥିଲା । ଶତବାର୍ଷିକୀ ସମିତି ସହିତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ପକ୍ଷରୁପଦ୍ମଚରଣ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତର ଦେଇ ପଦବାବୁ କହିଥିଲେ, ୧୦୦ ବର୍ଷ ବଞ୍ଚିବା ବଡ କଥା ନୁହେଁ ଅନ୍ଦୋଳନ ଅଧିକ ଚାଲିଲେ ଅଧିକ ଦିନ ବଞ୍ଚିବି । ଶତବାର୍ଷିକୀ ସମିତିର ଅଧକ୍ଷ ପଞ୍ଚାନନ କାନୁନଗୋ ବୈଠକରେ ଅଧକ୍ଷତା କରିଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ସମିତିର ଆବାହକ ଦିଲ୍ଲୀପ ଦାଶଶର୍ମା । ପ୍ରାଧ୍ୟାପିକା ପ୍ରିୟମ୍ବଦା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ପୁର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, କଂଗ୍ରେସନେତା ନିରଞ୍ଜନ ପଟ୍ଟନାୟକ, ନଟବର ଖୁଣ୍ଟିଆ ପୁର୍ବତନ ପ୍ରଶାସକ ସଂଞ୍ଜିବ ହୋତା ଓ ଅରବିନ୍ଦ ବେହେରା ପ୍ରମୁଖ ଶତାଧିକ ଶୁଭେଚ୍ଛୁ ଯୋଗ ଦେଇଥିଲେ ।

# ଶାରଳା ଦାସଙ୍କ ପୂଣ୍ୟ ତିଥି ପାଳିତ

**ଭୁବନେଶ୍ୱର,୩।୨ (ମହାଭାରତ):** ଓଡ଼ିଆ ସାହିତ୍ୟର ପ୍ରାଣପ୍ରତିଷ୍ଠାତା, ଶୂଦ୍ରମୁନି ଆଦିକବି ଶାରଳା ଦାସଙ୍କ ପବିତ୍ର ପୂଣ୍ୟ ତିଥି ଅବସରରେ ଏକ ଭବ୍ୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି।



'ଆଦିକବି ସାରଳା ଦାସ ବିକାଶ ପରିଷଦ, ଓଡ଼ିଶା' ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଚିକିତ୍ସକ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପର୍ଶୁରାମ ଦ୍ୱିବେଦୀ ଯୋଗଦେଇଥିବା ବେଳେ ବରିଷ୍ଠ ଲେଖକ ମନୋଜ କୁମାର ମହାପାତ୍ର ମୁଖ୍ୟ ଅତିଥି ଏବଂ ଜଗବନ୍ଧୁ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଶ୍ରୀ ମିଶ୍ର ନିଜ ଅଭିଭାଷଣରେ କହିଥିଲେ ଯେ, ସାରଳା ସାହିତ୍ୟ ହେଉଛି ଓଡ଼ିଆ। ଜାତିର ଜୀବନ ବେଦ। ଏହା କେବଳ କାବ୍ୟ ନୁହେଁ, ବରଂ ଓଡ଼ିଆ। ଅସ୍ମିତାର ପରିଚୟ ଏହି ମହାନ୍ ସାହିତ୍ୟକୁ ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁ ସ୍ତରର ପାଠ୍ୟକ୍ରମରେ ସ୍ଥାନିତ କରିବା ସହ ଏହାର ବ୍ୟାପକ ପ୍ରଚାର ପ୍ରସାର କରିବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ନିଜର ବକ୍ତବ୍ୟରେ କହିଥିଲେ ଯେ ସାରଳା ଦାସ ହିଁ ଓଡ଼ିଆ। ଭାଷା ଓ ସାହିତ୍ୟକୁ ପ୍ରଥମେ ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥିଲେ।ସଭା ଆରମ୍ଭରେ ସଂପାଦକ ସୁକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆବାହକ ବିଶିଷ୍ଟ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରି ସୁଚାରୁ ରୂପେ ସଭା ପରିଚାଳନା କରିଥିଲେ। ସୁରେଶ ଚନ୍ଦ୍ର ମହାନ୍ତି ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମାଜସେବା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସଭାରେ ଇଂ. ଭକ୍ତିରଞ୍ଜନ ମହାନ୍ତି, ଅକ୍ଷୟ କୁମାର ପରିଜା ଏବଂ ସାରଦା ଚରଣ ସ୍ବାଇଁଙ୍କୁ ସମ୍ମାନିତ କରାଯାଇଥିଲା ଆରତୀ କର ମାନପତ୍ର ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଇଂ. ସୁବାସ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ସୁଷମା ମହାପାତ୍ର, ମମତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍‌ର ନୂତନ ଛାତ୍ରଛାତ୍ରୀଙ୍କ ଶପଥ ପାଠ

**ଭୁବନେଶ୍ୱର,୩।୨ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି)ର ୨୦୨୫-୨୬ ବ୍ୟାଚ୍‌ର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଓ କଲେଜର ବାର୍ଷିକ ଉତ୍ସବ ଏଠାରେ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ନର୍ସମାନେ ହେଉଛନ୍ତି ତ୍ୟାଗ ଓ ସେବାର ପ୍ରତୀକ। ତାଙ୍କ ହାତରେ ମଣିଷର ଜୀବନ ନିର୍ଭର କରେ। ତେଣୁ ସେମାନେ ଯତ୍ନର ସହ ରୋଗୀ ସେବା କରିବା ଆବଶ୍ୟକ। ଏହା ଏକ ମହତ ବୃତି ଯାହାକୁ ତୁଲାଇବାକୁ ହେଲେ ନିଜ ଭିତରେ ଦୟା, କରୁଣା ଓ ସେବା ମନୋବୃତି ରଖିବା ଜରୁରୀ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବି, ସ୍ୱେଚ୍ଛାସେବୀ ତଥା ମା'ଘର ଫାଉଣ୍ଡେସନ୍ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଶ୍ରୀମତି ରତ୍ନପୂର୍ଣ୍ଣା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। କ୍ଲାସ୍ ରୁମ୍ ପାଠ ସହ କ୍ଲିନିକାଲ୍ ଶିକ୍ଷାର ମଧ୍ୟ ଅନେକ ଗୁରୁତ୍ୱ ରହିଛି। ତେଣୁ ସାବଧାନତାର ସହ ରୋଗୀ ସେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସତ୍ୟ, ନିଷ୍ଠା, ସକାରାତ୍ମକ ଚିନ୍ତାଧାରା, ନିଃସ୍ୱାର୍ଥପର ମନୋଭାବ, ଧର୍ମପରାୟଣତା, ଶୃଙ୍ଖଳିତ ଓ ସେବା ମନୋଭାବ ସହ ନିଜର କାର୍ଯ୍ୟ ପ୍ରତି



ସମର୍ପିତ ହୋଇ ସେବା କରିବା ଜରୁରୀ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ନିର୍ଦ୍ଦେଶିକା ତଥା ଲେଖିକା ଶ୍ରୀମତି ବିୟତପ୍ରଜ୍ଞା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜ ବକ୍ତବ୍ୟ ପ୍ରସଙ୍ଗରେ କହିଥିଲେ ଯେ ପ୍ରତ୍ୟେକ ଚିକିତ୍ସାଳୟରେ ନର୍ସମାନଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ସ୍ନେହ, ଦୟା ମନୋଭାବ, ମଣିଷପଣିଆ ଓ ଯତ୍ନ ନେବା ଶିକ୍ଷା କରିବା ଆବଶ୍ୟକ ବୋଲି ସେ କହିଥିଲେ। ନର୍ସମାନଙ୍କୁ ସ୍ୱାସ୍ଥ୍ୟକ୍ଷେତ୍ରର ମେରୁଦଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ। ସ୍ୱାସ୍ଥ୍ୟକ୍ଷେତ୍ରରେ ଡାକ୍ତର ଓ ନର୍ସମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ହସ୍ପିଟାଲରେ ଭର୍ତି ହେବା ଠାରୁ ସଂପୂର୍ଣ୍ଣ ରୂପରେ ସୁସ୍ଥ ହୋଇ ଘରକୁ ଫେରିବା ପର୍ଯ୍ୟନ୍ତ ରୋଗୀ ସହିତ ନର୍ସ ଓତଃପ୍ରୋତ ଭାବରେ ଜଡିତ ହୋଇ ରହିଥାଏ। ତେଣୁ ରୋଗୀଟିର ମୁହଁରେ ହସ ଫୁଟେଇବାରେ ନର୍ସ ସହାୟକ ହୋଇଥାଏ ବୋଲି ଶ୍ରୀମତି ତ୍ରିପାଠୀ କହିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ସ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର (ଡକ୍ଟର) ଆଶା ପି. ସେଟ୍ଟୀ ବୃତିଗତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ କୋଭିଡ୍ ସମୟରେ ନର୍ସମାନେ ଯୋଦ୍ଧା ପରି ଅହରହ ଭାବେ ସେବା କରି ଚାଲିଥିଲେ। ଏହା ଏକ ମହାନ ବୃତି। ଏହି ବୃତିକୁ ଚୟନ କରିଥିବାରୁ ସେ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏଥିରେ ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏସ୍‌ଏନ୍‌ସି-୧ର ଡିନ୍ ପ୍ରଫେସର ସସ୍ମିତା ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଏନ୍‌ସି-୧ର ଆଡିସ୍‌ନାଲ୍ ଡିନ୍ ପ୍ରଫେସର ତପତି ସାହା ବକ୍ତବ୍ୟ ରଖିଥିବା ବେଳେ ଆସୋସିଏଟ୍ ପ୍ରଫେସର ଦେବଜାନୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗଲ୍‌ଙ୍କ ଶପଥ ପାଠ କରାଇଥିଲେ।

# ପଦ୍ମ ଧରିଲେ କଂଗ୍ରେସ ନେତା ଓ କର୍ମୀ

**ଭୁବନେଶ୍ୱର,୩।୨ (ମହାଭାରତ):** ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ଏବଂ ବିଜେପିର ଅନ୍ୟ ନାମ ହେଉଛି ବିକାଶ। ଓଡ଼ିଶାରେ ଏକାକୀ ସରକାର ଗଠନ କରିବା ଦିନରୁ ସଂକଳ୍ପପତ୍ରରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା ସେଥିରୁ ଅଧିକାଂଶ ବିଜେପି ପୂରଣ କରିସାରିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ଅନ୍ୟ ପଟେ କଂଗ୍ରେସ ଦେଶ ଓ ରାଜ୍ୟବାସୀଙ୍କ ଜନବିଶ୍ୱାସ ହରାଇଛି । କଂଗ୍ରେସ ନେତା ଓ କର୍ମୀ ବିଜେପି ମୁହାଁ ହେବାରେ ଲାଗିଛନ୍ତି। ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ରାୟଗଡ଼ା



ଜିଲ୍ଲାର ଅନେକ କଂଗ୍ରେସ ନେତା ଓ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଏବଂ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ଅଭିନାଶ ଗମାଙ୍ଗୋ ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗଦାନ କରିଛନ୍ତି। ଏହି ଅବସରରେ ରାୟଗଡା ଗୁଣୁପୁର ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ନେତ୍ରୀ ରୁନା ବାଉରୀ, କରୁଣାକର ଶବର, ସଞ୍ଜୀବ କୁମାର ଶବର, ବରିଷ୍ଠ ନେତା ଅମର କୁମାର ଶବର, ପିତାମ୍ୱତ ଶବର, ମୂରଲୀ ଶବର, ଜଳନ୍ଧର ଶବର, ବରିଷ୍ଠ ନେତ୍ରୀ ଗୌରୀ ଶବର, ରଶ୍ମିତା ଶବର, ବବି ଶବର, ହାରାବତୀ ଶବର, ଯୁବନେତା ଶିବ ଖିଲା, ବାବୁଲି ଖିଲା, ଆଦର୍ଶ ନାୟକ, ମୋସେସ ପିତାର ନାଗ, ରାହୁଲ ଖିଲା, ବିପିନ ଖରା, ସୁଶୀଲ ଗୁଂଠ, ଜେମ୍ସ ଖରା, ଆକାଶ ଚପାଡି ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି ।ଆଜି ଏହି ମିଶ୍ରଣ ଦ୍ୱାରା ରାୟଗଡ଼ା ଜିଲ୍ଲାରେ ଦଳୀୟ ସଂଗଠନ ବୃଦ୍ଧି ପାଉଛି । ସମସ୍ତେ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦିକା ସ୍ମୃତି ପଟ୍ଟନାୟକ, ରାୟଗଡା ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ବିଧାୟକ କେ.ନାରାୟଣ ରାଓ, ରାୟଗଡା ଜିଲ୍ଲା ସଭାପତି ଗୋପି ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ପଳାତକ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୩।୨ (ମହାଭାରତ):** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଜଣେ ପଳାତକ ଅଭିଯୁକ୍ତକୁ ପଶ୍ଚିମବଙ୍ଗରୁ ଗିରଫ କରିଛି । ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜାଲିଆତି ମାମଲାରେ ନଦିଆରୁ ତନ୍ମୟ ମିର୍ଦ୍ଧାକୁ ଗିରଫ କରାଯାଇଛି।। ଅଭିଯୁକ୍ତ ତନ୍ମୟ ମିର୍ଦ୍ଧା କୋଲକାତାର ମେସର୍ସ ଏକ୍ସପ୍ରେସ୍ କଲଟିଭେସନ୍ ଲିମିଟେଡର ନିର୍ଦ୍ଦେଶକ ଅଟନ୍ତି । ନିବେଶ ବାହାନାରେ ପ୍ରାୟ ୨.୧ କୋଟି ଟଙ୍କା ଜାଲିଆତି କରି ଲୋକଙ୍କୁ ଠକିଥିଲେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଚିଟ୍‌ଫଣ୍ଡ ସମ୍ପର୍କିତ ମାମଲାର ତଦନ୍ତ ପାଇଁ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସିବିଆଇ ୨୩ ଜୁନ ୨୦୨୦ରେ ଏହି ମାମଲା ରୁଜୁ କରିଥିଲା। ତଦନ୍ତ ସମାପ୍ତ ହେବା ପରେ ସିବିଆଇ ୪ ଫେବ୍ରୁଆରୀ ୨୦୨୨ ରେ ଚାର୍ଜସିଟ୍ ଦାଖଲ କରିଥିଲା। ଅଭିଯୁକ୍ତ ତଦନ୍ତରେ ସହଯୋଗ ଦେଇ ନଥିଲେ। ତାଙ୍କୁ ପଳାତକ ଘୋଷଣା କରାଯାଇଥିଲା।

# କଟକରେ ମହିନ୍ଦ୍ରାର ଟ୍ରକ୍ ଏବଂ ବସ୍ ଡିଲରସିପ୍

**ଭୁବନେଶ୍ୱର,୩।୨ (ମହାଭାରତ):** ଗତ ୪ ବର୍ଷ ମଧ୍ୟରେ ଦ୍ରୁତ ଅଭିବୃଦ୍ଧି ହାସଲ କରିବା ପରେ, ମହିନ୍ଦ୍ରାର ଟ୍ରକ୍ ଏବଂ ବସ୍ ବ୍ୟବସାୟ ଆଜି ଓଡ଼ିଶାର କଟକରେ ୬ଟି ସର୍ଭିସ୍ ବେସ ସହିତ ଏହାର ଅତ୍ୟାଧୁନିକ ୩ଏସ୍ ଡିଲରସିପ୍ ଉଦଘାଟନ କରିଛି, ଏହି ସୁବିଧା ପ୍ରତିଦିନ ୮ ରୁ ଅଧିକ ଯାନବାହନକୁ ସେବା ପ୍ରଦାନ କରିବା ସହିତ ଡ୍ରାଇଭର ରହିବା, ୨୪ ଘଣ୍ଟା ବ୍ରେକଡାଉନ୍ ସହାୟତା ଏବଂ ଆଡ-ବ୍ଲୁ ଉପଲବ୍ଧତା ମଧ୍ୟ ପ୍ରଦାନ କରୁଛି। ଏହି ଅବସରରେ, ଶ୍ରୀଯୁକ୍ତ ବିନୋଦ ସହାୟ, ସଭାପତି - ଟ୍ରକ୍, ବସ୍ ଏବଂ ନିର୍ମାଣ ଉପକରଣ, ଗୋଷ୍ଠୀ କାର୍ଯ୍ୟନିର୍ବାହୀ ବୋର୍ଡର ସଦସ୍ୟ, କହିଛନ୍ତି, "କଟକରେ ଆମର ନୂତନ ଅତ୍ୟାଧୁନିକ ଡିଲରସିପ୍ ଉଦଘାଟନ କରି ଆନନ୍ଦିତ। ମେସର୍ସ ମା' ଦୁର୍ଗା ଅଟୋ ଟେକ୍ ଓଡ଼ିଶାରେ ମହିନ୍ଦ୍ରା ଟ୍ରକ୍ ଏବଂ ବସ୍‌ର ଆଉ ଏକ ନୂତନ ଡିଲରସିପ୍ ପାଳଟିଛି। ମିଳିତ ଭାବରେ, ମହିନ୍ଦ୍ରା ଟ୍ରକ୍ ଏବଂ ବସ୍ ଏବଂ ଏସଏମଏଲ୍ ପାଖରେ ଏବେ ସାରା ଦେଶରେ ଟ୍ରକ୍ ଓ ବସ୍ ପାଇଁ ୨୦୦ ରୁ ଅଧିକ ୩ଏସ୍ ଡିଲରସିପ୍ ଏବଂ ୪୦୦ ରୁ ଅଧିକ ଦ୍ୱିତୀୟ ଟଚ୍ ପଏଣ୍ଟ ରହିଛି, ଯାହା ଆମର ମୂଲ୍ୟବାନ ଗ୍ରାହକମାନଙ୍କୁ ବିଶ୍ୱସ୍ତରୀୟ ଗ୍ରାହକ ସେବା ପ୍ରଦାନ କରୁଛି। ମହିନ୍ଦ୍ରା ଗ୍ରୁପ୍ ଏବେ ଟ୍ରକ୍ ଏବଂ ବସ୍‌ରେ ପ୍ରାୟ ୭% ବଜାର ଅଂଶୀଦାର, ଆଇ ଏଣ୍ଡ ଏଲସିଭି ବସ୍‌ରେ ୨୪% ବଜାର ଅଂଶୀଦାର ରହିଛୁ। ଆମେ ଆର୍ଥିକ ବର୍ଷ ୩୧ ସୁଦ୍ଧା ଆମର ବଜାର ଅଂଶକୁ ୧୦-୧୨% ଏବଂ ଆର୍ଥିକ ବର୍ଷ ୩୬ ସୁଦ୍ଧା ୨୦% ରୁ ଅଧିକ ଅଂଶୀଦାର ହେବାକୁ ଲକ୍ଷ୍ୟ ରଖିଛୁ।" ଏହି ଅବସରରେ ଡକ୍ଟର ଭେଙ୍କଟ ଶ୍ରୀନିବାସ, ବ୍ୟବସାୟ ମୁଖ୍ୟ - ମହିନ୍ଦ୍ରା ଟ୍ରକ୍, ବସ୍ ଏବଂ ନିର୍ମାଣ ଉପକରଣ, କହିଛନ୍ତି, "ଗ୍ରାହକ-କେନ୍ଦ୍ରିକତା ପ୍ରତି ଆମର ଆଗ୍ରହ ଆମକୁ ଗ୍ରାହକମାନଙ୍କ ପାଇଁ ଉତ୍ତମ ମୂଲ୍ୟ ପ୍ରସ୍ତାବ ସୃଷ୍ଟି କରିବାକୁ ପ୍ରେରିତ କରିଛି।

# କୋଟକ ସର୍ଭିସେସ୍ ଫଣ୍ଡ୍ ଶୁଭାରମ୍ଭ

**ଭୁବନେଶ୍ୱର,୩।୨ (ମହାଭାରତ):** କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ ("କେଏମ୍‌ଏଏମ୍‌ସି"/ " କୋଟକ ମ୍ୟୁଚୁଆଲ ଫଣ୍ଡ୍") ସେବା ବିଷୟ ଅନୁସରଣର କରି ଏକ ଓପନ୍ ଏଣ୍ଡେଡ ଇକ୍ୱିଟି ସ୍କିମ୍ କୋଟକ ସର୍ଭିସେସ୍ ଫଣ୍ଡ୍ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ୪ ଫେବୃଆରୀ ୨୦୨୬ରେ ଉନ୍ମୁକ୍ତ ହେଉଥିବା ଏବଂ ୧୮ ଫେବୃଆରୀ ୨୦୨୬ରେ ବନ୍ଦ ହେଉଥିବା ଏହି ନ୍ୟୁ ଫଣ୍ଡ୍ ଅଫର (ଏନ୍‌ଏଫଓ) ଦେଶର ଜିଭିଏ (ଗ୍ରସ୍ ଭାଲ୍ୟୁ ଆଡେଡ)ରେ୫୫ ପ୍ରତିଶତ ଏବଂ ରାଷ୍ଟ୍ରର ଲୋକଶକ୍ତିର ୩୧.୫ ପ୍ରତିଶତଙ୍କୁ ନିଯୁକ୍ତି ପ୍ରଦାନ କରୁଥିବା ସେବା କ୍ଷେତ୍ର (ସର୍ଭିସ ସେକ୍ଟର) ଭଳି ସମଗ୍ର ଭାରତର ମୂଳ ଅଭିବୃଦ୍ଧି ଇଞ୍ଜିନର ସୁଯୋଗ ନେବା ନିମନ୍ତେ ପୁଞ୍ଜି ନିବେଶକମାନଙ୍କୁ ସୁଯୋଗ ପ୍ରଦାନ ନିମନ୍ତେ ସମର୍ଥ କରାଉଛି। ଉପଭୋକ୍ତା ସେବା, ଦୂରସଂଚାର, ସ୍ୱାସ୍ଥ୍ୟସେବା, ଲଜିଷ୍ଟିକ୍ସ, ଆର୍ଥିକ ସେବା, ଆଇଟି, ଶକ୍ତି ଓ ତୈଳ ଓ ଗ୍ୟାସ୍ ଭଳି ବହୁବିଧ କ୍ଷେତ୍ରରେ ଦ୍ରୁତ ପରିମାଣାତ୍ମକ ଅଭିବୃଦ୍ଧି ଘଟୁଥିବାବେଳେ ଭାରତର ସେବାକ୍ଷେତ୍ର ଅର୍ଥନୀତି ଦୀର୍ଘସୂତ୍ରୀ ପୁଞ୍ଜିନିବେଶକଙ୍କ ନିମନ୍ତେ ନିରନ୍ତର ଏକାଧିକ ସଂରଚନାଗତ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି କରିଚାଲିଛି। କୋଟକ ସର୍ଭିସେସ୍ ଫଣ୍ଡ୍ ଯୁକ୍ତିସଂଗତ ମୂଲ୍ୟ ଭିତ୍ତିକ ଅଭିବୃଦ୍ଧି (ଜିଏଆରପି) ଏବଂ ନିମ୍ନ ଭାଗରୁ ବିଏମ୍‌ଭି ବିଧିବ୍ୟବସ୍ଥା (ବିଜିନେସ୍, ମ୍ୟାନେଜମେଣ୍ଟ, ଭାଲ୍ୟୁ)ରେ କେନ୍ଦ୍ରୀଭୂତ ଏକ ଶୃଙ୍ଖଳିତ ପୁଞ୍ଜିନିବେଶ ରଣକୌଶଳ ଜରିଆରେ ବହୁଧା ସୁଯୋଗ ଧରି ରଖିବାକୁ ଲକ୍ଷ୍ୟ ରଖିଛି। ଏହି ଫଣ୍ଡ ସମସ୍ତ ବଜାର ପୁଞ୍ଜିକରଣ କ୍ଷେତ୍ରରେ ନିବେଶ କରିବ ଏବଂ ମଜଭୁତ ନଗଦ ଅର୍ଥ ପ୍ରବାହ ସହିତ ଗୁଣାତ୍ମକ ବ୍ୟବସାୟ ସଂସ୍ଥା, ପରିମାଣାତ୍ମକ ମଡେଲ ଏବଂ ଦୀର୍ଘସୂତ୍ରୀ ଚକ୍ରବୃଦ୍ଧି ଭିତ୍ତିକ ସାମର୍ଥ୍ୟ ଉପରେ ଦୃଷ୍ଟି କେନ୍ଦ୍ରଭୂତ କରିବ।

# ପିସିସି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୩।୨ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ



ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଂଗ୍ରେସ ନେତାଗଣ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନାଲକୋ ଛକ ସ୍ଥିତ ଗାନ୍ଧୀ ପାର୍କରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମିର କୁମାର ରାଉତରାୟ, ଡ. ଦେବାଶିଷ ପଟ୍ଟନାୟକ, ମିନାକ୍ଷି ବାହିନୀପତି, ପ୍ରକାଶ ଜେନା, ଅଭୟ ସାହୁ, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସ, ପ୍ରକାଶ ମିଶ୍ର, ଜୟଶ୍ରୀ ପଟ୍ଟନାୟକ, ରଜନୀ ମହାନ୍ତି, ସୁମିତା ବିଶ୍ୱାଳ, ବିଶ୍ୱକଲ୍ୟାଣୀ କର, ଗିତାଞ୍ଜଳି ମହାନ୍ତି, ତର ମିଶ୍ର, ଆଲୋକ ମହାନ୍ତି,ମୋଟରାଜ ଡୁଙ୍ଗଡୁଙ୍ଗ, କୁସୁମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି ବିଶ୍ୱ ବ୍ୟାଙ୍କ ଟିମ୍ ଓ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରୁଛି : ବିଜେଡି

**ଭୁବନେଶ୍ୱର,୩।୨ (ମହାଭାରତ):** ରାଜ୍ୟ ବିଜେପି ସରକାର ବିଶ୍ୱ ବ୍ୟାଙ୍କ ଟିମ୍ ଆଗରେ ଭୁଲ ତଥ୍ୟ ଉପସ୍ଥାପନ କରି ଏକ ଗୋଲାପୀ ଚିତ୍ର ପ୍ରଦର୍ଶନ କରିଛନ୍ତି ବୋଲି ବିଜୁ ଜନତା ଦଳ ଆଜି ଅଭିଯୋଗ କରିବା ସହିତ ଗତ ୧୮ ମାସରେ ଅଧିକାଂଶ କ୍ଷେତ୍ରରେ ରାଜ୍ୟ କିପରି ପଛକୁ ଯାଇଛି, ତାର ବାସ୍ତବ ଚିତ୍ର ଉପସ୍ଥାପନ କରିଛି । ବିଶ୍ୱ ବ୍ୟାଙ୍କ ସମୂହ ସଭାପତି ଶ୍ରୀ ଅଜୟ ବଙ୍ଗା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଭେଟି ରାଜ୍ୟର ଦୀର୍ଘକାଳୀନ ବିକାଶ ଅଗ୍ରାଧିକାର, ଅର୍ଥନୈତିକ ସଂସ୍କାର ଏବଂ ନିଯୁକ୍ତି ସୃଷ୍ଟି ଉପରେ ଆଲୋଚନା କରିଥିଲେ।

ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏହା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟ ବିଜେପି ସରକାର, ବିଶ୍ୱ ବ୍ୟାଙ୍କ ଟିମ୍ ଏବଂ ସାଢେ ଚାରି କୋଟି ଓଡ଼ିଆଙ୍କ ଆଗରେ ଓଡ଼ିଶାର ବର୍ତ୍ତମାନ ଅର୍ଥନୀତିର ଏକ ଗୋଲାପି ଚିତ୍ର ଉପସ୍ଥାପନ କରି ସେମାନଙ୍କୁ ବିଭ୍ରାନ୍ତ କରୁଛନ୍ତି । ବିଜେଡି ସରକାରଙ୍କ କାର୍ଯ୍ୟକାଳରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗତିଶୀଳ ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶା ନୀତି ଆୟୋଗଙ୍କ ଆର୍ଥିକ ପରିଚାଳନା ସୂଚକାଙ୍କରେ ଭାରତରେ ୧ମ ସ୍ଥାନ ଲାଭ କରିଥିଲା । ଦେଶରେ ଓଡ଼ିଶାର ଋଣ ଭାର ସର୍ବନିମ୍ନ ଥିଲା ଏବଂ ୨୪ ବର୍ଷର କାର୍ଯ୍ୟକାଳରେ ମୋଟ ଋଣ ଥିଲା ମାତ୍ର ୭୮,୦୦୦ କୋଟି ଟଙ୍କା । ବିଶ୍ୱ ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଆଇଏମ୍‌ଏଫ୍ ବିଜେଡି ସରକାରଙ୍କ ଆର୍ଥିକ ପରିଚାଳନା ମଡେଲ୍‌କୁ ପ୍ରଶଂସା କରିଥିଲେ ।

ବିଜେପି କ୍ଷମତାକୁ ଆସିବା ପରଠାରୁ ଆର୍ଥିକ ପରିଚାଳନା ବିପରୀତ ଦିଗରେ ଗତି କରିଛି । ଓଡ଼ିଶାର ଅର୍ଥନୀତି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ଏବଂ ଏହା ଆହୁରି ଖରାପ ହେଉଛି, ଯାହା ନବେ ଦଶକର ସମୟକୁ ମନେ ପକାଉଛି । ବିଜେପି ସରକାର ମାତ୍ର ୧୮ ମାସରେ ୯୧,୦୦୦ କୋଟି ଟଙ୍କା ଋଣ ନେଇଛନ୍ତି । ଦୁର୍ଭାଗ୍ୟର କଥା ଯେ ୩୮% ଋଣ ଖୋଲା ବଜାରରୁ ନିଆଯାଇଛି, ଯାହା ବିଶ୍ୱ ବ୍ୟାଙ୍କ ନିର୍ଦ୍ଦେଶିକାକୁ ସ୍ପଷ୍ଟ ଭାବେ ଉଲ୍ଲଂଘନ କରୁଛି । ବିତ୍ତୀୟ ନିଅଣ୍ଟ ହାର ୧.୭% ରୁ ବଢ଼ି ୩.୫ % ହୋଇଛି ଏବଂ ପ୍ରାଥମିକ ନିଅଣ୍ଟ ୧.୧% ରୁ ବଢ଼ି ୨.୯ % ହୋଇଛି । ଏହି ସମୟରେ ଓଡ଼ିଶାର ଜିଏସ୍ଡିପି ବୃଦ୍ଧି ଦର ୯.୬% ରୁ ଖସି ୭.୨% ହୋଇଛି । କୃଷି କ୍ଷେତ୍ରରେ ଅଭିବୃଦ୍ଧି ୭.୬% ରୁ ଖସି ୩.୮% ହୋଇଛି । ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ୮.୭% ରୁ ଖସି ୬.୧% ହୋଇଛି । ସେବା କ୍ଷେତ୍ରରେ ୧୧.୫% ରୁ ଖସି ୧୦% ହୋଇଛି । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଯେ ନୀତି ଆୟୋଗଙ୍କ ରପ୍ତାନି ପ୍ରସ୍ତୁତି ସୂଚକାଙ୍କରେ ଓଡ଼ିଶାର ସ୍ଥାନ ୨୦୨୨ରେ ୧୧ତମରୁ ୨୦୨୪ରେ ୧୫ତମକୁ ଖସିଛି । ଯଦି ଏହି ଅବନତି ଧାରା ଜାରି ରହିବ ତେବେ ଓଡ଼ିଶାକୁ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାରେ ପରିଣତ କରିବା ଲକ୍ଷ୍ୟ ସ୍ୱପ୍ନରେ ହିଁ ରହିଯିବ ବୋଲି ଶ୍ରୀ ଘଡ଼ାଇ କହିଛନ୍ତି ।

# କିଏ ହାତେଇବ ରାଜ୍ୟସଭା ଆସନ

ବିଧାନସଭାରେ ବିଭିନ୍ନ ଦଳର ସଭ୍ୟ ସଂଖ୍ୟା ଯାହା ସେଥିରେ ଶାସକ ଦଳ ବିଜେପି ୨ଟି ଏବଂ ବିଜେଡି ଗୋଟିଏ ଆସନ ଦଖଲ କରିବା ସୁନିଶ୍ଚିତ। କିନ୍ତୁ ଚତୁର୍ଥ ଆସନ କିଏ ଦଖଲ କରିବ ତାହା ସବୁଠାରୁ ବଡ଼ ପ୍ରଶ୍ନ। ଏଥିଲାଗି କାହାର ନିଜସ୍ୱ ଶକ୍ତି ନାହିଁ। ଚତୁର୍ଥ ଆସନ ହାତେଇବାକୁ ବିଜେପି ରଣନୀତି ପ୍ରସ୍ତୁତ କରୁଛଇ ବୋଲି କୁହାଯାଉଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି କ୍ଷମତାସୀନ ରହିଛି। ତେଣୁ ସବୁ କଳ ବଳ କୌଶଳ ଖଟାଇ ବିଜେପି ଏହାକୁ ହାତେଇବା ଅସମ୍ଭବ ନୁହେଁ। ଅନ୍ୟ ପକ୍ଷରେ କଂଗ୍ରେସ ବିଜେଡି ମିଳିତ ଭାବେ ଜଣେ ପ୍ରାର୍ଥୀଙ୍କୁ ସମର୍ଥନ କଲେ ଚତୁର୍ଥ ଆସଟି ବିରୋଧୀ ଦଖଲ କରିବା ମଧ୍ୟ ଅସମ୍ଭବ ନୁହେଁ। ଯଦିଓ ବିଜେଡିର ସଂଖ୍ୟା ଇତିମଧ୍ୟରେ ୪୮କୁ ଖସିଆସିଛି କିନ୍ତୁ କଂଗ୍ରେସ ତଥା ଏହାର ସହଯୋଗୀଙ୍କ ସଂଖ୍ୟା ହେଉଛି ୧୫। ଚତୁର୍ଥ ଆସନ ହାତେଇବାକୁ ଏହା ପର୍ଯ୍ୟାପ୍ତ ନହେଲେ ମଧ୍ୟ ଅସମ୍ଭବ ନୁହେଁ। ଏଭଳି ପରିସ୍ଥିତିରେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ କରି ବିଜେଡି ଓ କଂଗ୍ରେସ କ୍ଷମତାସୀନ ବିଜେପିକୁ ମାତ ଦେବାକୁ ଯୋଜନା କରୁଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ଏ ସମ୍ପର୍କରେ ନବୀନ ବାବୁଙ୍କ ସହ କଥା ହେବେ ବୋଲି ସୂଚନା ମିଳିଛି। କିନ୍ତୁ ବିଜେଡି ବିଧାୟକମାନେ କଂଗ୍ରେସ କଥାରେ ରାଜି ହେବେ ତ ? କଂଗ୍ରେସ ସହ ହାତ ମିଳାଇବା ବିଜେଡି ପାଇଁ ଆତ୍ମଘାତୀ ହେବ ବୋଲି ସେମାନେ ଭଲଭାବେ ଜାଣିଛନ୍ତି। ଏହା ସତ୍ତ୍ୱେ ସେମାନେ କିପରି କଂଗ୍ରେସ ସହ ହାତ ମିଳାଇବେ ? ରାଜ୍ୟସଭା ନିର୍ବାଚନ ହେଉଛି ସଂଖ୍ୟାର ଖେଳ। ଏହି ସଂଖ୍ୟାର ଖେଳରେ କିଏ ଜିତିବ ତାହା ଆକଳନ କରିବା କଷ୍ଟକର। ବିଜେଡି ନିକଟରେ ଜଣେ ପ୍ରାର୍ଥୀଙ୍କୁ ଜିତାଇବା ପରେ ଆଉ କିଛି ବଳକା ଭୋଟ ରହୁଛି। ଅନ୍ୟତମ ବିରୋଧୀ କଂଗ୍ରେସ ନିକଟରେ ମଧ୍ୟ କିଛି ଭୋଟ ରହିଛି। ବିଜେଡିର ବଳକା ଭୋଟ ଏବଂ କଂଗ୍ରେସର ୧୪ ତଥା ଜଣେ ସିପିଏମ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟ ଏକାଠି ହେଲେ ବି ଜଣେ ପ୍ରାର୍ଥୀ ଜିତିବା କଷ୍ଟକର। ଏହି ପରିପ୍ରେକ୍ଷୀରେ ଚତୁର୍ଥ ପ୍ରାର୍ଥୀ କିଏହେବ, ତାଙ୍କୁ କିଏ ସମର୍ଥନ କରିବ ତାହା ଏବେ ଶହେ କୋଟିର ପ୍ରଶ୍ନ। ଏଥିଲାଗି ଅନେକ ଆଶାୟୀ ଅଛନ୍ତି। ପ୍ରଥମ ୩ଟି ଆସନ ପାଇଁ ଉଭୟ ବିଜେଡି ଓ ବିଜେପିର ପ୍ରାୟ ୫୦ଜଣ ଆଶାୟୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଗତ ବିଧାନସଭା ନିର୍ବାଚନରେ ପରାଜିତ ହୋଇଥିଲେ। ସେମାନଙ୍କ ମଦ୍ୟରେ ଜଣେ ହେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ। ସେ ଗତ ବିଧାନସଭା ନିର୍ବାଚନରେ ରାଉରକେଲାରୁ ବିଜେପି ପ୍ରାର୍ଥୀ ଭାବେ ଲଢ଼ି ପରାଜିତ ହୋଇଥିଲେ। ସେହିପରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନାମ ମଧ୍ୟ ସମ୍ଭାବ୍ୟ ତାଲିକାରେ ରହିଛି। ରାଜ୍ୟରେ ବିଜେପିର ସଫଳତାରେ ତାଙ୍କର ଭୂମିକା ରହିଛି। ସେଥିପାଇଁ ବିଜେପି କେନ୍ଦ୍ରୀୟ ନେତୃତ୍ୱ ତାଙ୍କୁ ପୁରସ୍କୃତ କରିବା ନିମନ୍ତେ ରାଜ୍ୟସଭାକୁ ଟିକେଟ ଦେଇପାରନ୍ତି। ବିଜେଡିରେ ପୂର୍ବତନ ମନ୍ତ୍ରର ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ନାମ ସମ୍ଭାବ୍ୟ ତାଲିକାର ସର୍ବାଗ୍ରେ ରହିଛି। ଏହା ବ୍ୟତିତ ଅନେକ ପୁରୁଖା ନେତା ମଧ୍ୟ ତାଲିକାରେ ରହିଛନ୍ତି। ରାଜ୍ୟସଭା ଲାଗି ରେସରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି। ବିଜେପିରୁ ପୂର୍ବତନ ଡିଜି ପ୍ରକାଶ ମିଶ୍ରଙ୍କ ନାମ ମଧ୍ୟ ଏଥିଲାଗି ଶୁଣାଯାଉଛି। ହାତୀ କାହାମୁଣ୍ଡରେ ସୁନାକଳସ ଢାଳିବ ତାହା ଜାଣିବାକୁ ଅପେକ୍ଷା କରିବାକୁ ପଡ଼ିବ। ତେବେ ଉତ୍କଣ୍ଠା ହେଉଛି ଚତୁର୍ଥ ପ୍ରାର୍ଥୀ କିଏ ହେବ। ଏଥିପାଇଁ ମଧ୍ୟ ଅନେକ ଆଶାୟୀ ଅଛନ୍ତି। ଏଥିପାଇଁ ବିଜେପି ସଂଖ୍ୟା ନଥାଇ ମଧ୍ୟ ପ୍ରାର୍ଥୀ ଘୋଷଣା କରିପାରେ। ବିଜେଡି ଏବଂ କଂଗ୍ରେସର କିଛି ବିଧାୟକଙ୍କ ସମର୍ଥନ ପାଇଲେ ବିଜେପି ବାଜିମାତ କରିନେବ।

# ଇଣ୍ଡିଆନ ଜଷ୍ଟିସ୍ ରିପୋର୍ଟ

|| ଗୋପାଳ ମହାପାତ୍ର ||

> “ ଗତ ଏପ୍ରିଲ ମାସ ୪ ତାରିଖରେ ଆଇଜେଆର-୨୦୨୨ ରିପୋର୍ଟ ଜାରି କରାଯାଇଥିଲା । ଏଥିରେ କୁହାଯାଇଛି ଯେ ଦିଲ୍ଲୀ ଓ ଚଣ୍ଡିଗଡ଼କୁ ଛାଡ଼ି କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସେମାନଙ୍କ ବାର୍ଷିକ ବ୍ୟୟର ୧ ପ୍ରତିଶତରୁ ଅଧିକ ଅର୍ଥ ନ୍ୟାୟପାଳିକା ପାଇଁ ବ୍ୟୟ କରୁନାହାଁନ୍ତି । ହାଇକୋର୍ଟ ମାନଙ୍କରେ ନ୍ୟାୟାଧିଶ/ ବିଚାରପତିଙ୍କ ପଦ ପୂରଣ କରାଯାଉନାହିଁ ।

ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁଛି ନା ନାହିଁ ? ଏହି ପ୍ରଶ୍ନର ସଠିକ୍ ଉତ୍ତର ପାଇବା କଷ୍ଟକର, କାରଣ ଏହି ପ୍ରସଙ୍ଗରେ ଭାରତର ଡାଟାବେସ୍ (ତଥ୍ୟ) ସହଜରେ ଉପଲବ୍ଧ ହେଉନାହିଁ । କିନ୍ତୁ ଇଣ୍ଡିଆନ ଜଷ୍ଟିସ୍ ରିପୋର୍ଟ (ଆଇଜେଆର)-୨୦୨୨ ୧୦୨ ସୂଚକାଙ୍କକୁ ଜୋଡ଼ି ରାଜ୍ୟମାନଙ୍କର ନ୍ୟାୟ ପ୍ରଦାନ କରିବାର କ୍ଷମତାକୁ ର୍ୟାକିଙ୍ଗ କରିଛନ୍ତି । ଏହି ଆଇଜେଆର ରିପୋର୍ଟ ଅନୁସାରେ ନ୍ୟାୟ ପାଇଁ ମୁଖ୍ୟତଃ ୪ଟି କଥାକୁ ଗୁରୁତ୍ୱ ଦିଆଯାଇଛି । ସେଗୁଡ଼ିକ ହେଉଛି ପୋଲିସ୍, ନ୍ୟାୟପାଳିକା, ଜେଲ ଓ ଆଇନ ସହାୟତା (ଲିଗାଲଏଡ୍) । ଏସବୁର ଆଧାରରେ ରାଜ୍ୟମାନଙ୍କୁ ର୍ୟାକିଙ୍ଗ୍ କରାଯାଇଛି । ଏହି ରିପୋର୍ଟରେ କର୍ଣ୍ଣାଟକକୁ ପ୍ରଥମ ସ୍ଥାନରେ ସ୍ଥାନୀତ କରାଯାଇଛି । ମଜାଦାର କଥା ହେଉଛି ପ୍ରଥମ ୬ଟି ସ୍ଥାନ ମଧ୍ୟରୁ ୫ଟି ସ୍ଥାନରେ ରହିଛନ୍ତି ଦକ୍ଷିଣ ଭାରତର ରାଜ୍ୟମାନେ । କିନ୍ତୁ ଏହି ସ୍ଥାନ ସ୍ଥାୟୀ ନୁହେଁ । ଆଇଜେଆର-୨୦୨୨ର ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ହେଉଛି ନିରନ୍ତର ଅବସ୍ଥା ସୁଧୁରିଲେ ର୍ୟାଙ୍କିଙ୍ଗରେ ମଧ୍ୟ ପରିବର୍ତ୍ତନ ହୋଇପାରେ ବା ଅନ୍ୟଅର୍ଥରେ ର୍ୟାଙ୍କିଙ୍ଗ୍‌ର ତଳ ସ୍ତରରେ ଥିବା ରାଜ୍ୟରେ ଅବସ୍ଥା ସୁଧୁରିଲେ ସେଇ ରାଜ୍ୟ ମଧ୍ୟ ପ୍ରଥମ ସ୍ଥାନକୁ ଆସିପାରେ । ଏହି କାରଣରୁ ୧୩ଟି ପାହାଚ ବା ସ୍ଥାନ ଡେଇଁ କର୍ଣ୍ଣାଟକ ପ୍ରଥମ ସ୍ଥାନ ହାସଲ କରି ପାରିଛି ବୋଲି ଆଇଜେଆର ରିପୋର୍ଟରେ କୁହାଯାଇଛି । ଆଇଜେଆର ରିପୋର୍ଟ-୨୦୨୦ରେ କର୍ଣ୍ଣାଟକ ୧୪ଶ ସ୍ଥାନରେ ଥିଲା ହେଲେ ୨୦୨୨ରେ ଏହି କର୍ଣ୍ଣାଟକକୁ ପ୍ରଥମରେ ସ୍ଥାନୀତ କରାଯାଇଛି । ନ୍ୟାୟ ବ୍ୟବସ୍ଥା ଉପରେ ରିପୋର୍ଟରେ ବିସ୍ତୃତ ଉଲ୍ଲେଖ ରହିଛି ଏବଂ ଏଥିରୁ ଗରୀବ ଲୋକଙ୍କୁ କାହିଁକି ଓ କିପରି ନ୍ୟାୟ ମିଳୁନାହିଁ ସେ କଥା ସ୍ପଷ୍ଟ ଜଣାପଡ଼ିଯାଉଛି ।

ଆଇଜେଆର-୨୦୨୨ର ପ୍ରସ୍ତାବନାରେ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ୟୁ ୟୁ ଲଳିତ ତାଙ୍କ ମତାମତ ରଖିଛନ୍ତି । ପୂର୍ବତନ ମୁଖ୍ୟ ବିଚାରପତି ମଧ୍ୟ ନ୍ୟାୟ ମିଳିବା ପ୍ରସଙ୍ଗରେ ଚିନ୍ତା ବ୍ୟକ୍ତ କରିଛନ୍ତି । ଭାରତରେ ଜେଲ ମାନଙ୍କରେ ଯେତେ ଲୋକ ଅଛନ୍ତି ସେମାନଙ୍କ ମଧ୍ୟରୁ ୭୭ ପ୍ରତିଶତ ହେଉଛନ୍ତି ବିଚାରାଧିନ କଏଦୀ । ଅର୍ଥାତ୍ ଏମାନଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯୋଗ ଏଯାବତ୍ ପ୍ରମାଣିତ ହୋଇପାରିନାହିଁ । ଏମାନଙ୍କ ମଧ୍ୟରୁ ଅନେକଙ୍କର ଦୋଷ ପ୍ରମାଣିତ ହେଲେ ସେମାନଙ୍କୁ ଯେତିକି ଦିନ ଜେଲ ଦଣ୍ଡ ହେବା କଥା ତାଠାରୁ ଅଧିକ ଦିନ ସେମାନେ ଜେଲରେ ରହିସାରିଲେଣି । ଏମାନେ ସମସ୍ତେ ଗରୀବ । ୨୦୧୭ ଡିସେମ୍ବରରୁ ୨୦୨୧ ଡିସେମ୍ବର ମଧ୍ୟରେ ୫ବର୍ଷରୁ ଅଧିକ ସମୟ ଜେଲରେ ରହିଥିବା ବିଚାରାଧିନ କଏଦୀଙ୍କ ସଂଖ୍ୟା ଦୁଇଗୁଣ ବଢ଼ିଯାଇଛି । ଏସବୁ ତଥ୍ୟକୁ ଆଧାର କରି ଆଇଜେଆର-୨୦୨୨ ରିପୋର୍ଟରେ କୁହାଯାଇଛି ଯେ ମାମଲାର ବିଚାର ପାଇଁ ଅଧିକ ସମୟଲାଗୁଛି ଯେଉଁଥିପାଇଁ ନ୍ୟାୟ ପ୍ରଦାନ କରିବାର କ୍ଷମତା ହ୍ରାସ ପାଇବାରେ ଲାଗିଛି । ଦେଶରେ ଏବେ ପାଖାପାଖି ୫୦ନିୟୁତ ମାମଲା ବିଚାରାଧିନ ରହିଛି । ପୂର୍ବତନ ମୁଖ୍ୟ ବିଚାରପତି ୟୁ ୟୁ ଲଳିତଙ୍କ ମତରେ ଅପରାଧିକ ମାମଲାରେ ଫସିଥିବା ୭୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଏମାନଙ୍କୁ ଆଇନଗତ ସହାୟତା ପ୍ରଦାନ କରାଯାଇ ପାରୁନାହିଁ ଫଳତଃ ଏମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଆଇନ ସହାୟତା କେନ୍ଦ୍ରର ସଂଖ୍ୟା ମଧ୍ୟ ଦେଶରେ ଆଶାତୀତ ଭାବେ କମିଛି । ଏଥିପାଇଁ ବୋଧହୁଏ କଏଦୀଙ୍କୁ ଅଧିକ ଦିନ ଜେଲରେ ରହିବାକୁ ପଡୁଛି । କୋଲେଜିୟମ ଉପରେ ଅଧିକ ତର୍ଜମା ହେଉଛି କିନ୍ତୁ ନିରନ୍ତର ଦୁର୍ବଳ ହେଉଥିବା ନ୍ୟାୟ ବିତରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉନାହିଁ ।

ଗତ ଏପ୍ରିଲ ମାସ ୪ ତାରିଖରେ ଆଇଜେଆର-୨୦୨୨ ରିପୋର୍ଟ ଜାରି କରାଯାଇଥିଲା । ଏଥିରେ କୁହାଯାଇଛି ଯେ ଦିଲ୍ଲୀ ଓ ଚଣ୍ଡିଗଡ଼କୁ ଛାଡ଼ି କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସେମାନଙ୍କ ବାର୍ଷିକ ବ୍ୟୟର ୧ ପ୍ରତିଶତରୁ ଅଧିକ ଅର୍ଥ ନ୍ୟାୟପାଳିକା ପାଇଁ ବ୍ୟୟ କରୁନାହାଁନ୍ତି । ହାଇକୋର୍ଟ ମାନଙ୍କରେ ନ୍ୟାୟାଧିଶ/ବିଚାରପତିଙ୍କ ପଦ ପୂରଣ କରାଯାଉନାହିଁ । ୨୦୨୨ଡିସେମ୍ବର ସୁଦ୍ଧା ଦେଶର ପ୍ରତି ୧୦ଲକ୍ଷ ଲୋକଙ୍କ ପାଇଁ ମାତ୍ର ୧୯ଜଣ ବିଚାରପତି ରହିଛନ୍ତି । କେନ୍ଦ୍ର ବିଧି ଆୟୋଗ ୧୯୮୭ରେ ପରାମର୍ଶ ଦେଇଥିଲେ ଯେ ଆଗାମୀ ଏକଦଶନ୍ଧି ମଧ୍ୟରେ ପ୍ରତି ୧୦ଲକ୍ଷ ଲୋକଙ୍କ ପାଇଁ ୫୦ ଜଣ ବିଚାରପତି ରହିବା ଜରୁରୀ । ପଦବୀ ପୂରଣ ସମସ୍ୟା କେବଳ ନ୍ୟାୟପାଳିକାରେ ଯେ ରହିଛି ତା ନୁହେଁ ପୋଲିସ୍, ଜେଲ ଓ ଆଇନ ସହାୟତା ବ୍ୟବସ୍ଥାରେ ମଧ୍ୟ ଏଭଳି ସମସ୍ୟା ରହିଛି । ଦେଶରେ ୨୯ ପ୍ରତିଶତ ପୋଲିସ୍ ଅଧିକାରୀମାନଙ୍କର ପଦବୀ ଖାଲି ପଡ଼ିଛି । ପୋଲିସ ଓ ଜନତାଙ୍କ ଅନୁପାତ ପ୍ରତିଲକ୍ଷରେ ୧୫୨.୮ ରହିଛି । ଆନ୍ତର୍ଜାତୀୟ ମାନକ ଅନୁସାରେ ଏହା ପ୍ରତି ଲକ୍ଷରେ ୭୨୨ରହିବା କଥା । ଜେଲ ଗୁଡ଼ିକରେ କ୍ଷମତାଠାରୁ ୧୩୦ ପ୍ରତିଶତ ଅଧିକ କଏଦୀଙ୍କୁ ରଖାଯାଉଛି ଓ ଦୁଇ ତୃତୀୟାଂଶରୁ ଅଧିକ କଏଦୀ ତଦନ୍ତ ଅଥବା ଟ୍ରାଏଲ ସଂପୂର୍ଣ୍ଣ ହେବାର ପ୍ରତିକ୍ଷାରେ ରହିଛନ୍ତି । ବିଡ଼ମ୍ବନାର ବିଷୟ ହେଉଛି ଅନେକ ରାଜ୍ୟ ପୋଲିସ, ଜେଲ ଓ ନ୍ୟାୟପାଳିକାର ଆବଶ୍ୟକତା ଅନୁସାରେ ରାଜ୍ୟ ବଜେଟରେ ବୃଦ୍ଧି କରୁନାହାଁନ୍ତି । ଏପରିକି କେତେକ ରାଜ୍ୟ ଏ ବାବଦରେ କେନ୍ଦ୍ରରୁ ମିଳୁଥିବା ଅର୍ଥକୁ ସଂପୂର୍ଣ୍ଣ ବିନିଯୋଗ କରୁନାହାଁନ୍ତି । ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ମଦନ ବି ଲୋକୁରଙ୍କ ମତ ହେଉଛି ଟ୍ରେନିଙ୍ଗ୍ ଓ ଭିତ୍ତିଭୂମି କ୍ଷେତ୍ରରେ ଅବସ୍ଥା କିଛି ସୁଧୁରିଛି । କିନ୍ତୁ ଆହୁରି ଅଧିକ କିଛି କରିବାକୁ ହେବ । ମହିଳା ପୁଲିସ୍ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବା, ଲୋକଙ୍କୁ ମାଗଣାରେ ନ୍ୟାୟିକ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଦେଇଛନ୍ତି ପୂର୍ବତନ ବିଚାରପତି ମଦନ ବି ଲୋକୁର । ଦେଶର ପ୍ରତି ୪ଟି ପୋଲିସ୍ ଷ୍ଟେସନ ମଧ୍ୟରୁ ଗୋଟିଏରେ ସିସିଟିଭି ନାହିଁ । ପ୍ରତି ୧୦ ପୋଲିସ ଷ୍ଟେସନ ମଧ୍ୟରୁ ପ୍ରାୟ ୩ଟିରେ ମହିଳା ହେଲପ ଡେସ୍କ ନାହିଁ ଯଦିଓ ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ତଥ୍ୟ ଅନୁସାରେ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି । କମିଟି ଅଫ ନେସନ୍ସର ସଦସ୍ୟ ହୋଇଥିବା କାରଣରୁ ଭାରତ କରିଛି ଯେ ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବ ଏବଂ ସବୁ ସ୍ତରରେ ପ୍ରଭାବୀ, ଉତ୍ତରଦାୟୀ ଓ ସମାବେଶୀ ସଂସ୍ଥା ଗଠନ କରିବ । କିନ୍ତୁ ଆଇଜେଆର ୨୦୨୨ର ରିପୋର୍ଟରୁ ଯାହା ତଥ୍ୟ ମିଳୁଛି ଏହା ସମ୍ଭବ ନୁହେଁ । ସମସ୍ତଙ୍କୁ ଖାଦ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ସମସ୍ତଙ୍କୁ ନ୍ୟାୟ ଉପଲବ୍ଧ କରାଯିବାର ବ୍ୟବସ୍ଥା କରାନଯିବା ପର୍ଯ୍ୟନ୍ତ ଅବସ୍ଥା ସୁଧୁରିବ ନାହିଁ । ଏଥିପାଇଁ ସରକାରଙ୍କୁ ଅଧିକ ବ୍ୟୟ କରିବାକୁ ପଡ଼ିବ ଓ ଦୀର୍ଘଦିନରୁ ଚାଲିଆସୁଥିବା ବ୍ୟବସ୍ଥାକୁ ସୁଧାରିବାକୁ ପଡ଼ିବ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ପ୍ରକୃତିର ଆହ୍ୱାନ

|| ଶୁଭସ୍ମିତା ସାମଲ ||

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା’ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ ? ଭଅଁରର ସ୍ୱର କାହିଁକି ଶୁଣାଯାଉନିତ ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ ।

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ୍ୟ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ୍ତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ୍ୟ କମ୍ କରିଛି । ବୈଜ୍ଞାନିକମାନେ ମଧ୍ୟ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା’ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜସ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍‌ମାନେ ମତ ଦିଅନ୍ତୁ । ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡ଼ି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ।

ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି - ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧନ କେବଳ ଇକୋ - ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ। ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ୍ୟ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ୍ୟ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଞ୍ଚଳ ମଧ୍ୟ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ୍ୟ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ

# ସବୁଜ ସୁନ୍ଦର ଏଇ ଆମ ଘର

|| ଶେଖ ଫରିଦଉଦ୍ଦିନ ||

କୃତିର ସବୁଜିମା ଓ ଫୁଲର ସମ୍ଭାର ସମସ୍ତଙ୍କୁ ଆକର୍ଷିତ କରିଥାଏ । କାରଣ ଫୁଲ କେବଳ ଆମ ଘରକୁ ନୁହେଁ ଆମ ଜୀବନରେ ବି ରଙ୍ଗ ଭରିଦିଏ । ପ୍ରବଳ ଖରାରେ ବାହାରକୁ ଚାହିଁ ନ ହେବା ବେଳେ ସବୁଜିମାରେ ସଜା ଯାଇଥିବା ଘରକୁ ଦେଖିଲେ ଆଖିକୁ ଶାନ୍ତି ଓ ହୃଦୟକୁ ଶୀତଳତା ଅନୁଭବ ହୁଏ । ତେଣୁ ଏହି ଖରାଦିନରେ ଘରକୁ ସବୁଜ ସୁନ୍ଦର କରି ରଖିଲେ ନିଜକୁ ଏହା ଶାନ୍ତି ପ୍ରଦାନ କରିଥାଏ । ଏଥିପାଇଁ ବୋଧେ ବହୁ ଲୋକ ନିଜ ଛାତ ଓ ବାଲକୋନୀମାନଙ୍କରେ ସୁନ୍ଦର ସୁନ୍ଦର ଫୁଲ ଓ କ୍ରୋଟେନ ଗଛ ସବୁ ସଜାଇ ରଖିଥାନ୍ତି । ଆଉ ଆପଣ ଚାହିଁଲେ ବି ଆରାମରେ ଘରକୁ ସବୁଜ ସୁନ୍ଦର କରିପାରିବେ । ଏହି ଗଛଗୁଡ଼ିକ ଲଗାଇବା ପାଇଁ ପ୍ରଥମ ଆବଶ୍ୟକତା ହେଉଛି ମାଟି । ସେଥିପାଇଁ ସଢ଼ାପତ୍ରର ଖତ ଓ ମାଟି ମିଶାଇ ରଖିବା ଉଚିତ । ମଞ୍ଜିରୁ ଗଛଗୁଡ଼ିକ ଅଙ୍କୁରୋଦଗମ ହେବା ପରେ ଓ ଏହି ଗଛ ୧୦ ସେଣ୍ଟିମିଟର ହୋଇଗଲେ ଏହାକୁ କୁଣ୍ଡକୁ ନେଇ ଆସିବା ଭଲ । କୁଣ୍ଡ ତଳେ ପାଣି ନିଷ୍କାସନ ହେବା ପାଇଁ ଛୋଟିଆ ଛିଦ୍ର ରଖିବେ । ଧ୍ୟାନ ରଖନ୍ତୁ ଛିଦ୍ରଗୁଡ଼ିକ ଯେପରି ବେଶି ବଡ଼ ନ ହୁଏ । ଗଛ ପାଇଁ ସଠିକ କୁଣ୍ଡ ବାଛିବା ନିହାତି ଜରୁରୀ । ସେଥିପାଇଁ ସୁବିଧା ଦୃଷ୍ଟିରୁ କୁଣ୍ଡ ଗୁଡ଼ିକ ବେଶି ଓଜନିଆ ଓ ବେଶି ବଡ଼ ନ ହେବା ଭଲ । କାରଣ ବଡ଼ ହେଲେ ଏହା ଘରର ବହୁତ ଜାଗା ଅକ୍ତିଆର କରି ରଖିବ । ଓଜନଦାର ହେଲେ ଏହାକୁ ବାଲକୋନୀର କୌଣସି ଜାଗାରେ ଝୁଲାଇ ରଖିବାକୁ ଚାହିଁଲେ ରଖି ହେବ ନାହିଁ । ସେରାମିକ କୁଣ୍ଡ ସାଧାରଣତଃ ସୁନ୍ଦର ଓ କମ ଓଜନିଆ ହୋଇଥାଏ । ଝୁଲା ବାସ୍କେଟ ବିଶେଷ କରି ଘରମାନଙ୍କରେ ବ୍ୟବହାର ଉପଯୋଗୀ ହୋଇଥିବା କାରଣରୁ ଏହାକୁ ବ୍ୟବହାର କରିବା ଭଲ । କେତେକ ଏପରି ଫୁଲଗଛ ଦେଖିଲେ ମନରେ ଶାନ୍ତଭାବ ଜାଗ୍ରତ ହୋଇଥାଏ । ସେଗୁଡ଼ିକ ଭିତରେ ରହିଛି ସେଲୋସିଆ, ଜିନିଆ, ଲିଲି, ସୂର୍ଯ୍ୟମୁଖୀ, ଗେଣ୍ଡୁ ଫୁଲ ଭଳି ଫୁଲ । ଏହି ଫୁଲଗୁଡ଼ିକୁ ଆପଣ ବାଲକୋନୀ ଓ ଲନ ଭିତରେ ଲଗାଇ ପାରିବେ । ଏହିପରି ବହୁ ନାଲି, ନାରଙ୍ଗୀ, ଧଳା, ଗୋଲାପୀ ଫୁଲକୁ ଆପଣ ଘର ଭିତରେ ଓ ବାହାର ବାଲକୋନୀ ବା ଲନରେ ଲଗାଇ ପାରନ୍ତି । ଘରେ ଲଗାଇବା ପାଇଁ ଇନଡ଼ୋର ପ୍ଲାଣ୍ଟ ବି ଆଜିକାଲି ବହୁ ପ୍ରକାରର ଉପଲବ୍ଧ ହେଲାଣି । ପାମ, ବୋନସାଇ, ମନିପ୍ଲାଣ୍ଟ, କାକ୍‌ଟସ୍ ଭଳି ବହୁ ଇଣ୍ଡୋର ପ୍ଲାଣ୍ଟ ମିଳୁଛି । ପାଣି ଓ ଖରା ଦେଇ କିଛି ସମୟ ବାହାରେ ରଖିବା ପରେ ଏହା ଘରେ ରଖିବାର ଉପଯୋଗୀ ହୋଇପାରୁଛି ।

ଆଜିକାଲି ଫୁଲକୁ ବ୍ୟବସ୍ଥିତ ଢଙ୍ଗରେ ସଜାଇବା ଏକ ଆର୍ଟ ହୋଇ ଯାଇଛି । ଏଥିରେ ଫୁଲର ଆକାର ରଙ୍ଗ ଓ ଏହାର ସ୍ୱାଭାବିକ ରଙ୍ଗକୁ ତାଜା ରଖିବାର ମହତ୍ତ୍ୱ ଦିଆଯାଇଥାଏ । ସ୍ଥାୟୀ ସାଜସଜ୍ଜା ପାଇଁ ଏଥି ସହ କଳାତ୍ମକ ଶୁଖିଲା ପତ୍ର ଓ କାଗଜକୁ ନେଇ ସୁନ୍ଦର ଆକାର ଦିଆଯାଇପାରେ । ପତ୍ରର ଦୁଇଚାରୋଟି ଡ଼ାଳ ଅଫିସର କ୍ୟାବିନକୁ କାମ କରିବାର ଖୋରାକ ଯୋଗାଇପାରେ । ଡିନର ଟେବୁଲ ଉପରେ ଗୋଲାପ ଫୁଲରୁ କିଛି ରଖିଲେ ଏହା ଖାଇବାର ମଜା ଦୁଇଗୁଣା କରି ଦିଏ । ବେଡରୁମରେ ତ ଏହାର ସୁଗନ୍ଧ ମନକୁ ଅଧିକ ରୋମାଣ୍ଟିକ କରିଦିଏ । ଗ୍ଲାଡ଼ିଏଲା, ରଜନୀଗନ୍ଧା, ଟ୍ୟୁଲିପ, ଲିଲି, ଗୋଲାପ ଆଦି ଫୁଲ ଘର ଭିତରେ ସଜାଇବା ପାଇଁ ଠିକ ହୋଇଥାଏ । ଅପ୍ରାକୃତିକ ଓ ଶୁଖିଲା ଫୁଲ ସହ ତାଜା ପ୍ରାକୃତିକ ଫୁଲକୁ ମିଶାଇ ସଜାଇଲେ ତାହା ଆକର୍ଷଣୀୟ ହୋଇଥାଏ । କାନ୍ଥରେ ଥିବା ବଡ଼ ଚିତ୍ର ତଳେ ଏକ ବଡ଼ କୁଣ୍ଡ ରଖି ସେଥିରେ ଫୁଲ ସଜାଇଲେ ଭଲ ଦେଖାଯାଏ । ଡାଇନିଂ ଓ ଘର ମଝିରେ ଥିବା ଟେବୁଲ ଉପରେ ଫୁଲତୋଡ଼ା ଆକୃତିର ବି ସଜା ଯାଇପାରେ । ଖରାଦିନରେ ଫୁଲକୁ ସତେଜ ରଖିବା ପାଇଁ ଏଥିରେ ପାଣି ଛିଞ୍ଚିବା ଜରୁରୀ । ଏହି ପାଣିରେ ଲେମ୍ବୁରସ ମିଶାଇଲେ ଏହା ଆହୁରି ଲାଭଦାୟୀ ହୋଇଥାଏ । କିମ୍ବା ଏକ ପାତ୍ରରେ ଏହାକୁ ଅଧା ବୁଡ଼ାଇ ରଖାଯାଇପାରେ । ଶିତଳତା ଅନୁଭବ ପାଇଁ ଘର ଭିତରେ ବିଭିନ୍ନ ଗଛ ବି ଦରକାର ହୋଇଥାଏ । କୁଣ୍ଡରେ ରଖିଥବା ଗଛର ଅଧିକ ଯତ୍ନ ଆବଶ୍ୟକ ହୋଇଥାଏ । ଏହାକୁ ସମୟ ସମୟରେ ସଫା କରିବା ଓ ପାଣି, ଖରା ଦେବା ଆବଶ୍ୟକ । ଲମ୍ବା ଗଛଗୁଡ଼ିକୁ ସାହାରା ଦରକାର ହୋଇଥାଏ ନଚେତ ଏହା ବପନରେ ନଇଁପଡ଼େ । ଧ୍ୟାନ ରଖିବା ଜରୁରୀ ଯେ କୁଣ୍ଡଗୁଡ଼ିକ ଉପରେ ଯେପରି ସୂର୍ଯ୍ୟ କିରଣ ସିଧା ନ ପଡ଼ି ବରଂ ଆଲୋକ ଓ ପବନ ଉଚିତ ମାତ୍ରାରେ ମିଳିବା ଉଚିତ । ଇଣ୍ଡୋର ପ୍ଲାଣ୍ଟ ଗୁଡ଼ିକ ଅଧିକ ଥଣ୍ଡା ଓ ଛାଇ କାରଣରୁ ପୋକ ଲାଗିବା ଦେଖାଯାଏ । ତେଣୁ ଏହାର ଯତ୍ନ ନେବା ଜରୁରୀ । ପାମ ଗଛକୁ ବାରମ୍ବାର କୁଣ୍ଡ ପରିବର୍ତ୍ତନ କରି ଲଗାଇବା ଆବଶ୍ୟକ । କାରଣ ଏହି ଗଛ ଯେତେ ବଡ଼ ହୁଏ ଏହାର ଚେର ମଜଭୁତ ଓ ଏହି ଚେରରୁ ଅଧିକ ଗଛ ସୃଷ୍ଟି ହୁଏ । ତେଣୁ ଏହି ଗଛକୁ ବାରମ୍ବାର ପରିବର୍ତ୍ତନ ଜରୁରୀ । ଘରକୁ ଯଦି ଫୁଲ ଓ ଗଛ ସାହାଯ୍ୟରେ ଭଲଭାବେ ସଜାଇ ଦିଅନ୍ତି ତେବେ ଘର ଭିତରେ ଶାନ୍ତି ଅନୁଭବ କରିପାରିବେ ।

ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ : ୯୪୩୭୦୦୪୮୮୮

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା

ବୁଧବାର, ୦୪ ଫେବୃୟାରୀ, ୨୦୨୬




## ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମଝିପଡ଼ାର ବାର୍ଷିକ ଉତ୍ସବ ଅନୁଷ୍ଠିତ

କଳାହାଣ୍ଡି, (ମହାଭାରତ) : ଭବାନୀପାଟଣା ସହରସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମଝିପଡ଼ାର ବାର୍ଷିକ ଉତ୍ସବ ୨୦ ୨୬ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ରୂପରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼. ଯୋଗଦେଇ ବିଦ୍ୟାଳୟର ର ଶିକ୍ଷାଦାନ ପରିବେଶ ଦେଖି ଭୂରି ଭୂରି ପ୍ରଂଶସା କରିଥିଲେ. ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସୁଜାତା ପଣ୍ଡା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବହୁଗୁଣ ଗାରିମା ରହିଛି ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲା ପାଇଁ ଗୌରବ ଆଣିଥିବା ନଜିର ଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ.ସସ୍ମିତା ମହାପାତ୍ର ଏବଂ ସୌଦାମିନୀ ମିଶ୍ର ଉତ୍ସବରେ ଯୋଗଦେଇଥିବା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ସି.ଆର ସି.ସି. ପ୍ରଫୁଲ୍ଲ ଠାକୁର ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟର ପୁରାତନ ଶିକ୍ଷକ ମଧୁସୂଦନ ମହାପାତ୍ର, ସୁରେଶ ଚନ୍ଦ୍ର ମୁଣ୍ଡୁଙ୍କୁ ସମ୍ମାନୀତ କରାଯାଇଥିଲା କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ରୂପେ ଏ .ବି.ଓ ହୃଷିକେଶ ନାଏକ, ଜଗଦୀଶ ମୁଣ୍ଡ ଯୋଗଦେଇ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ବିଦ୍ୟାଳୟରେ ପ୍ରଥମ ଥର ପାଇଁ ଦେଖାଯାଇଥିଲା ବହୁ ଅଭିଭାବକ, ଅଭିଭାବିକା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ, ବିଦ୍ୟାଳୟର ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ଉତ୍ସବ ପରେ ପରେ କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ହାରା ରଙ୍ଗାରଙ୍ଗ ସାଂସ୍କୃତକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ବାର୍ଷିକ ଉତ୍ସବକୁ ସଫଳ କରାଇବା ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପଣ୍ଡା, ସୌଦାମିନୀ ମିଶ୍ର,ସବିତା ମିଶ୍ର,ସସ୍ମିତା ପଟ୍ଟନାୟକ, ସୁବାଷନି ଦାଶ, ରାଜଶ୍ରୀ ରଥ,ପ୍ରମିଳା ଦାଶ, ପ୍ରମୁଖ ସକ୍ରିୟ ଭୂମିକା ତୁଲେଇଥିଲେ’।

## ଆଦର୍ଶ ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ନିଆଳୀ, (ମହାଭାରତ) : ନିଆଳୀ ବ୍ଲକ୍ ଅନ୍ତର୍ଗତ ସିଠାଲୋ ପଞ୍ଚାୟତ ଶାସନପଦା ନୀଳମାଧବ ଜୀଉ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତି ରଞ୍ଜନ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିଆଳୀ ବିଧାୟକ ଇଂ ଛବି ମଲ୍ଲିକ ଯୋଗଦେଇଥିବା ଦେଖିବାକୁ ମିଳିଥିଲା । ବରିଷ୍ଠ ଶିକ୍ଷାବିତ ଅକ୍ଷୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଆଇ ଏ ଏସ୍ କୃଷ୍ଣ ଚନ୍ଦ୍ର ବଡୁ ସମ୍ମାନିତ ଅତିଥି ଭାବେ ଓଷ୍ଟା ର କଟକ ଜିଲ୍ଲା ସଭାପତି ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ନିଆଳୀ ବ୍ଲକ୍ ଓଷ୍ଟା ର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ ଦିଲ୍ଲୀପ ମହାନ୍ତି ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ବଡୁ ସିଠାଲୋ ପଞ୍ଚାୟତ ସରପଞ୍ଚ କବିତା ମହାପାତ୍ର ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଜ୍ୟୋତି ସାରଙ୍କ ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଶାସନପଦା ନୀଳମାଧବ ଜୀଉ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତି ରଞ୍ଜନ ଦାସ ( ଜ୍ୟୋତି ସାର୍ )ଯିଏକି ଅନେକ ଛାତ୍ର ଛାତ୍ରୀଙ୍କ ଜୀବନକୁ ଗଢ଼ି ତୋଳିବା ସହିତ ଏହି ସ୍କୁଲର ବିକାଶର ବିନ୍ଧାଣୀ ସାଜିଥିଲେ । ଯାହାଙ୍କ ନାଁରେ କେବଳ ନିଆଳୀ ବ୍ଲକ୍ ନୁହେଁ କଟକ ଜିଲ୍ଲା ଏବଂ ରାଜ୍ୟରେ ମଧ ଅନେକ ସୁନାମ ରହିଛି ଏକାଧାରାରେ କହିବାକୁ ଗଲେ ସାର୍ ଏମିତି ଜଣେ ସଫଳ ବ୍ୟକ୍ତିତ୍ୱ ଯାହାଙ୍କ ପାଇଁ ଅନେକ ଅସମ୍ଭବ କାର୍ଯ୍ୟ ମଧ ସମ୍ଭବ ହୋଇପାରିଛି । ଆଜି ସେ ନିଜ ଚାକିରି ଜୀବନରୁ ଅବସର ନେଉଛନ୍ତି। ଯାହାଙ୍କ ପାଇଁ ନିଆଳୀ ଏବଂ ବିଭିନ୍ନ ଯାଗାରୁ ସାରଙ୍କୁ ଦେଖିବା ପାଇଁ ଅନେକ ବ୍ୟକ୍ତି ବିଶେଷ ଧାଇଁ ଆସିଛନ୍ତି । ଦୀର୍ଘ ବର୍ଷ ଧରି ଶିକ୍ଷା ସେବାରେ ନିଜକୁ ସମର୍ପିତ କରିଥିବା ସ୍କୁଲର ସମ୍ମାନିତ ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଏହି ଉତ୍ସବରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ଗଣମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ । ପ୍ରଥମେ ଛାତ୍ରଛାତ୍ରୀମାନେ ଫୁଲ ଗୁଚ୍ଛ ଦେଇ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ କରିଥିଲେ । ମଞ୍ଚରେ ଉପସ୍ଥିତ ଶିକ୍ଷକମାନେ ତାଙ୍କ ଦୀର୍ଘ ଶିକ୍ଷାଜୀବନର ସ୍ମୃତି ଓ ଅନୁଭବକୁ ସେୟାର କରିଥିଲେ । ସେମାନେ କହିଥିଲେ ଯେ ପ୍ରଧାନ ଶିକ୍ଷକ ସଦା ସ୍କୁଲର ଉନ୍ନତି ପାଇଁ ନିଷ୍ଠାର ସହ କାମ କରିଆସିଛନ୍ତି । ପରେ ପରେ ଛାତ୍ରଛାତ୍ରୀମାନେ ମଧ ନୃତ୍ୟ, ଗୀତ ଓ ଭାଷଣ ମାଧ୍ୟମରେ ନିଜ ଗୁରୁଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ପ୍ରକାଶ କରିଥିଲେ ଏହି ସମୟରେ ମଞ୍ଚ ଉପରେ ପ୍ରଧାନ ଶିକ୍ଷକ ନିଜ ଭାବନାକୁ ରୋକିପାରିନଥିଲେ । ଛାତ୍ରଛାତ୍ରୀ ଓ ସହକର୍ମୀଙ୍କ ଭଲପାଇବା ଦେଖି ସେ ଭାବବିହ୍ୱଳ ହୋଇ ଆଖିରେ ଲୁହ ନେଇ କହିଥିଲେ ମୋର ସମଗ୍ର ଜୀବନ ଏହି ସ୍କୁଲ ଓ ଛାତ୍ରଛାତ୍ରୀଙ୍କ ପାଇଁ । ଆପଣମାନଙ୍କର ସ୍ନେହ ଓ ସମ୍ମାନ ମୋ ପାଇଁ ସବୁଠୁ ବଡ଼ ପୁରସ୍କାର । ସେ ଛାତ୍ରଛାତ୍ରୀଙ୍କୁ ସତ୍ୟନିଷ୍ଠା, ପରିଶ୍ରମ ଓ ଶିକ୍ଷାର ମୂଲ୍ୟ ବୁଝି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ । ଶେଷରେ ସ୍କୁଲ ପକ୍ଷରୁ ସମ୍ମାନନା ସ୍ୱରୂପ ଉପହାର, ମାନପତ୍ର ଓ ଫୁଲମାଳ ପ୍ରଦାନ କରାଯାଇଥିଲା । ସମଗ୍ର ପରିବେଶ ଥିଲା ଭାବପୂର୍ଣ୍ଣ, ସ୍ମୃତିମୟ ଓ ଶିକ୍ଷା ମୂଲ୍ୟବୋଧରେ ପରିପୂର୍ଣ୍ଣ। ଏଭଳି ଭାବରେ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ସଫଳତାର ସହ ସମ୍ପନ୍ନ ହୋଇଯାଇଛି ।

## ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ବୈଠକ

ଖରିଆର, (ମହାଭାରତ) : ନୂଆପଡା ଜିଲ୍ଲା ଖରିଆର ରୋଡ଼ ଯୋଙ୍କ ନଦୀ ନିକଟସ୍ଥ ଶାନ୍ତି ଉଦ୍ୟାନ ଠାରେ ନୂଆପଡା ଜିଲ୍ଲା ସାମ୍ବାଦିକ ସଂଘ ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଂଘର ସ୍ଥାଇ ସଭାପତି




ସୁରେଶ ଆଚାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସଂଘର ସମ୍ପାଦକ ଦେବାନନ୍ଦ ତାଣ୍ଡି ସଂଘର ପୂର୍ବ ଦିନର କାର୍ଯ୍ୟକଳାପ ଓ ଆଗାମୀ ଦିନରେ କଣ ସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସେ ଉପରେ ଆଲୋକପାତ କରିଥିଲେ । ବିଶେଷ କରି ଆଗାମୀ ଏପ୍ରିଲ ମାସରେ ରାଜ୍ୟ ସ୍ତରୀୟ ସଭା ଅନୁଷ୍ଠିତ ହେବାର ସ୍ଥିରି କୃତ ହୋଇଥିବା ବେଳେ ଜୁନ ରୁ ଜୁଲାଇ ଭିତରେ ନୂତନ କାର୍ଯ୍ୟକାରୀଣି କମିଟି ଚୟନ ଉପରେ ଆଲୋଚନା ହୋଇଥିଲା । ଏହା ସହ ଜିଲ୍ଲା ମୁଖ୍ୟାଳୟ ରେ ସାମ୍ବାଦିକ ପାଇଁ କୌଣସି କାର୍ଯ୍ୟାଳୟ କିମ୍ବା ବିଶ୍ରାମ ଗୃହ ର ଆବଶ୍ୟକତା ଥିବାରୁ ଏହାର ବ୍ୟବସ୍ଥା କିଭଳି ହେବ ସେଉପରେ ଆଲୋକପାତ କରାଯିବା ସହ ସଂଘ ର ନୂତନ କୋଠା ନିର୍ମାଣ ଉପରେ ଆଲୋଚନା ହୋଇଥିଲା । ଏହା ସହ ପ୍ରତ୍ୟକ ତିନି ମାସ ରେ ସାମାଜିକ ସଚେତନତା କାର୍ଯ୍ୟ ଯେମିତି କି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ସାମ୍ବାଦିକ ତାଲିମ ଶିବିର ଭଳି ବିଭିନ୍ନ କାର୍ଯ୍ୟକ୍ରମ ହେବାର ସ୍ଥିରିକୃତ ହୋଇଛି । ଏହି ଅବସରରେ ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଓ କେନ୍ଦ୍ର ସଦସ୍ୟ ଦୀପକ ମିଶ୍ରଙ୍କ ସହ ମନୋଜ କୁମାର ସଗରିଆ ଜିଲ୍ଲାରେ ସାମ୍ବାଦିକଙ୍କ ସୁରକ୍ଷା ଉପରେ କିଭଳି ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇ ପାରିବ ସେ ଉପରେ ଆଲୋକପାତ କରିଥିଲେ । ଏହି ସାଧାରଣ ବୈଠକ ରେ ସିନାପାଲି, ଖଡ଼ିଆଳ, ବୋଡ଼େନ ଓ ନୂଆପଡା ବ୍ଲକରୁ ଲୋକନାଥ ମହାପାତ୍ର, ସୁରେନ୍ଦ୍ର ତିୱାରୀ, ଅମିତ ପୁରୋହିତ, ସତୀଶ ଯୋଶୀ, ହେରମ୍ବ ମେହେର, ରାଜ କିରଣ ସିଂ ଦେଓ, ମୋହନଲାଲ ଦୀପ, ସାମ୍ବ ସରାଫ, ସୁରେଶ ଦଣ୍ଡସେନା, ଅଭିଷେକ ଆଚାରୀ, ଚନ୍ଦ୍ର ବେହେରା, ବିଶୁଦ୍ଧର ବନଛୋର, ବିଶ୍ୱନାଥ ସାମଳ ଓ ଗେଞ୍ଜଲାଲ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଉଦଘାଟିତ ହେଲା ଜୁନାଗଡ଼ ମହୋତ୍ସବ

ଜୁନାଗଡ, (ମହାଭାରତ) : କଳାହାଣ୍ଡି ଜିଲ୍ଲାର ହଜାରେ ବର୍ଷର ସହର ତଥା ପୁରାତନ ରାଜଧାନୀରେ ଆଜି ଜୁନାଗଡ଼ ମହୋତ୍ସବ ଉଦଘାଟିତ ହୋଇଛି । ଆଜି ଠାରୁ ତିନିଦିନ ଧରି ଆରମ୍ଭ ହୋଇଥିବା ଏହି ମହୋତ୍ସବକୁ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ଏବଂ ମହାରାଣୀ ରିତୁଜା ଦେବୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କଳାହାଣ୍ଡି ମହାରାଜଙ୍କୁ ସର୍ବପ୍ରଥମେ ଏକ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଇବା ସହିତ ମଞ୍ଚରେ ସ୍ୱାଗତ କରାଯାଇଥିଲା । ମହାରାଜା ଙ୍କ ଦ୍ୱାରା ମାଁ ଲଙ୍କେଶ୍ୱରୀ ଙ୍କ ଭବ୍ୟମୂର୍ତ୍ତିକୁ ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ମଞ୍ଚ ଉଦଘାଟନ ହୋଇଥିଲା । ସଭା ପରେ କଳାହାଣ୍ଡି




ର ବିରବାଦ୍ୟ ଘୁମୁରା ଓ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାଂସ୍କୃତିକ ସନ୍ଧ୍ୟାରେ ଜୁନାଗଡ଼ ମହୋତ୍ସବ କମିଟିର ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିବେଦିତା ନାଥ, ମୁଖ୍ୟବକ୍ତା ଥୁଆମୂଳ ରାମପୁର ମାଁ ମାଣିକେଶ୍ୱରୀ ମହାବିଦ୍ୟାଳୟର ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଜାରିଙ୍ଗ ନବମଆଇଆରବି ବାଟାଲିଆନ ଇଶ୍ୱସ୍ୱସ୍ୱ.କମାନଣ୍ଡେଣ୍ଟ ମହେନ୍ଦ୍ର ଭୋଇ, ଜୁନାଗଡ଼ ଏନଏସି ଅଧକ୍ଷ୍ୟା ହିମାଦ୍ରୀ ନାଏକ, ବ୍ଲକ ଅଧକ୍ଷ୍ୟା ସବିତା ମେହେର, ପୁର୍ଣ୍ଣ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୃସିନ୍ଧୁ ମଙ୍ଗରାଜ ପ୍ରମୁଖ ଉଦବୋଧନ ଦେଇଥିଲେ । ଓଡିଶା ସାମ୍ବାଦିକ ୟୁନିୟନର ରାଜ୍ୟ ଉପସଭାପତି ସନ୍ତୋଷ କୁମାର ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବିନୟ ସାହୁଙ୍କ ନେତୃତ୍ୱରେ ମନୋଜ ମେହେର, ରଶ୍ମିତ ନାୟକ, ବେଣୁଧର ବାଗ, ବେଦବର ଡୋଙ୍ଗରୀ, ଲିପସା ଦଣ୍ଡସେନା, ଖୋଲାନନ୍ଦ ଝଙ୍କର ଅନୁବନ୍ଧନ ଭରଦ୍ୱାଜ, ସୂର୍ଯ୍ୟ ପ୍ରସାଦ ଠାକୁର, ଅନୁପମା ନାୟକ, ଶ୍ମିତାରାଣୀ ସାହୁ, ସଂଜୀବ ସାହୁ, ପିପୁନ ପୁଝାରୀ, ଓମ ପ୍ରକାଶ, ଶିଭାଂଶି ପଟ୍ଟନାୟକ, ଭାଗିରଥି ଶାଗର, ମେହେକ ସରାଫ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ କଳା ବିକାଶକେନ୍ଦ୍ରର ଓଡିଶୀ, ଜୁଡା ପଏଂରି ର ଧାପ, କର୍ତ୍ତବ୍ୟ ଅନୁଷ୍ଠାନର ଘୁମୁରା, ସୁବର୍ଣ୍ଣପୁର ର ଦୁଲଦୁଲି, ଭାରତୀ କଳା ପରିଷଦର ପଞ୍ଚରସି, ଟ୍ରାଇବାଲ ଡ୍ୟାନ୍ସ ଏକାଡେମୀର ବଜାଶାଲ, ସଖ୍ୟମ ଡ୍ୟାନ୍ସ ଏକାଡେମୀର ଓଡିଶୀ, ଈଶ୍ୱର ରାଓଙ୍କ ଘୁଡକା, ରାୟଗଡା ପିଡ଼ିସି ଡ୍ୟାନ୍ସ ଗ୍ରୁପର ଢେମସା, ସଙ୍ଗୀତ ସାଧନାର ବଜାଶାଲ, ଢୋଲ ମହୁରୀ କଳାପରିଷଦର ବଜାଶାଲ, ନରେଶ ସୁନାନୀଙ୍କ ବଜାଶାଲ, ପ୍ରସାଦ ରଞ୍ଜନ ସାଂସ୍କୃତିକ ଅନୁଷ୍ଠାନର ବଜାଶାଲ, ରେକପୁର ର ବଜାଶାଲ ଦର୍ଶକଙ୍କୁ ବାନ୍ଧି ରଖିଥିଲା ।

## ଭାରତୀୟ ତଟରକ୍ଷୀ ବାହିନୀରେ ସାମିଲ ହେଲା ପେଟ୍ରୋଲିଙ୍ଗ ଜାହାଜ ଅମୁଲ୍ୟ

ପାରାଦୀପ, (ମହାଭାରତ) : ମଙ୍ଗଳବାର ଦିନ ଭାରତୀୟତଟରକ୍ଷୀ ବାହିନୀରେ ସାମିଲ ହୋଇଛି ତଟରକ୍ଷୀ ବାହିନୀର ଜାହାଜ ଅମୂଲ୍ୟ । ୫୦ମିଟର ଲମ୍ବ ଏହି ଜାହାଜ ଗୋଆ ସିପ୍ ୟାଡ୍‌ରେ ଆତ୍ମନିର୍ଭର ଭାରତ ଯୋଜନାରେ ତିଆରି ହୋଇଛି । ୩୨୦ଟନ୍ ଓଜନ ବିଶିଷ୍ଟ ଏହି ଜାହାଜରେ ତିନି ହଜାର କିଲୋଓାଟ୍ ଡିଜେଲ୍ ଇଂଜିନ୍ ରହିଛି । ଏହା ୨୮ ନଟ୍ ବେଗରେ ଯାତ୍ରା କରି ପାରିବ ବୋଲି ଭାରତୀୟ ତଟରକ୍ଷୀ ବାହିନୀ ପାରାଦୀପ ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଏହି ଜାହାଜରେ ୩୦ଏମଏମ ସିଆରଏନ-୯୧ ଗନ୍ ଓ ୧୨.୭ଏମଏମ ମେସିନ୍ ଗନ୍ ରହିଛି । ଏହା ପାରାଦୀପ ଉପକୂଳରେ



କାର୍ଯ୍ୟ କରିବ ଏବଂ ଏହା ଉତ୍ତର-ପୂର୍ବ ତଟରକ୍ଷୀ ବାହିନୀ କମାଣ୍ଡରଙ୍କ ନିୟନ୍ତ୍ରଣରେ ରହି ପାରାଦୀପ ମୁଖ୍ୟାଳୟ-୭ ପାରାଦୀପଙ୍କ ଅଧିନରେ କାର୍ଯ୍ୟ କରିବ । ଓଡିଶା ଉପକୂଳର ସୁରକ୍ଷାରେ ଏହି ପେଟ୍ରୋଲିଙ୍ଗ ଜାହାଜ ନିୟୋଜିତ ହେବ । ୫ଜଣ ଅଧିକାରୀଙ୍କ ସମେତ ୩୪ଜଣ କର୍ମଚାରୀ ଏହି ଜାହାଜରେ କାର୍ଯ୍ୟ କରିବେ । ମଙ୍ଗଳବାର ଦିନ ତଟରକ୍ଷୀ ବାହିନୀ ଓଡିଶାର କମାଣ୍ଡର ଏହି ଜାହାଜକୁ ସ୍ୱାଗତ କରିଥିଲେ ।

## ସ୍ୱଚ୍ଛତା କ୍ଷେତ୍ରରେ ପାରାଦୀପ ବନ୍ଦରକୁ ସଫଳତା- ସ୍ୱଚ୍ଛତା ପକ୍ଷ ସମ୍ମାନ-୨୦୨୫ରେ ପ୍ରଥମ ପୁରସ୍କାର

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ କ୍ରମାଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରି ଆସୁଥିବା ବେଳେ ସ୍ୱଚ୍ଛତା ପକ୍ଷ ପାଳନ କରିବା କ୍ଷେତ୍ରରେ ପାରାଦୀପ ବନ୍ଦରକୁ ମିଳିଛି ବିରାଟ ସଫଳତା । ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ କରିବାରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଛି । କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋଓାଲ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ବିଭାଗୀୟ ସଚୀବ ବିଜୟ କୁମାରଙ୍କ ଉପସ୍ଥିତିରେ ଏହି ପୁରସ୍କାର ପାରାଦୀପ ବନ୍ଦର ପକ୍ଷରୁ ଅଧ୍ୟକ୍ଷ ପି.ଏଲ.ହରନାଦଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ମଙ୍ଗଳବାର ଦିନ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସମାରୋହରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ସ୍ୱଚ୍ଛତା ପକ୍ଷ-୨୦୨୫ ଓ ସ୍ୱଚ୍ଛଗତା ହି ସେବା-୨୦୨୫ ମାଧମରେ ବନ୍ଦର ସହରକୁ ସ୍ୱଚ୍ଛ ରଖିବା ପାଇଁ



ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଉଦ୍ୟମ ପ୍ରଶଂସନୀୟ । ସ୍ୱଚ୍ଛ ଭାରତ ଅଭିଯାନ କ୍ଷେତ୍ରରେ ପାରାଦୀପ ବନ୍ଦର ଆଶାତୀତ ସଫଳତା ହାସଲ କରିବା ସହିତ ସ୍ୱଚ୍ଛତା ପକ୍ଷ, ଜନ ଭାଗିଦାରୀ ଓ ଏକ ପେଡ୍ ମାଆ କି ନାମ ଓ ସଫେଇ ମିତ୍ର ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି । ପାରାଦୀପ ବନ୍ଦରାଂଚଳ, ବିଭିନ୍ନ ଦେବାଳୟ, ପୁଷ୍କରିଣୀ ସଫେଇ ଆଦି କାର୍ଯ୍ୟ କରିପାରିଛି । ଏକ ପେଡ୍ ମାଆ କି ନାମ୍ ୨.୦କାର୍ଯ୍ୟକ୍ରମ ଅଧିନରେ ୪୦ହଜାର ବୃକ୍ଷରୋପଣ କରାଯାଇଛି । ପ୍ଲାଷ୍ଟିକ ମୁକ୍ତ ଭାରତ ଅଭିଯାନରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ସଚେତନତା ସୃଷ୍ଟି କାର୍ଯ୍ୟ ସହିତ ରକ୍ତ ଦାନ ଶିବିର, ପ୍ରଶାସନିକ ଭବନର ନବୀକରଣ କାର୍ଯ୍ୟ ବନ୍ଦର ପ୍ରଶାସନ ପକ୍ଷରୁ କରାଯାଇଛି । ସାମଗ୍ରୀକ ସହଯୋଗରେ ପାରାଦୀପ ବନ୍ଦର ସହରକୁ ସ୍ୱଚ୍ଛ ରଖିବା ଦିଗରେ ପାରାଦୀପ ବନ୍ଦରକୁ ଏହି ସଫଳତା ମିଳିଛି ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଏହା ପାରାଦୀପ ବନ୍ଦର ପାଇଁ ଏକ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଛନ୍ତି । ବିଭାଗ ପକ୍ଷରୁ ସମସ୍ତ ବନ୍ଦର ଏନଂ ନୌବାଣିଜ୍ୟିକ ସଂସ୍ଥାମାନେ ସମଗ୍ର ଦେଶରେ ସ୍ୱଚ୍ଛାତାକୁ ଗୁରୁତ୍ୱ ଦେଉଛନ୍ତି । ପାରାଦୀପ ବନ୍ଦର ଏହାର ନେତୃତ୍ୱରେ ସ୍ୱଚ୍ଛ ଭାରତ ମିଶନକୁ ସଫଳ କରିପାରିଛି ।

## ପୂର୍ବତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

ପାଟଣାଗଡ, (ମହାଭାରତ) : ବଲାଙ୍ଗିର ଜିଲ୍ଲା, ଖପ୍ରାଖୋଲ ବ୍ଲକ ଆନ୍ତର୍ଗତ - ପଂଚାୟତ ଉଚ୍ଚ ବିଦ୍ୟାଳୟ, ଭାନପୁର.. ପୂର୍ବତନ ୨୦୦୧, ୨୦୦୨ ଓ ୨୦୦୩ ବ୍ୟାଚ ଛାତ୍ରଛାତ୍ରୀ ମାନଙ୍କୁ ନେଇ ହରିଶଙ୍କର ମଧୁକୁଞ୍ଜ ଭବନ ଠାରେ ଖୁବ ଆଡମ୍ବର ସହକାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ବନ୍ଧୁ ମିଳନରେ ଅମିତ କୁମାର ସୁନା କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ କୁ ତପନ କଲାରୀ, ମୋତିଲାଲ ପୁଟେଲ, ଦେବରାଜ ବେହେରା, ଜୀବର୍ଧନ ସାହୁ,ରାଜୀବ ପଣ୍ଡା, ପ୍ରଦୀପ ବାରିକ, ଉମାକାନ୍ତ ପଧାନ, ସୁବାଷ ଛତର, ଭୋଜରାଜ ଦୀପ ଓ ଝିଅ ଛାତ୍ରୀ ମାନଙ୍କ ମାଧ୍ୟରୁ ଥୟକାନ୍ତି ପଧାନ, ତେଜକାନ୍ତି ନାଗ, କମଳାକାନ୍ତି ଭଏ, ଘରଯୁଗୀ ବରିହା, ବାସନ୍ତୀ ବରିହା, ଗୀତା ବାରିକ, ସୂର୍ଯ୍ୟକାନ୍ତି ଭୋଇ, ଜୟନ୍ତୀ ସୁନା, ଇତିଶ୍ରୀ ପୁଟେଲ ଆଉ ଅନ୍ୟ ସମସ୍ତେ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ପଂଚାୟତ ଉଚ୍ଚ ବିଦ୍ୟାଳୟ, ଭାନପୁରର ପୂର୍ବତନ ଓଡ଼ିଆ ଶିକ୍ଷକ ରବିନାରାୟଣ ମିଶ୍ର, ସଂସ୍କୃତ ଶିକ୍ଷକ ମହେନ୍ଦ୍ର ସାହୁ, ଅନ୍ୟାନ୍ୟ ଶିକ୍ଷକ ମଧରେ ଅଶ୍ୱନୀ କୁମାର ବାରିକ, ମନୋଜ କୁମାର ବାରିକ, ଫାଲ୍ଗୁନୀ ବାରିକ ଓ ଅନ୍ୟ ସ୍କୁଲ ଷ୍ଟାଫ




ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷକଙ୍କୁ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା । ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ଅନେକ ଆଲୋଚନା ହୋଇଥିଲା । ପରିଶେଷରେ ଶିକ୍ଷକ ସଂସ୍କୃତ ଗୁରୁ ଭାବ ବିଭୋଳ ହୋଇ ଅଭିଭାଷଣ ରଖିଥିଲେ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ଅନୁରାଧ କ୍ରମେ ସଂକୃତ ଶ୍ଳୋକ, ଶବ୍ଦ, ପଦ ଗଠନଭଳି ଗୀତ ମାଧ୍ୟମରେ ଭାଷଣ ଦେଇଥିଲେ। ଏବଂ ପରିଶେଷରେ ଅମିତ କୁମାର ସୁନା ବନ୍ଧୁମିଳନ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିବା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରଥିଲେ।

## ନିଆଁ ଲାଗି ଜଳିଗଲା ଚାରି ବଖରା ଘର

ଆସିକା, (ମହାଭାରତ) : ଗଞ୍ଜାମ ଜିଲ୍ଲା ଆସିକା ତହସିଲ ଅଧୀନ ଦେବଭୂମି ଗ୍ରାମରେ ସର୍ଟ ସର୍କିଟ ରୁ ନିଆଁ ଲାଗି ଚାରି ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଆସବାବ ପତ୍ର ସହ ବହୁ ଜିନିଷ ପତ୍ର ନିଆଁରେ ପୋଡ଼ି ନଷ୍ଟ ହୋଇଯାଇଛି। ପ୍ରକାଶ ଥାଉକି ଆଜି ମଧାହ୍ନ ସମୟରେ ସର୍ଟ ସର୍କିଟ ରୁ ନିଆଁ ଲାଗି ବିଦେଶୀ ମହାରଣାଙ୍କ କମାର ଶାଳ ସହ ଚାରି ବଖରା ଘର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ ନିଆଁରେ ଘରର ଆସବାବ ପତ୍ର ପୋଡ଼ି ନଷ୍ଟ ହୋଇଛି । ଖବର ପାଇ ଘଟଣା ସ୍ଥଳରେ ଆସିକା ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଛନ୍ତି ।

## ମା’ ବାଗଦେବୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବରେ ଯୋଗଦେଲେ ବିଧାୟକ

ନୂଆଗା. (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଜାକେଡ଼ା ଗ୍ରାମ ପଞ୍ଚାୟତ ୩୦ଖଣ୍ଡ କୋରଡ଼ାମାଳ ମୌଜା କନ୍ଧଖାଳମଡ଼ା ପୋଡ଼ାଗଡ ଠାରେ ମା’ ବାଗଦେବୀ ଠାକୁରାଣୀଙ୍କ ପୀଠରେ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଏହି ଯାତ୍ରା ଉତ୍ସବରେ ରବିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ୩ଦିନ ଧରି ପର୍ଶୁରାମ ମାତୃ ହତ୍ୟା, ତ୍ରିପୁରା ବିଜୟୀ ନାଗାର୍ଜୁନ ଓ ରାମ ଜନ୍ମ ମହାଆଡମ୍ବରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ବାର୍ଷିକ ଯାତ୍ରା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ମା’ ଙ୍କୁ ଦର୍ଶନ କରିବା ସହ ଆଶିଷ ବିଭୁକୃପାଲାଭ କରିଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିବା ସହ ମା ’ ଙ୍କ ମନ୍ଦିରର ଉନ୍ନତି କରଣ ଓ ମା’ ଙ୍କ ପୀଠରେ ପାନୀୟ ଜଳ ସମସ୍ୟା ଲାଗି ରହୁଥିବା ନେଇ ଏକ ନଳକୂପ ଖାନନ କରିବା ପାଇଁ ପ୍ରତିଶୃତି ଦେଇଥିଲେ।ତତ ସହିତ ଆଗାମୀ ଦିନରେ ସମଗ୍ର ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଦଶପଲ୍ଲା ବିଧାୟକ ଶ୍ରୀ ବେହେରା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ସରପଞ୍ଚ ପ୍ରତିନିଧି ବୁଲୁ ମଳିକ, ସମିତି ସଭ୍ୟା ପ୍ରଭାତୀ ମଳିକ,ଇନ୍ଦ୍ର ମଳିକ ଓ ପ୍ରକାଶ ମଳିକ ପ୍ରମୁଖ ମଞ୍ଚାସିନ ଥିଲେ।ଏହି ଉତ୍ସବ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହୋଇ ଆସୁଥିବା ମା’ ବାଗଦେବୀ ଯାତ୍ରା କମିଟିର ସଭାପତି ନରସିଂହ ଜାନି, ଉପସଭାପତି ମଣ୍ଡୁଆ ମଳିକ, ସମ୍ପାଦକ ଅଇଁଠା ମଳିକ ମତାମତ ଦେଇଥିଲେ।ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।ମା’ ବାଗଦେବୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ସମସ୍ତ ଅଞ୍ଚଳବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ସମାପନ ହୋଇଥିଲା।

## ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ

କଳିଙ୍ଗନଗର, (ମହାଭାରତ) : ଦାନଗଦୀ ସ୍ଥିତ କଳିଙ୍ଗନଗର, ସୋଲେଇ ଶିଶୁ ମନ୍ଦିରର ଏକାଦଶ ତମ ବାର୍ଷିକ ଉତ୍ସବ ମହାଆଡମ୍ବର ରେ ଅନୁଷ୍ଠିତ ହୋଇଯାଇଛି,ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ଼କ୍ଟର ପ୍ରଦୀପ ବଳ ସାମନ୍ତ ଯୋଗ ଦେଇପ୍ରଦୀପ ପ୍ରଜ୍ୱଳନ କରି ବିଧିମତେ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିବା ସହ ଆଜିର ଆଧୁନିକ ଯୁଗରେ କେବଳ ଶିଶୁ ମନ୍ଦିର କେବଳ ଶିଶୁ ମାନଙ୍କୁ ରାଷ୍ଟ୍ରପାଇଁ ଭଲ ମଣିଷ ତିଆରି କରେ ବୋଲି କହିଥିଲେ,ଅନ୍ୟତମ ଅତିଥି ଭାବେ ମୁଖ୍ୟବକ୍ତା ମହନ୍ତ ସିଦ୍ଧିଗିରି ଆଶ୍ରମ ଟାଙ୍ଗୀ ର ବାବାଜୀ ବିଶ୍ୱନାଥ ଦାସ ମହାରାଜ ଯୋଗ ଦେଇ ନିଜ ବକ୍ତବ୍ୟରେ ଶିଶୁ ମନ୍ଦିର ଅଛି ବୋଲି କିଛି ଶିଶୁ ଭଲ ମଣିଷ ହୋଇ ପିତା ମାତା ଗୁରୁଜନ ମାନଙ୍କୁ ମାନୁଛନ୍ତି, ଆଧୁନିକ ଯୁଗର ପିଲା ଟିକେ ବଡ଼ ହୋଇଗଲେ ମଥାନତ ପ୍ରଣାମ କରିବାକୁ ଲଜ୍ୟା ଅନୁଭବ କରିଥାନ୍ତି କିନ୍ତୁ ଶିଶୁ ମନ୍ଦିର ରେ ଯିଏ ଶିକ୍ଷା ଲାଭ କରିଥାଏ ତାହା ସମ୍ପୂର୍ଣ୍ଣ ଭିନ୍ନ, ଗୋ ମାତା ଙ୍କର ସେବା କରିବା ସହ ନିଜର ଧର୍ମ, ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଯେଉଁ ପିତାମାତା ଶିଶୁ ମନ୍ଦିରକୁ ପିଲାମାନଙ୍କୁ ପଠାଉଛନ୍ତି ତାଙ୍କୁ ଧନ୍ୟବାଦ ଦେଇଥିଲେ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ରାୟ ଯୋଗ ଦେଇ ମନ୍ତ୍ରୀ ଏ ଶିଶୁ ମନ୍ଦିରର କିପରି ଉନ୍ନତି ହେବ ସେଥିପାଇଁ ୩୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି, ଆଗକୁ ଆହୁରି ବିଦ୍ୟାଳୟ ପ୍ରତି ସହଯୋଗ ରହିବ ବୋଲି କହିଥିଲେ, ପରିଚାଳନା କମିଟିର ସଭାପତି ସୁବାଷ ଚନ୍ଦ୍ର ବଳସାମନ୍ତ ଙ୍କ ସଭାପତିତ୍ୱ ରେ ହୋଇଥିବା କାର୍ଯ୍ୟକ୍ରମ ଟିରେ ବିଦ୍ୟାଳୟ ର ପ୍ରଧାନ ଗୁରୁଜୀ ସୁବାଷଚନ୍ଦ୍ର ଦେଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ମନମୋହନ ଆଇଚ ଅତିଥି ପରିଚୟ ପ୍ରଦାନ କରିଥିଲେ, ଗୁରୁଜୀ ଶଶୀକାନ୍ତ ଦୋରା ମଞ୍ଚସଂଚାଳନ କରିଥିବା ବେଳେ ଶିଶୁ ମନ୍ଦିରର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନାଟକ ସୁଖ ଖୋଜୁଥିବା ମଣିଷ ପରିବେଷଣ ହୋଇଥିଲା, ବିଦ୍ୟାଳୟ ତରଫରୁ ସମସ୍ତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭୋଟର ତାଲିକାରୁ ବିସ୍ଥାପିତ ବିଦା, ଭୋଟ ଦାନରୁ ବଞ୍ଚିତ

ଯୋଡା,୩/୨(ନି ପ୍ର)କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ରେ ନିର୍ମାଣ ଧିନ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବନ୍ଧ ଯୋଜନା କାନପୁର ଶେଷ ପର୍ଯ୍ୟାୟରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏହି ନଦୀ ବନ୍ଧ ପାଇଁ ୧୬ ଗୋଟି ବୁଡ଼ି ଗ୍ରାମ ର ଲୋକେ ବିସ୍ଥାପିତ ହୋଇଛନ୍ତି ।ବିସ୍ଥାପିତ ଗ୍ରାମ ଗୁଡ଼ିକ ହେଲା,ଚମକ୍ ପୁ୍ର,ରେଭେନ୍ସା ପୁର (କ), ଓ(ଖ), ରୁଗୁଡି,ମୁରୁସୁଆଁ,ଧୋବା କୁଚୁଡ଼ା,ହରିହରପୁର,ଶଙ୍କରପୁର, କଣ୍ଡରା,ବାସୁଦେବପୁର,ଗୋବିନ୍ଦ ପୁର,ବିରିକଳା, ଦଡୁଆଁ, ବିଲେଇ ପଦା,ଲହଣ୍ଡା,ବଳଭଦ୍ରପୁର ।ଏହି ଗ୍ରାମ ଗୁଡିକରେ ପ୍ରାୟ ୩୮୦୦ ପରିବାର ବିସ୍ଥାପିତ ଭାବେ ଚିହ୍ନଟ ହୋଇଥିଲେ । ଏମାନଙ୍କ ମଧ୍ୟରୁ ପ୍ରାୟ ୮୦୦ ପରିବାର ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିସ୍ଥାପିତ କଲୋନୀରେ ଥଇଥାନ ହୋଇ ଥିବା ବେଳେ ଅଧିକାଂଶ ପରିବାର ବିସ୍ଥାପିତ କ୍ଷତିପୂରଣ ପାଇବା ପରେ ନିଜସ୍ୱ ଗୃହ ନିର୍ମାଣ କରି ଅନ୍ୟତ୍ର ବସବାସ କରୁଛନ୍ତି ।ବିସ୍ଥାପିତ ଙ୍କ ଥଇଥାନ ଓ ଅନ୍ୟାନ୍ୟ କ୍ଷତିପୂରଣ ,ବିସ୍ଥାପିତ ସହାୟତା ରାଶି,୧୮ ବର୍ଷ ପୁଅ ଝିଅ ଙ୍କ ସର୍ଭେ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନାହିଁ ।ପ୍ରକଳ୍ପ ପକ୍ଷରୁ ଏହାର ନିୟମିତ ସର୍ଭେ କାର୍ଯ୍ୟ ଚାଲିଛି ।ବିସ୍ଥାପିତ ମାନେ ଅନ୍ୟତ୍ର ରହୁଥିଲେ ହେଁ ବିସ୍ଥାପିତ ଗ୍ରାମ ଗୁଡିକରେ ନିର୍ବାଚନ ସମସ୍ୟାରେ ଭୋଟ ଦେଇ ଆସୁଥିଲେ । ଗତ ୨୦୨୪ ସାଧାରଣ ନିର୍ବାଚନ ରେ ଅନ୍ୟତ୍ର ରହୁଥିବା ବିସ୍ଥାପିତ ପରିବାର ଙ୍କ ନାମ ଭୋଟର ତାଲିକା ରୁ ବାଦ୍ କରି ଦିଆ ଯାଇଥିବା ବିସ୍ଥାପିତ ମାନେ ଅଭିଯୋଗ କରିଛନ୍ତି । ଏ ନେଇ ଦଡୁଆଁ ଗ୍ରାମ ର ବିସ୍ଥାପିତ ନଟବର ବେହେରା, ପ୍ରସନ୍ନ ବେହେରା,ବିର।ଙ୍ଗ ତୀରିଆ,ଶାନ୍ତିଲତା ତିରିଆ,ଜଇପାଲ ତିରୀଆ ପ୍ରମୁଖ କହିଛନ୍ତି ଯେ,ଭୋଟର ତାଲିକା ସର୍ଭେ ସମୟରେ ସର୍ଭେ କରୁଥିବା ଅଧିକାରୀ ମାନେ ବୁଡ଼ି ଅଞ୍ଚଳରେ ଘର ନ ଥିବା ଦର୍ଶାଇ ଭୋଟର ତାଲିକା ରୁ ବାଦ୍ ଦେଇ ଦେଲେ ।ପରେ ନିୟମ ଅନୁଯାୟୀ ବିସ୍ଥାପିତ ମାନେ ନୂତନ ସ୍ଥାନରେ ଭୋଟର ତାଲିକା ରେ ନାମ ପଞ୍ଜିକରଣ କଲା ବେଳେ ସେମାନଙ୍କ ଦରଖାସ୍ତ ନାକଚ ହୋଇ ଯାଉଛି । ଏ ସମ୍ପର୍କରେ ବିସ୍ଥାପିତ ମାନେ କହିଛନ୍ତି ଯେ,ଭୋଟର ତାଲିକା କୁ ନୂତନ ଜାଗା କୁ ସ୍ଥାନାନ୍ତରିତ ବା ପରିବର୍ତ୍ତନ କରିବାର ଯେଉଁ ନିୟମ ରହିଛି ତାହା ବି ଏଲ ଓ ମାନଙ୍କ ଦ୍ୱାରା କରା ନ ଯାଇ ୨୦୨୪ ମସିହା ଭୋଟର ତାଲିକା ରୁ ବିସ୍ଥାପିତ ମାନଙ୍କୁ ବାଦ୍ କରାଯାଇଛି ।ଯାହାଦ୍ୱାରା କି ବିସ୍ଥାପିତ ମାନେ ଭୋଟର ତାଲିକା ରେ ନାମ ନ ଥିବାରୁ ବିଭିନ୍ନ ସରକାରୀ ଅନୁଦାନ,ସରକାରୀ ସୁବିଧାରୁ ବଂଚିତ ହେଉ ଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ଏ ସମ୍ପର୍କରେ କାନପୁର ଜଳ ସେଚନ ପ୍ରକଳ୍ପ ର ନିର୍ଦ୍ଦେଶକ ନଗେନ୍ଦ୍ରନାଥ ମାଝୀ କହିଛନ୍ତି ଯେ,ବିସ୍ଥାପିତ ମାନେ ରହୁଥିବା ସ୍ଥାନ କୁ ଭୋଟର ତାଲିକା କୁ ସ୍ଥାନାନ୍ତରିତ କରିବା ପାଇଁ ବିସ୍ଥାପିତ ମାନଙ୍କୁ ସୂଚନା ଦିଆ ଯାଇଛି । ଏ ନେଇ ଚମକ୍ ପୁର ପୂର୍ବତନ ସରପଞ୍ଚ ପ୍ରଭାକର ନାଏକ କହିଛନ୍ତି ଯେ,ଭୋଟର ତାଲିକା ରୁ ବିସ୍ଥାପିତ ମାନେ ବାଦ୍ ପଡ଼ିବ। ପରେ ୨୦୨୪ ମସିହାରୁ ଭୋଟ ଦେବାରୁ ବଞ୍ଚିତ ହେଲେଣି, ।ବିଭିନ୍ନ ସରକାରୀ ଯୋଜନା ରୁ ସେମାନେ ବାଦ୍ ପଡିଛନ୍ତି ।ଭୋଟର ତାଲିକା ପଞ୍ଜିକରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନାହିଁ । ତେଣେ ଯୋଡା ବିଡ଼ିଓ ଡେନିସ ବେହେରା କହିଛନ୍ତି ଯେ,ଭୋଟର ମାନେ ବିସ୍ଥାପିତ ହେଲେ କିମ୍ବା ସ୍ଥାନ ପରିବର୍ତ୍ତନ କଲେ ନିୟମ ଅନୁଯାୟୀ ଫର୍ମ ପୂରଣ କରି ସ୍ଥାନାନ୍ତରିତ ପାଇଁ ଆବେଦନ କରି ପାରିବେ ଏବଂ ସର୍ଭେ ସମୟ ରେ କେହି ନାମ କାଟି ପାରିବେ ନାହିଁ । ଏ ନେଇ ଯୋଡା ବ୍ଲକ୍ ଅଧକ୍ଷ କବିନ୍ଦ୍ର ନାଏକ କହିଛନ୍ତି ଯେ,ଖୁବ୍ ଶୀଘ୍ର ସ୍ଥାନୀୟ ସରପଞ୍ଚ, ବୁଥ ଲେଭେଲ ଅଧିକାରୀ,ମାନଙ୍କ ସହିତ ଆଲୋଚନା କରାଯାଇ ବିସ୍ଥାପିତଙ୍କ ଭୋଟର ତାଲିକା ରୁ ବାଦ୍ ସମସ୍ୟାର ସମାଧାନ କରାଯିବ ।

# ବିଷମକଟକ ହତ୍ୟାକାଣ୍ଡ: ୫ ଦିନ ହେଲା ଧରାପଡୁନି ହତ୍ୟାକାରୀ



ବିଷମକଟକ,(ମହାଭାରତ): ବିଷମକଟକ ବ୍ଲକ ସଦର ମହକୁମା ଅନ୍ତର୍ଗତ ବ୍ରାହ୍ମଣ ସାହି ନିବାସୀ କୈଳାସ ଚନ୍ଦ୍ର ସାହୁଙ୍କ ନିର୍ମମ ହତ୍ୟା ଘଟଣାକୁ ୫ ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ହତ୍ୟାକାରୀଙ୍କ ଟେର୍ ପାଇପାରି ନାହିଁ। ଏହି ଘଟଣା ସାରା ଅଞ୍ଚଳରେ ଚଞ୍ଚଳତା ସୃଷ୍ଟି କରିଛି। ହତ୍ୟା ଘଟଣାର ଗଭୀର ତଦନ୍ତ ପାଇଁ ବିଷମକଟକ ଏସ୍ଡିପିଓ ସନ୍ତୋଷିନୀ ଓରାମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ, ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀଙ୍କ ନେତୃତ୍ୱରେ ଏକ ବିଶେଷ ତଦନ୍ତ ଦଳ ଗଠନ କରାଯାଇଛି। ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ପୁଲିସ ଦିନରାତି ଚେଷ୍ଟା ଜାରି ରଖିଛି।ଘଟଣାର ସୂତ୍ର ଧରିବା ପାଇଁ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ର ସହଯୋଗ ନିଆଯାଇଥିବା ବେଳେ ଘଟଣାସ୍ଥଳରୁ ରକ୍ତ ନମୁନା, ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଓ ଏସିଡ୍ ଯୁକ୍ତ କେମିକାଲ ମଧ୍ୟ ଜବତ କରାଯାଇଛି।ମୃତ କୈଳାସଙ୍କ ମୋବାଇଲ ଫୋନ ଜବତ କରାଯାଇ କଲ୍ ରେକର୍ଡ ଯାଞ୍ଚ କରାଯାଉଛି। ଘଟଣା ଦିନ ସେ କାହା ସହିତ ସମ୍ପର୍କରେ ଥିଲେ, ସେନେଇ ଥାନାକୁ ଡାକି ପଚରାଉଚରା ଚାଲିଛି। ଏପର୍ଯ୍ୟନ୍ତ ୧୧ ଜଣଙ୍କ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଥିବା ସହ ସେମାନଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି।ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରି ପରିବାର ଲୋକେ ରବିବାର ରାତିରେ ବିଷମକଟକ ଫେରିଥିଲେ। ସୋମବାର ଥାନା ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ହରିହର ବଳଦେବ ଟୁଡୁ, ଡା. ସୁମନ ସିଂ ଓ ଏସ୍ଆଇ ଅଶୋକ କୁମାର ପାଢୀ ମୃତକଙ୍କ ଘରକୁ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିବା ସହ ପରିବାର ସଦସ୍ୟ, ଦୁଇ ପୁଅଙ୍କ ସହ ଆଲୋଚନା କରିଥିଲେ।ଅନ୍ୟପଟେ ଘଟଣାର ପରଦିନ ଏସ୍ପି ସ୍ୱାଥୀ ଏସ୍. କୁମାର ମଧ୍ୟ ବିଷମକଟକ ପହଞ୍ଚି ସମଗ୍ର ପରିସ୍ଥିତିର ସମୀକ୍ଷା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ, ଫିଙ୍ଗର ପ୍ରିଣ୍ଟ ଓ ସାଇଣ୍ଟିଫିକ୍ ଟିମ୍ ରିପୋର୍ଟ ଆଧାରରେ ଶୀଘ୍ର ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହେବା ସହ ଅପରାଧୀକୁ ଚିହ୍ନଟ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟାଳୟ ରୁ ୫ମ ଶ୍ରେଣୀ ଛାତ୍ର ନିଖୋଜ

ଗଣିଆ (ମହାଭାରତ ) : ଗଣିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ବେଲପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ଅଧ୍ୟୟନ ରତ ଥିବା ପଞ୍ଚମ ଶ୍ରେଣୀ ଛାତ୍ର ଙ୍କ ମଙ୍ଗଳ ବାର ଦିନ ଅପରାହ୍ନ ସମୟେ ନିଖୋଜ ହୋଇଥିଲକ୍ଷ ସୂଚନା ମୁତାବକ ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ ରତ ଥିବା ଛାତ୍ର ଭୋଳାନାଥ ମାଲିକ ଅପରାହ୍ନ ଘ ୧. ୩୦ ମି. ସମୟରେ ବିଦ୍ୟାଳୟ ରେ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ଘରକୁ ଝାଡା ଯିବା ପାଇଁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ମନୀଷା ସେନାପତି ଙ୍କୁ ଜଣାଇବା ପରେ ଛାତ୍ର ଜଣକୁ ପ୍ରଧାନ ଶିକ୍ଷୟିତ୍ରୀ ବାରଣ କରିଥିବା ଜଣାଇଥିଲେ । ଘରକୁ ଝାଡା ଯିବା ପାଇଁ ପୁନର୍ବାର କହିବା ପରେ ଅପରାହ୍ନ ଘ. ୨. ୧୫ମି ସମୟରେ ବିଦ୍ୟାଳୟ ରୁ ପ୍ରଧାନ ଶିକ୍ଷୟିତ୍ରୀ ଛାଡିଥିଲେ ।ଏଭଳି ବାରମ୍ବାର ବିଦ୍ୟାଳୟ ପରିସରରୁ ଖାଇବା ପରେ ଅନେକ ସମୟରେ ଛାତ୍ର ଜଣକ ଘରକୁ ଯାଇଥିବା ଏବଂ ଘରକୁ ଯିବା ପରେ ବିଦ୍ୟାଳୟ କୁ ଫେରୁ ନଥିବା କଥା ପ୍ରଧାନ ଶିକ୍ଷୟିତ୍ରୀ ଜଣାଇଥିଲ । ଦୈନନ୍ଦିନ ଭଳି ମଧ୍ୟ ମଙ୍ଗଳ ବାର ଦିନ ଅପରାହ୍ନ ସମୟ ପର୍ଯ୍ୟନ୍ତ ଛାତ୍ର ଜଣକ ଘରକୁ ନ ଫେରି ବାରୁ ଅଭିଭାବକ ପ୍ରଧାନ ଶିକ୍ଷୟିତ୍ରୀ ଙ୍କୁ ଫୋନ କରି ପଚାରି ଥିଲେ ଏବଂ ସେ ଖାଇସରିବା ପରେ ଘରକୁ ଝାଡା ଯାଇଛି ବିଦ୍ୟାଳୟ କୁ ଫେରିନାହିଁ ବୋଲି ଜଣାଇ ଥିଲେ । ଏହାପରେ ଛାତ୍ର ର ବାପା ବିଜୟ ମାଲିକ ଓ ମା ' ମାତା ମଲିକ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ସୂଚନା ପାଇ ଗଣିଆ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିଓ ସ୍ଥାନ ରେ ଦୀର୍ଘ ସମୟ ଧରି ଖଜାଖୋଜି କରିବା ପରେ କୌଣସି ସନ୍ଧାନ ମିଳିନଥିଲା । ଘଟଣା ସ୍ଥଳରେ ଗଣିଆ ଥାନା ଅଧିକାରୀ ଟଙ୍କଧର ଛାତ୍ରୀ।, ଏ ଏସ ଆଇ ଶ୍ୟାମ ସୁନ୍ଦର ପ୍ରଧାନ, ଶାହା ଆଲାମ ଖାନ ପହଞ୍ଚି ତଦନ୍ତ ଚଳାଇଥିଲେ ।ସ୍ଥାନୀୟ ଗ୍ରାମ ବାସୀ ମାନେ ମଧ୍ୟ ଅନେକ ଖୋଜା ଖୋଜି କରିବା ପରେ ମଧ୍ୟ କୌଣସି ସନ୍ଧାନ ପାଇ ପାରି ନଥିଲେ କ୍ଷପ୍ରଧାନ ଶିକ୍ଷୟତ୍ରୀ ଏ ନେଇ ଏକ ଲିଖିତ ଅଭିଯୋଗ ଜଣାଇ ଥିଲେ ।

## ପାଟଣା ବନାଞ୍ଚଳ ପକ୍ଷରୁ ଜଙ୍ଗଲ ନିଆଁ ନିବାରଣ ଅଭିଯାନ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ପକ୍ଷରୁ ରହଣିଦୁମା ଗ୍ରାମ ରେ ଜଙ୍ଗଲ ରେ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅଟେଇ ସଂରକ୍ଷିତ ଜଙ୍ଗଲ କୁ ନିଆଁ ଦାଉ ରୁ କିପରି ରକ୍ଷା କରାଯିବ ଓ ବନ୍ୟଜନ୍ତୁ ଙ୍କୁ କିପରି ସୁରକ୍ଷା ଦେଇ ପାରିବା ତାହା ବିଷୟ ରେ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦାର ଙ୍କ,ସଭାପତିତ୍ୱ ହୋଇଛି। କାର୍ଯ୍ୟକ୍ରମ ରେ ବନପାଳ ନିରଞ୍ଜନ ସେଠୀ,ବନରକ୍ଷୀ ଦୀପକ ସ୍ୱାଇଁ ଉପସ୍ଥିତି ଥିଲେ। କାର୍ଯ୍ୟକ୍ରମ କୁ ରଣଜିତ ପଲେଇ ପରିଚାଳନା କରିବା ବେଳେ ରହଣିଦୁମା ଗ୍ରାମ ଶତାଧିକ ମହିଳା ପୁରୁଷ ଉପସ୍ଥିତି ଥିଲେ।

## ଦୋଳ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ହନୁମାନ ମନ୍ଦିର ପରିସରରେ ଚଳିତ ବର୍ଷ ହେବାକୁ ଥିବା ଦୋଳ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମ ରେ ଦୋଳ ଉତ୍ସବ କମିଟିର ସଭାପତି ଅବସର ପ୍ରାପ୍ତ ଶିକ୍ଷକ ବିନୋଦ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଚଳିତ ବର୍ଷ ଫେବୃଆରୀ ୨୭ ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଛଅ ଦିନ ଅତି ଆଡମ୍ବର ସହକାରେ ପାରମ୍ପରିକ ରୀତିନୀତି ଅନୁସାରେ ପାଳନ କରାଯିବାର ନିଷ୍ପତ୍ତି କରାଯାଇଛି। ଯାତ୍ରାକୁ ସୁରୁଖୁରୁରେ ପାଳନ କରିବା ପାଇଁ ୫ ଟି ସବ୍ କମିଟି ଗଠନ କରାଗଲା ।ଉକ୍ତ ବୈଠକରେ କମିଟିର କର୍ମକର୍ତ୍ତା ରାଜେନ୍ଦ୍ର ବେହେରା ,ମଙ୍ଗଳା ପଟ୍ଟନାୟକ ଦେବେନ୍ଦ୍ର ମିଶ୍ର,ଗଣେଶ ପଟ୍ଟନାୟକ, ମନୋଜ କୁମାର ଦାସ, ଲୋକନାଥ ମିଶ୍ରପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।ଦୋଳ ଉତ୍ସବ କିପରି ହେବ ତା ଉପରେ ବିସ୍ତୃତ ଆଲୋଚନା କରିଥିଲେ ।ଶେଷରେ ଦେବେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପଟାକୋଟରେ କ୍ଷତ୍ରିୟ ଧାକଡ ସମାଜର ବୈଠକ

ଡାବୁଗାଁ(ମହାଭାରତ): ମାଘ ପୂର୍ଣ୍ଣିମା ଅବସରରେ ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ପଟାକଟରେ କ୍ଷତ୍ରିୟ ଧାକଡ ସମାଜ ନବରଙ୍ଗପୁର ଜିଲ୍ଲାସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସଭାପତି ଚକ୍ରଧର ସିଂହ, ସଂଗଠନ ସାଧାରଣ ସଂଗଠନ ସୂର୍ଯ୍ୟବଂଶୀ ଜୟନ୍ତ ପାତ୍ର, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ସିଂ , ଉପସଭାପତି ସୁରେନ୍ଦ୍ର ନାୟକ, କାର୍ତ୍ତିକ ଦାସ, ହରି ଧାକଡ, ପଦ୍ମନ ନାୟକ, ମନମୋହନ ସିଂ, ଓ ସଦନ ନାୟକ, ସଂପାଦକ ମହେଶ୍ୱର ନାୟକ, ବିଭୁତି ନାୟକ, ଲକ୍ଷ୍ମଣ ନାୟକ, ଘାସିରାମ ସିଂ, ସଂଗଠକ ତ୍ରୀନାଥ ସିଂ ଓ ବଳରାମ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଦିବାକର ନାୟକ, ତ୍ରୀନାଥ ଧାକଡ ପ୍ରମୁଖ କାର୍ଯ୍ୟକ୍ରମର ତଦାରଖ କରିଥିଲେ।

## 'ଘୁମୁସରର ସ୍ୱର' ପକ୍ଷରୁ ୧୫୮ ତମ ପୂର୍ଣ୍ଣିମା ସାହିତ୍ୟ ଆସର

ବୁଗୁଡ଼ା: ଓଡ଼ିଆ ଭାଷା ସାହିତ୍ୟ କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ 'ଘୁମୁସର ର ସ୍ୱର' ବାଲିପଦର ପକ୍ଷରୁ ୧୫୮ ତମ ପୂର୍ଣ୍ଣିମା ସାହିତ୍ୟ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର ପୌରହିତ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଅଜିତ୍ କୁମାର ସେଠୀ,ଡକ୍ଟର ବ୍ରଜ କିଶୋର ପାଢ଼ୀ ମୁଖ୍ୟ ବକ୍ତା, କବି ସୁଶାନ୍ତ କୁମାର କର ଓ ଚିନ୍ତାମଣି ପ୍ରଧାନ ସମ୍ମାନିତ ଅତିଥି, ଚିନ୍ମୟ କୁମାର ମିଶ୍ର ସଂଯୋଜକ, ପ୍ରବଚକ ଭାବେ କଥା ରତ୍ନ ଜ୍ଞାନ ରଞ୍ଜନ ଜେନା ଯୋଗଦେଇ ଥିବା ବେଳେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଭାବେ ଚିନଂ ମହେନ୍ଦ୍ର କୁମାର ପାତ୍ର ଯୋଗଦେଇ ଧରାକୋଟ ରାଜ୍ୟର କଳା, ସାହିତ୍ୟ, ସଂସ୍କୃତି ଅତି ମହାନ୍ କୃଷ୍ଣସିଂହଙ୍କ ରଚିତ ମହାଭାରତ ଭଳି ସାହିତ୍ୟ ଆଉ ଉତ୍ତର ପିଢ଼ି ବୁଝି ପାରିବେକି ନାହିଁ ସନ୍ଦେହ ହୋଇ ପଡିଛି। ଏଣୁ ପ୍ରାଚୀନ ସାହିତ୍ୟ ଗୁଡିକୁ ଅଧ୍ୟୟନ କରିବା ପାଇଁ ଆଧୁନିକ ଯୁବ ପିଢ଼ିଙ୍କୁ ସଚେତନ କରାଇବା ଆମ ମାନଙ୍କ ଦାୟିତ୍ୱ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।

## କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

ରମ୍ଭା, : ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୋଡ଼ାମପେଟା ଓଡ଼ିଆରପି କଲୋନୀରେ ଏକ ବର୍ଷ ଧରି ଚାଲିଥିବା କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହୋଇଯାଇଛି। ଭିୟୁଷ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଶିବିରରେ କୋଡିନେଟର ଜେ. ଟିଟୁ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ପ୍ରଶିକ୍ଷିକା ସି ଏଚ ପଦ୍ମିନୀଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍ଯାପନି ସମାବେଶରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପ୍ରଧାନ, ମୁଖ୍ୟବକ୍ତା ଭାବେ ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ ଉପସ୍ଥିତ ଶିବିରାର୍ଥୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ଦାନବୀର କ୍ଷେତ୍ରବାସୀ ରାଉତରାୟଙ୍କ ୧୩୧ତମ ଜୟନ୍ତୀ

ନିରାକାରପୁର,: ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ ମାଇନର ସ୍କୁଲ, ହାଇସ୍କୁଲ ଏବଂ ମହାବିଦ୍ୟାଳୟର ପ୍ରତିଷ୍ଠାତା ଦାନବୀର କ୍ଷେତ୍ରବାସୀ ରାଉତରାୟ ଙ୍କ ୧୩୧ ତମ ଜୟନ୍ତୀ ତାଙ୍କ ସମାଧି ପୀଠରେ କ୍ଷେତ୍ରବାସୀ ରାଉତରାୟ ସ୍ମୃତି ସଂସଦ ଏବଂ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଇସ୍ୱାର୍ଡ ଆନୁକୁଲ୍ୟରେ ପାଳିତ ହୋଇଯାଇଛି। ଅଞ୍ଚଳର ଜନ ସାଧାରଣ, ସାମ୍ବାଦିକ ବନ୍ଧୁ ମାନେ,ମହାବିଦ୍ୟାଳୟର ଅଧ୍ୟକ୍ଷ,ଅଧ୍ୟାପକ,ଅଧ୍ୟାପିକା , କର୍ମଚାରୀ, ଏନସିସି, ଏନ ଏସ ଏସ , ରେଡକ୍ରସ ର ଛାତ୍ର ଛାତ୍ରୀ ଗଣ ଏବଂ ହାଇସ୍କୁଲ ର ଶିକ୍ଷକ, ଛାତ୍ର ଓ ଛାତ୍ରୀ ମାନେ ସମାଧି ପୀଠ ଓ ଫଟୋ ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନିକଟସ୍ଥ ଶ୍ରୀ ଦେବୌ ଶୁକ୍ଳ ଯଜୁର୍ବେଦ କାଣ୍ଣ୍ ବେଦ ପାଠଶାଳା ତରଫରୁ ବେଦପାଠ, ବିରତୋଇ ଗ୍ରାମର ଗତିଶ୍ୱର ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ସଂକୀର୍ତ୍ତନ ଏବଂ ସ୍ଥାନୀୟ ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପଶାଖା ର ଭାଇ ଭଉଣୀ ମାନେ ରାଜ ଯୋଗ କରି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଏହି ସବୁ କାର୍ଯ୍ୟକ୍ରମ ମଧ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ କରାଯାଇଥିଲା। କ୍ଷେତ୍ରବାସୀ ଡି ଏ ଭି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ରାଉତରାୟ, ରାମଦୟା ପରିଷଦର ସଂପାଦକ ଗଙ୍ଗାଧର ତ୍ରିପାଠୀ, ପ୍ରାକ୍ତନ ଶିକ୍ଷକ କମଳ ଲୋଚନ ପ୍ରଧାନ, ସମାଜସେବୀ ପ୍ରସାଦ ଦାସ, ଶିଖ୍ୟାବିତ୍ ଶଙ୍କର୍ଷଣ ପ୍ରଧାନ, ସତ୍ୟବାଦୀ ବଳବନ୍ତରାୟ, ଅପର୍ତି ଜେନା ଆଦି ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରି ଥିଲେ। କ୍ଷେତ୍ରବାସୀ ରାଉତରାୟ ହେଉଛନ୍ତି ଏ ଅଞ୍ଚଳର ଆଲୋକର ପଥ ପ୍ରଦର୍ଶକ ବୋଲି ମତ ପୋଷଣ କରିଥିଲେ ।

## ବସୁଧା ଯୋଜନା ପମ୍ପ ହାଉସ ମରାମତି କୁ ନେଇ ଦୁଇ ଗୋଷ୍ଠୀ ହାତାହାତି

ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ ରଘୁନାଥପୁର ଅଞ୍ଚଳ ରେ ଆଜି କେନ୍ଦ୍ରାପଟି ପ□ ପଞ୍ଚାୟତ ନାଏବ ସରପଞ୍ଚଙ୍କ ସ୍ୱାମୀ ସୁଦାମ ପ୍ରଧାନ ଙ୍କ ମାଡ଼ ରେ ପମ୍ପ ହାଉସ ଏସିଏମ ନୁଆସାହି ଗ୍ରାମ ର ବାବୁଲି ପ୍ରଧାନ ଗୁରୁତ୍ୱର ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର ହୋଇଛନ୍ତି। ଯେଉଁ ଘଟଣା କୁ ନେଇ ବାବୁଲି ପ୍ରଧାନ ଙ୍କ ଧର୍ମପତ୍ନୀ ବିନୋଦିନୀ ପ୍ରଧାନ ଅସ୍ତରଙ୍ଗ ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତି, ସୂଚନା ମୁତାବକ ରଘୁନାଥପୁର ରେ ଥିବା ବସୁଧା ଯୋଜନା ଅଧୀନରେ ପମ୍ପହାଉସ ଦୀର୍ଘ ମାସ ହେବ ଅଚଳ ହୋଇ ପଡିଥିଲା, ଯାହାକି ଫଳରେ ପାଖାପାଖି ରଘୁନାଥପୁର, ଅମରଆଳୁ, ନମାରୋ ଅଞ୍ଚଳ ର ହଜାର ହଜାର ଲୋକ ପନୀୟ ଜଳ ପାଇବାରୁ ବଞ୍ଚିତ ରହିଥିଲେ, ଏହି ବାବଦରେ ଅସ୍ତରଙ୍ଗ ବ୍ଲକ ରେ ବିଭାଗୀୟ ଯନ୍ତ୍ରୀ ଙ୍କୁ ସ୍ଥାନୀୟ ଲୋକ ଅଭିଯୋଗ ଶୁଣାଇବା ପରେ ଯନ୍ତ୍ରୀ ଙ୍କ ନିର୍ଦ୍ଦେଶ ରେ ଠିକାଦାର ସୁପରଭାଇଜର ପରାମର୍ଶ ଦେଇଥିଲେ। ପମ୍ପ ହାଉସ କୁ ମରାମତି କରି ତୁରନ୍ତ ଲୋକ ଙ୍କୁ ପାନୀୟଜଳ ଯୋଗାଇ ଦେବା ପାଇଁ, ନୁଆସାହି ଗ୍ରାମ ର ପମ୍ପ ଡ୍ରାଇଭର ବାବୁଲି ପ୍ରଧାନ ଜଣେ ପ୍ରଶାସନ ର ସ୍ୱୀକୃତି ପ୍ରାପ୍ତ ପମ୍ପ ଡ୍ରାଇଭର ଭାବେ କାମ କରନ୍ତି ଆଉ ପ୍ରଶାସନ ର ନିର୍ଦ୍ଦେଶ ରେ ବାବୁଲି ପ୍ରଧାନ ସୁପରଭାଇଜର ଙ୍କ ସହ ପହଞ୍ଚି ଥିଲେ ପମ୍ପ ହାଉସ ରେ ମରାମତି କାର୍ଯ୍ୟ କରିବା ପାଇଁ, ମାତ୍ର ସେଠି କୌଣସି କାରଣ ରୁ ସୁଦାମ ପ୍ରଧାନ ସୁପର ଭାଇଜର ଙ୍କୁ ଗାଳିଗୁଲଯ କରି ମାରିବା ପାଇଁ ଧମକ ଚମକ ଦେଇଥିଲେ ମାତ୍ର ସୁପରଭାଇଜର ଘଟଣା ସ୍ଥଳରୁ ଜୀବନ ବଂଚେଇବା ପାଇଁ ପଳେଇ ଆସିବା ପରେ ସୁଦାମ ପ୍ରଧାନ ଓ ତାଙ୍କ ପୁଅ ସାଗର ପ୍ରଧାନ ନଡ଼ିଆ ବାହୁଙ୍ଗା ରେ ବାବୁଲି ପ୍ରଧାନ ଙ୍କୁ ଆକ୍ରମଣ କରି ତାଙ୍କ ଛାତି ରେ ମାଡ଼ ମାରି ତଳେ ପକାଇ ଦେଇଥିଲେ, ତାଙ୍କ ଘର ଲୋକ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ପ୍ରଥମେ ବାବୁଲି ଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ ସେଠି ଅବସ୍ଥା ଗୁରୁତ୍ୱର ହେବାରୁ ବାବୁଲି ଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି ବୋଲି ମେଡିକାଲ ରୁ ସୂଚନା ମିଳିଛି। ଏଥିନେଇ ଅସ୍ତରଙ୍ଗ ଥାନା ରେ ବାବୁଲି ଙ୍କ ଧର୍ମପତ୍ନୀବିନୋଦିନୀ ପ୍ରଧାନ ସୁଦାମ ପ୍ରଧାନ, ତାଙ୍କ ପୁଅ ସାଗର ପ୍ରଧାନ ଓ ସୁଦାମ ଙ୍କ ଧର୍ମପତ୍ନୀ ମିନତୀ ପ୍ରଧାନ ଙ୍କ ନାମ ରେ ଅସ୍ତରଙ୍ଗ ଥାନା ରେ ଏତଲା କରିଛନ୍ତି, ଠିକ ସେହିପରି ବାବୁଲି ପ୍ରଧାନ ଙ୍କ ନାମ ରେ ସୁଦାମ ଙ୍କ ଧର୍ମ ପତ୍ନୀ ମିନତୀ ପ୍ରଧାନ ଅସ୍ତରଙ୍ଗ ଥାନା ରେ ଏତଲା କରିଛନ୍ତି ବୋଲି ଥାନା ତରଫରୁ ସ୍ପଷ୍ଟ କରାଯାଇଛି,ଏହି ଘଟଣା କାହିଁ ଘଟିଛି ଏହା ପଛରେ ବ୍ୟକ୍ତିଗତ କାରଣ କି ରାଜନୈତିକ କାରଣ ରହିଛି ତାହା ବର୍ତ୍ତମାନ ସୁଧା ଅସ୍ପଷ୍ଟ ରହିଛି, ଉଭୟ ପକ୍ଷ ରୁ ଏତଲା ହେବା ପରେ ପୋଲିସ ତରଫରୁ ନିରପେକ୍ଷ ତଦନ୍ତ କରାଯିବ ବୋଲି ସୂଚନା ମିଳିଛି ।

## ୧୯୯୫ ବ୍ୟାଚ୍ ମାଟ୍ରିକ ବନ୍ଧୁମିଳନ ଅନୁଷ୍ଠିତ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଗୋପିନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ ର ମାଟ୍ରିକ ୧୯୯୫ ବ୍ୟାଚ୍ର ବନ୍ଧୁମିଳନ ପାଟଣା ବୈତରଣୀ ନଦୀ କୂଳରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯୯୫ ମାଟ୍ରିକ ବ୍ୟାଚ୍ ର ଜୟନ୍ତ କୁମାର ବିଶ୍ୱାଳ, ଜୟପ୍ରକାଶ ଦକ୍ଷିଣରାୟ, ଅଞ୍ଜନ କୁମାର ରାଉତ, ରଶ୍ମୀରଞ୍ଜନ ରାଉତ, ଭବାନୀ ପ୍ରସାଦ ଲେଙ୍କା, ଅଜୟ କୁମାର ଦାସ, ସନତ କୁମାର ଦାଶ, ରବିନ୍ଦ୍ର କୁମାର ଲୋହାର, କାମିନୀ କାନ୍ତ ଦ୍ୱିବେଦୀ, କେଦାରନାଥ ସେଠୀ, ଗନ୍ଧର୍ବ ରାଜ ମିଶ୍ର, ଦିବ୍ୟ ଲୋଚନ ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ, ପ୍ରତାପ କୁମାର ମହାନ୍ତ, କୃଷ୍ଣ ଚନ୍ଦ୍ର ତ୍ରିପାଠୀ, କ୍ଷୀରୋଦ ମହାନ୍ତ, ନନ୍ଦକିଶୋର ଦାଶ, ଜୟଦେବ ମହାନ୍ତ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଗୋପିନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ ର ହୀରକ ଜୟନ୍ତୀ ଉତ୍ସବ ପାଳନ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଦ୍ରକ ପୁରୁଣା ବଜାର ନିକଟସ୍ଥ ୨୬ନଂ ୱାର୍ଡର ଅବସ୍ଥିତ ଫ୍ରେଜର ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ, ସହକାରୀ ଶିକ୍ଷକ / ଶିକ୍ଷୟତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜାବିର ଖାଁ ଓ ସଭ୍ୟ / ସଭ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭଦ୍ରକ ପୌରପରିଷଦର ଅଧ୍ୟକ୍ଷା ଗୁଲମକୀ ଦଲୱାଜି ହବିବ୍ ମୁଖ୍ୟ ଅତିଥି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ୍ ଦ୍ୱିବେଦୀ, ମୁଖ୍ୟବକ୍ତା, ଶ୍ୱେତାଶ୍ରୀ ମହାପାତ୍ର, ଡେପୁଟି କଲେକ୍ଟର ଭଦ୍ରକ,ସମ୍ମାନିତ ଅତିଥି, ୨୬ ୱାର୍ଡର କାଉନ୍ସିଲର ସମାଜସେବୀ ଶେଖ୍ ଜୁଲଫୁକାର ଅଲ୍ଲୀ, ସି.ଆର୍.ସି.ସି. ନୀଳାମ୍ବର ପାଣିଗ୍ରାହୀ, ଶିକ୍ଷକ ସଂଘ ନେତା ହାଜି ଦବରେଜ ଖାଁ, ବିଦ୍ୟାଳୟର ସଭାପତି ଜାବିର ଖାଁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଶେଖ୍ ଜମାଲୁଦ୍ଦିନ୍ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶିକ୍ଷକ ପଦ୍ମନାଭ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ।

# ବଢୁଛି ଲାଖଯୁକ୍ତ ଶଙ୍ଖା ଚୁଡ଼ିର ଆଦର

କଟକ,: ପ୍ରାଚୀନ ସିନ୍ଧୁ ସଭ୍ୟତାରୁ ଆରମ୍ଭ କରି ଆଧୁନିକ ଭାରତୀୟ ସଭ୍ୟତା ପର୍ଯ୍ୟନ୍ତ ନାରୀର ଆଭୂଷଣ ଭାବେ ଶଂଖା ଓ ଚୂଡ଼ିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଭାରତୀୟ ନାରୀ ଶଂଖାକୁ ଅତି ଆଦରର ସହିତ ପରିଧାନ କରିଥାନ୍ତି। ପାରମ୍ପାରିକ ତଥା ଆଧୁନିକ ଚୂଡ଼ି, ଶଂଖା ଓ କଡ଼ାର ଆଦର ଆମ ରାଜ୍ୟର ନାରୀମାନଙ୍କ ମଧ୍ୟରେ ବିଶେଷ ଭାବେ ପରିଲକ୍ଷିତ ହୋଇଥାଏ । ଏହାଛଡ଼ା ମଧ୍ୟ ରାଜସ୍ଥାନୀ ଶଂଖା ଓ ଚୂଡ଼ିର ବ୍ୟବହାର ରାଜ୍ୟରେ ବହୁଳ ଭାବରେ ଦେଖାଯାଇଥାଏ। ସୁଦୂର ରାଜସ୍ଥାନରୁ ଆସିଥିବା ଶଂଖାରୀମାନେ ବହୁବର୍ଷ ଧରି କଟକରେ ଲାଖ ପ୍ରଲେପଯୁକ୍ତ ଶଂଖା ପ୍ରସ୍ତୁତ କରିଥାନ୍ତି, ଯାହାର ରାଜ୍ୟରେ ବେଶ ଚାହିଦା ରହିଛି । ସ୍ଥାନୀୟ ବାଙ୍କାବଜାର ଅଂଚଳରେ କିଛି କାରିଗର ରାଜସ୍ଥାନୀ ଲାଖଯୁକ୍ତ ଶଂଖା ଓ ଚୂଡ଼ି ପ୍ରସ୍ତୁତ କରିଥାନ୍ତି । ଏମାନଙ୍କ ପୂର୍ବପୁରୁଷ ରାଜସ୍ଥାନରୁ ଆସି ଏଠାରେ ଶଂଖା ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି । ବିଭିନ୍ନ କିସମର ରଂଗ ବେରଂଗ ଶଂଖାରେ ଲାଖର ପ୍ରଲେପ ଦେଇ ଆକର୍ଷଣ କରିବା ସହିତ ଏହାର ବିକ୍ରୟ କରିବା ହେଉଛି ସେମାନଙ୍କର ପୈତୃକ ପେଷା ବୋଲି ଶଂଖା ତିଆରି କାରିଗର ସାଦିକ ମନିହାର କହିଛନ୍ତି । ପିଢ଼ି ପରେ ପିଢ଼ି ଏହା ସେମାନଙ୍କର କୌଳିକ ବୃତ୍ତି। ଲାଖଯୁକ୍ତ ଶଂଖା, ସୁନା ଅଂଳକାରରେ ଲାଖ ଫିଲିଂ, ବିବାହ ଶଂଖା ଗଢ଼ିବା ଏମାନଙ୍କର ଦୈନନ୍ଦିନ ଜୀବିକା । ଏଥିପାଇଁ ସେମାନେ ପ୍ରତ୍ୟେହ ୧୨ଘଣ୍ଟା ପରିଶ୍ରମ କରିଥାନ୍ତି । ଏହାଛଡ଼ା ସହରର ଚୂନଭାଟି ଅଚଳରେ ମଧ୍ୟ କିଛି କାରିଗର ରାଜସ୍ଥାନୀ ଶଂଖା ତିଆରିକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରି ପରିବାର ପ୍ରତିପୋଷଣ କରୁଛନ୍ତି । ପୂର୍ବେ ଓଡ଼ିଶାରେ ରାଜସ୍ଥାନୀ ଶଂଖାକୁ "ମାଟି ଶଂଖା" କୁହାଯାଉଥିଲା ବୋଲି



ଶଂଖା କାରିଗର ଦୌଲତ ବିବି କହିଛନ୍ତି। ବୃକ୍ଷରୁ ସଂଗୃହୀତ ହେଉଥିବା ଲାଖକୁ ସୋଧନ କରି ଏଥିରେ ରଂଗ ମିଶ୍ରଣ କରାଯାଇ ପାଗ ପ୍ରସ୍ତୁତ କରାଯାଇଥାଏ। ଉକ୍ତ ପାଗକୁ କାଠିରେ ଲଗାଇ ନିଆଁ ଭାଟିରେ ଗରମ କରାଯାଏ। ବିଭିନ୍ନ ପ୍ରକାରର ରଂଗ ବେରଂଗର ଶଂଖାରେ ଏହି ପ୍ରଲେପକୁ ମିଶ୍ରଣ କରାଯାଇ ଆକର୍ଷଣୀୟ କରାଯାଇଥାଏ। ଶଂଖାକୁ ମନଲୋଭା କରିବା ପାଇଁ ଏଥିରେ ଷ୍ଟୋନ ବସାଯାଇଥାଏ। ଲାଖଶଂଖାର ଯୋଡ଼ି ୧୦୦ଟଙ୍କାରୁ ଆରମ୍ଭ କରି ୧୦୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ଏଥିରେ ବସାଯାଉଥିବା ସାଧାରଣ ଷ୍ଟୋନର ଦାମ ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ହୋଇଥିବାବେଳେ ଉନ୍ନତମାନର ଷ୍ଟୋନର ଦାମ ୫୦୦ ଟଙ୍କାରୁ ୧୦୦୦ଟଙ୍କା ମଧ୍ୟରେ ରହିଛି । ରାଜ୍ୟରେ ବିଶେଷ କରି ରଜ, ସାବିତ୍ରୀ, ବିବାହ ବ୍ରତ ଏବଂ ଅନ୍ୟାନ୍ୟ ପାର୍ବଣ ଋତୁରେ ଏହି ଶଂଖାର ଅଧିକ ଚାହିଦା ରହିଥାଏ । ବିବାହିତ ମହିଳା ଓ ଯୁବପିଢ଼ିର ଝିଅମାନେ ଏହି ଶଂଖାକୁ ପିନ୍ଧିବାକୁ ବେଶ ପସନ୍ଦ କରିଥାନ୍ତି । ସେହିପରି ଟେଲିଭିଜନ ଧାରାବାହିକର ଅଭିନେତ୍ରୀମାନେ ରାଜସ୍ଥାନୀ ଶଂଖାକୁ ତାଙ୍କ ଚରିତ୍ରରେ ପରିଧାନ ମଧ୍ୟ କରିଥାନ୍ତି । ସଂପ୍ରତି ଏହି କୁଟୀର ଶିଳ୍ପରେ ବହୁ ସମସ୍ୟା ଦେଖାଦେଇଛି । ଆବଶ୍ୟକ ପରିମାଣର କଞ୍ଚା ମାଲ ଓଡ଼ିଶାରେ ଉପଲବ୍ଧ ହେଉନାହିଁ । ପଶ୍ଚିମବଂଗରୁ ଲାଖ, ଫିରୋଜାବାଦରୁ କାଚ, କୋଲକତା ଓ ମୁମ୍ବାଇରୁ ପଥର ସଂଗ୍ରହ କରାଯାଇଥାଏ। ଏହି କଞ୍ଚାମାଲର ଅଭାବ ସାଂଗକୁ ରାଜ୍ୟରେ ଶଂଖାର ବିକ୍ରୟ ପାଇଁ ମଧ୍ୟ ବଜାରର ଅଭାବ ରହିଛି ବୋଲି ବହୁ ଶଂଖା କାରିଗରମାନେ କହିଛନ୍ତି। ରାଜ୍ୟରେ ଏହି କୁଟୀର ଶିଳ୍ପ ସମ୍ବନ୍ଧରେ ଜ୍ଞାନ ଥିବା କାରିଗରଙ୍କ ସଂଖ୍ୟା ବହୁ ନଗଣ୍ୟ । ପରିବାରର ଯୁବପିଢ଼ି ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ ଏହି କୌଳିକ ବୃତ୍ତିକୁ ଶିକ୍ଷା ଭାବେ ଗ୍ରହଣ କରିଥାନ୍ତି ମାତ୍ର ଆଜିର ଯୁବପିଢ଼ି ନିଆଁ ଭାଟି ସମ୍ମୁଖରେ ୧୨ଘଣ୍ଟା ବସିବା ସହିତ ଏହି ଶଂଖା ବ୍ୟବସାୟରୁ ସ୍ୱଳ୍ପ ଆୟ ହେଉଥିବାରୁ ଏହାକୁ ଆଉ ଜୀବିକା ଭାବେ ନିର୍ବାହ କରିବାକୁ ପସନ୍ଦ କରୁନାହାନ୍ତି । ରାଜ୍ୟ ସରକାର କଞ୍ଚାମାଲର ସୁବନ୍ଦୋବସ୍ତ କରିବା, ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିବା, ବିକ୍ରୟ ପାଇଁ ବଜାର ସୃଷ୍ଟି କରିବା, ମେଳାରେ କାରିଗରମାନଙ୍କୁ ପ୍ରାଧାନ୍ୟ ଦେବା ଓ କଳା ପ୍ରତି ଜନ ସଚେତନତା ସୃଷ୍ଟି କରିପାରିଲେ, କ୍ରମଶଃ ଲୁପ୍ତ ହୋଇ ଯାଉଥିବା ଏହି କୁଟୀର ଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ଶଂଖା କାରିଗରମାନେ ମତ ପ୍ରକାଶ କରିଛନ୍ତି ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ହ୍ୱାଟ୍ସଆପ୍‌କୁ ସୁପ୍ରିମ୍ କୋର୍ଟଙ୍କ ଚେତାବନୀ

ନୂଆଦିଲ୍ଲୀ : ହ୍ୱାଟ୍ସଆପ୍‌କୁ ସୁପ୍ରିମ୍ ଚେତାବନୀ । ଯଦି ତୁମେ ଭାରତୀୟ ସମ୍ବିଧାନକୁ ଅନୁସରଣ କରିପାରୁନ ତେବେ ଭାରତ ଛାଡ଼ିଦିଅ । ଭାରତର ଯେକୌଣସି ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ ସହିତ ଖେଳିବାରେ ହ୍ୱାଟ୍ସଆପର କୌଣସି ଅଧିକାର ନାହିଁ। ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର ହୋଇପାରିବନି ନାଗରିକଙ୍କ ୟୁଜର୍ସ ଡାଟା। ଭାରତର ଗୋପନୀୟତା ସହ ନ ଖେଳିବାକୁ ହ୍ୱାଟ୍ସଆପ୍ ର ପ୍ୟାରେଣ୍ଟାଲ୍ କମ୍ପାନୀ 'ମେଟା'କୁ ଏଭଳି କଡ଼ା ଚେତାବନୀ ଦେଇଛନ୍ତି ସୁପ୍ରିମକୋର୍ଟ। ଆମେରିକୀୟ କମ୍ପାନୀ ମେଟାକୁ ଏହି ଚେତାବନୀ ଦେଇଛନ୍ତି ସିଜେଆଇ ସୂର୍ଯ୍ୟକାନ୍ତ। ଆମ ଦେଶର କୌଣସି ବି ଗୋଟିଏ ତଥ୍ୟ ସେୟାର କରିବାକୁ ଅନୁମତି ଦିଆଯାଇପାରିବ ନାହିଁ। ହ୍ୱାଟ୍ସଆପ୍ ୨୦୨୧ ପ୍ରାଇଭେସି ପଲିସିକୁ ଭିତ୍ତି କରି ହୋଇଥିବା ଆବେଦନ ଉପରେ ଏହି ରାୟ ଦେଇଛନ୍ତି ସିଜେଆଇ। ହ୍ୱାଟ୍ସଆପ୍ ୟୁଜର୍ସଙ୍କ ତଥ୍ୟକୁ କିପରି ଭାବେ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର ହେଉଛି, କୋର୍ଟରେ ତା'ର ତଥ୍ୟ ଉପସ୍ଥାପନା କରିଥିଲେ ସଲିସିଟର୍ ଜେନେରାଲ ତୁଷାର ମେହେତା। ସବୁ ଯୁକ୍ତି ଶୁଣି ସାରିବା ପରେ ମେଟାକୁ କଡ଼ା ଭର୍ତ୍ସନା କରିଥିଲେ ଅଦାଲତ।

## ପଶ୍ଚିମବଙ୍ଗରେ ବେଆଇନ୍ ଖଣି ମାମଲା ୧୦ ଟି ସ୍ଥାନକୁ ଚଢାଉ କରିଛି ଇଡି

କୋଲକାତା : ମଙ୍ଗଳବାର ଦିନ ଇଡି ପଶ୍ଚିମବଙ୍ଗର ୧୦ଟି ସ୍ଥାନକୁ ଚଢାଉ କରିଛି । ବେଆଇନ କୋଇଲା ଖଣି ଏବଂ ପରିବହନ ଅଭିଯୋଗରେ ମନି ଲଣ୍ଡରିଂ ତଦନ୍ତ ପାଇଁ ଇଡି ଚଢାଉ କରିଥିବା ଜଣାପଡିଛି । ରାଜ୍ୟ ପୋଲିସ ଅଧିକାରୀ ମନୋରଞ୍ଜନ ମଣ୍ଡଳଙ୍କ ଘର ସମେତ ପ୍ରାୟ ୧୦ ଟି ସ୍ଥାନରେ ମନି ଲଣ୍ଡରିଂ ନିବାରଣ ଆଇନ (ଚଗଖଇ) ଅନୁଯାୟୀ ଚଢାଉ କରାଯାଉଛି ବୋଲି ଅଧିକାରୀ କହିଛନ୍ତି । ଗତ ମାସରେ ତଦନ୍ତକାରୀ ସଂସ୍ଥା କୋଲକାତାର ରାଜନୈତିକ ପରାମର୍ଶଦାତା ସଂସ୍ଥା ଓ-ଚଇଉ ପରିସରରେ ଚଢାଉ କରିଥିଲା । ଏହାରି ମଧ୍ୟରେ ଇଡିର ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି ଯେ, ସେ ଆଜି ପଶ୍ଚିମବଙ୍ଗ ସରକାରଙ୍କ ଶପଥପତ୍ର ପାଇଛନ୍ତି ଏବଂ ଜବାବ ଦାଖଲ କରିବା ପାଇଁ ସମୟ ମାଗିଛନ୍ତି । ପରବର୍ତ୍ତୀ ସମୟ ପାଇଁ ସୁପ୍ରିମକୋର୍ଟ ଶୁଣାଣିକୁ ସ୍ଥଗିତ ରଖିଛନ୍ତି । ଜାନୁଆରୀ ୧୫ ତାରିଖରେ ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ବିପୁଲ ପାଞ୍ଚୋଲିଙ୍କ ଏକ ଖଣ୍ଡପୀଠ ଉଡ ର ଆବେଦନ ଉପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ପଶ୍ଚିମବଙ୍ଗ ସରକାର, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଉଏଚ) ରାଜୀବ କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନୋଟିସ୍ ଜାରି କରିଥିଲେ ।

## ଗଭୀର ଘାଟିକୁ ଖସିଲା ଯାତ୍ରୀବାହୀ ବସ୍, ୩ ମୃତ

ଉତ୍ତରାଖଣ୍ଡ : ଉତ୍ତରାଖଣ୍ଡର ଡେରାଡୁନ୍ ଜିଲ୍ଲାର କାଳସୀ ଅଞ୍ଚଳର ହିମାଚଳ ପ୍ରଦେଶର ଏକ ଯାତ୍ରବାହୀ ବସଟି ଗଭୀର ଘାଟିରେ ଘସି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ୩ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ମୃତ୍ୟୁସଂଖ୍ୟା ଆଗକୁ ବଢିପାରେ ବୋଲି ଆଶଙ୍କା କରାଯାଉଛି । ଏବେ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନାନୁଯାୟୀ, ଦୁର୍ଘଟଣାଗ୍ରସ୍ତ ହୋଇଥିବା ବସରେ ୩୦ ଜଣ ଯାତ୍ରୀ ଥିବା ସୂଚନା ମିଳିଛି । ସେମାନଙ୍କ ମଧ୍ୟରୁ ୩ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି ଏବଂ ୬ ରୁ ୭ ଜଣ ଯାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି । ମୃତକଙ୍କ ମଧ୍ୟରେ ଦୁଇ ଜଣ ମହିଳା ଓ ଜଣେ ପୁରୁଷ ରହିଥିବା ଜଣାପଡିଛି। ସୂଚନା ପାଇବା ପରେ ଏବଂ ଝଉଜର କମାଣ୍ଡାଣ୍ଟ ଅର୍ପଣ ଯଦୁବଂଶୀଙ୍କ ନିର୍ଦ୍ଦେଶରେ, ଡାକପଥର, ଚକ୍ରତା, ମୋରି ଏବଂ ଟୁନିର ଝଉଜର ଦଳଗୁଡ଼ିକୁ ତୁରନ୍ତ ଦୁର୍ଘଟଣାସ୍ଥଳକୁ ପଠାଯାଇଥିଲା । ଅନ୍ୟପଟେ ଏହି ଦୁର୍ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଦୁଃଖ ପ୍ରକାଶ କରିଛନ୍ତି । ଏଥି ସହ ଉଦ୍ଧାର କାର୍ଯ୍ୟ ଏବଂ ରିଲିଫ୍ ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୋଲିସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଚିକିତ୍ସା କେନ୍ଦ୍ରକୁ ମଧ୍ୟ ହାଇ ଆଲର୍ଟରେ ରଖାଯାଇଛି । ଆବଶ୍ୟକ ହେଲେ ଗୁରୁତର ଆହତ ଯାତ୍ରୀଙ୍କୁ ଉତ୍ତମ ଚିକିତ୍ସା ପାଇଁ ବିମାନରେ ସ୍ଥାନାନ୍ତର କରାଯିବ ।

## ମସ୍କଙ୍କ ମାଷ୍ଟରଷ୍ଟ୍ରୋକ: ସ୍ପେସଏକ୍ସରେ ଏକ୍ସ ଏଆଇର ବିଲୟ

ୱାସିଂଟନ: ବିଶ୍ୱର ସବୁଠାରୁ ଧନୀ ବ୍ୟବସାୟୀ ଏଲନ୍ ମସ୍କ, ପ୍ରଯୁକ୍ତିବିଦ୍ୟା ଓ ମହାକାଶ ଜଗତରେ ଏକ ବଡ଼ ତଥା ସାହସିକ ବାଜି ଲଗାଇଛନ୍ତି। ମସ୍କ ତାଙ୍କର ମହାକାଶ ଅନୁସନ୍ଧାନ କମ୍ପାନି ସ୍ପେସ୍ ଏକ୍ସ ଓ କୃତ୍ରିମ ବୁଦ୍ଧିମତ୍ତା କମ୍ପାନି ଏକ୍ସ ଏଆଇକୁ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ରଣନୈତିକ ପଦକ୍ଷେପ ମସ୍କଙ୍କ ପ୍ରଯୁକ୍ତିବିଦ୍ୟା ଶକ୍ତିକୁ ଆହୁରି ମଜବୁତ କରି ବିଶ୍ୱ ବଜାରରେ ପାଦ ସୁଦୃଢ଼ ପାଇଁ ଲକ୍ଷ୍ୟ ରଖିଛି। ଏହି ମିଶ୍ରଣ ମାଧ୍ୟମରେ, ସେ ଏଲନ ମସ୍କ ସୁପର୍ ଟେକ୍ ଆଇପିଓ ପାଇଁ ପ୍ରସ୍ତୁତି କରୁଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଏହା ବଜାରକୁ ଆସିପାରେ। ଏଲନ ମସ୍କଙ୍କ ମହାକାଶ କମ୍ପାନି ସ୍ପେସ୍ଏକ୍ସ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି ଯେ, ଏହା ଏକ୍ସ ଏଆଇକୁ ସମ୍ପୂର୍ଣ୍ଣ ଭାବରେ ଅଧିଗ୍ରହଣ କରିଛି। ଏହି ପ୍ରମୁଖ ମିଶ୍ରଣ ସହିତ, ମସ୍କଙ୍କ ଅନେକ ପ୍ରମୁଖ ପ୍ରଯୁକ୍ତିବିଦ୍ୟା, ଯେପରିକି ଏଆଇ ଚାଟବଟ୍ ଗ୍ରୋକ୍ ଓ ଷ୍ଟାରଲିଙ୍କ ଏବେ ଗୋଟିଏ ଛାତ ତଳେ କାର୍ଯ୍ୟ କରିବ। ଏହି ପଦକ୍ଷେପ ମସ୍କଙ୍କ ସମସ୍ତ ପ୍ରଯୁକ୍ତିବିଦ୍ୟା କମ୍ପାନିଗୁଡ଼ିକର ଶକ୍ତିକୁ ଏକାଠି କରିବା ପାଇଁ ବୃହତ୍ତର ଯୋଜନାର ଏକ ଅଂଶ। ଭବିଷ୍ୟତରେ ମହାକାଶରେ ବଡ଼ ଡାଟା ସେଣ୍ଟର ଓ ସର୍ଭର ପ୍ରତିଷ୍ଠା ତଥା ପରିଚାଳନା କରିବାର ନିଜର ସ୍ୱପ୍ନକୁ ମସ୍କ ବାରମ୍ବାର ଦୋହରାଉଛନ୍ତି। ଏହି ମିଶ୍ରଣ ସହିତ ସ୍ପେସଏକ୍ସ ଓ ଏଆଇ ମହାକାଶ-ଭିତ୍ତିକ କମ୍ପ୍ୟୁଟିଂକୁ ବାସ୍ତବରେ ପରିଣତ କରିବା ପାଇଁ ଏକାଠି କାମ କରିବେ। ଏହି ପ୍ରଯୁକ୍ତିବିଦ୍ୟା ଭବିଷ୍ୟତରେ ଡାଟା ପ୍ରକ୍ରିୟାକରଣ ଓ ବିଶ୍ୱ ଯୋଗାଯୋଗକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିବାର ଆଶା ରହିଛି। ଯାହା ସମଗ୍ର ବିଶ୍ୱରେ ଏକ ବିପ୍ଳବ ଆଣିବାର ଯଥେଷ୍ଟ ସମ୍ଭାବନା ରହିଛି। ମସ୍କଙ୍କ ପ୍ରଯୁକ୍ତିବିଦ୍ୟା ବିସ୍ତାର କରିବା ନିଷ୍ପତ୍ତି ସାରା ବିଶ୍ୱର ଲୋକଙ୍କ ପାଇଁ ଇଣ୍ଟରନେଟ୍ ଓ କୃତ୍ରିମ ବୁଦ୍ଧିମତ୍ତାର ଉପଲବ୍ଧତାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ। ଏହି ମିଶ୍ରଣ ପ୍ରଯୁକ୍ତିବିଦ୍ୟା ବିକାଶକୁ ତ୍ୱରାନ୍ୱିତ କରି ମସ୍କଙ୍କ ବିଶ୍ୱସ୍ତରୀୟ ମହତ୍ତ୍ୱାକାଂକ୍ଷାକୁ ନୂତନ ଉଚ୍ଚତାକୁ ନେଇଯିବ। ମସ୍କ ଏକ ପାୱାରହାଉସ୍ କମ୍ପାନି ନିର୍ମାଣ କରୁଛନ୍ତି ଯାହା ମହାକାଶ, ଏଆଇ ଓ ଇଣ୍ଟରନେଟ୍‌କୁ ମିଶ୍ରଣ କରିବ। ବର୍ଷ ଶେଷ ସୁଦ୍ଧା ମସ୍କ ତାଙ୍କର ନୂତନ ସୁପରଟେକ୍ କମ୍ପାନିକୁ ଷ୍ଟକ୍ ବଜାରରେ ଲଞ୍ଚ୍ କରିବାର ଏକ ବିଶାଳ ଓ ମହତ୍ତ୍ୱାକାଂକ୍ଷୀ ଯୋଜନା ରଖିଛନ୍ତି। କମ୍ପାନିର ଆଇପିଓ ସାଧାରଣ ଲୋକଙ୍କୁ ମସ୍କଙ୍କ ଶକ୍ତିଶାଳୀ କମ୍ପାନିରେ ନିବେଶ କରିବାକୁ ଅନୁମତି ଦେବ। ଏହି ପଦକ୍ଷେପ ନିବେଶକମାନଙ୍କ ସହିତ ବିଶ୍ୱ ଷ୍ଟକ୍ ବଜାର ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି।

# ସିନ୍ଧୁ ଜଳ ଚୁକ୍ତି: ମଧ୍ୟସ୍ଥତା କୋର୍ଟର ସମନକୁ ପ୍ରତ୍ୟାଖ୍ୟାନ କଲା ଭାରତ



ନୂଆଦିଲ୍ଲୀ/ଇସଲାମାବାଦ : ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମା ବିବାଦ ଉପରେ ଭାରତ ପୁଣି ଥରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଭାରତ ନେଦରଲାଣ୍ଡର ହେଗ୍‌ରେ ଥିବା ସ୍ଥାୟୀ ମଧ୍ୟସ୍ଥତା ଅଦାଲତ (ପିସିଏ)ର ହସ୍ତକ୍ଷେପକୁ ପ୍ରତ୍ୟାଖ୍ୟାନ କରିଛି। ଶୁଣାଣି ସମୟରେ ଭାରତ କହିଛି ଯେ, ଆମେ ଟ୍ରିବ୍ୟୁନାଲକୁ ବେଆଇନ ବୋଲି ବିବେଚନା କରୁ। ଭାରତ ଟ୍ରିବ୍ୟୁନାଲର ସପ୍ଲିମେଣ୍ଟାରୀ ଆୱାର୍ଡ ଓ କାର୍ଯ୍ୟକ୍ଷମ ତଥ୍ୟ ମଗାଯାଇଥିବା ସମନ ଗ୍ରହଣ କରିବାକୁ ମନା କରିଛି। ପାକିସ୍ତାନ ଏହି ପ୍ରସଙ୍ଗକୁ ସମଗ୍ର ଅଞ୍ଚଳ ପାଇଁ ବିପଦ ବୋଲି କହୁଛି। ଭାରତର ସଦ୍ୟତମ ନିଷ୍ପତ୍ତି ପାକିସ୍ତାନର ସଙ୍କଟକୁ ବଢ଼ାଇ ଦେଇଛି। ହେଗ୍ ସ୍ଥିତ କୋର୍ଟ ଭାରତକୁ କାଶ୍ମୀରର କିଶନଗଙ୍ଗା ଓ ରାଟଲେ ଜଳବିଦ୍ୟୁତ ପ୍ରକଳ୍ପରୁ ସମ୍ବେଦନଶୀଳ କାର୍ଯ୍ୟକ୍ଷମ ରେକର୍ଡ ତଥା ତଥ୍ୟ ପ୍ରଦାନ କରିବାକୁ ସମନ ଜାରି କରିଥିଲା। ଭାରତ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି ଓ ତଥ୍ୟ ପ୍ରଦାନ କରିବାକୁ ମନା କରିଛି। ଭାରତ ସରକାର ଟ୍ରିବ୍ୟୁନାଲର କ୍ଷେତ୍ରାଧିକାରକୁ ଗ୍ରହଣ କରିବାକୁ ମନା କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ଟ୍ରିବ୍ୟୁନାଲକୁ ଜଣାଇଛି, ଭାରତ ଏହାର ନିର୍ଦ୍ଦେଶ ପାଳନ କରିବ ନାହିଁ କିମ୍ବା କାର୍ଯ୍ୟରେ ଅଂଶଗ୍ରହଣ କରିବ ନାହିଁ। ଭାରତ କହିଛି, ନିରପେକ୍ଷ ବିଶେଷଜ୍ଞ ପ୍ରକ୍ରିୟା ମଧ୍ୟରେ ଏକ ସମାନ୍ତରାଳ ମଧ୍ୟସ୍ଥତା କୋର୍ଟ ପ୍ରତିଷ୍ଠା ସିନ୍ଧୁ ଚୁକ୍ତିର ବିବାଦ ସମାଧାନ ଢାଞ୍ଚାକୁ ଉଲ୍ଲଂଘନ କରୁଛି। ଯେପର୍ଯ୍ୟନ୍ତ ଭାରତର ମୌଳିକ ସୁରକ୍ଷା ଚିନ୍ତାର ସମାଧାନ ନହୋଇଛି ଓ ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମର୍ଥନ କରିବା ବନ୍ଦ ନ କରିଛି, ସେପର୍ଯ୍ୟନ୍ତ ଭାରତ ଜଳବ ସମ୍ପର୍କିତ ତଥ୍ୟ ବାଣ୍ଟିବା ଅବା ମଧ୍ୟସ୍ଥତାରେ ଅଂଶଗ୍ରହଣ କରିବା ସମେତ କୌଣସି ଚୁକ୍ତିନାମା ଦାୟିତ୍ୱ ପୂରଣ କରିବାକୁ ବାଧ୍ୟ ନୁହେଁ। ପାକିସ୍ତାନ ଜାତିସଂଘରେ ସିନ୍ଧୁ ଜଳ ଚୁକ୍ତି ପ୍ରସଙ୍ଗ ଉଠାଇଛି ଓ ବିଶ୍ୱକୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛି। ପାକିସ୍ତାନ ଜାତିସଂଘ ଓ ଅନ୍ୟାନ୍ୟ ଫୋରମରେ ଏହି ପ୍ରସଙ୍ଗ ଉଠାଇ ଆସୁଛି। ପାକିସ୍ତାନ ଅନୁରୋଧ କରିବା ସହିତ ଭାରତକୁ ଯୁଦ୍ଧର ଧମକ ମଧ୍ୟ ଦେଇଛି। ପାକିସ୍ତାନ ଏହି ପଦକ୍ଷେପକୁ ଯୁଦ୍ଧ ଭଳି କାର୍ଯ୍ୟ ବୋଲି କହୁଛି।

# ଚିକେନ୍ ନେକକୁ ସୁରକ୍ଷିତ କରିବ ଭାରତ, ଭୂତଳ ଟ୍ରେନ୍ ଚଳାଇବାକୁ ଯୋଜନା



ନୂଆଦିଲ୍ଲୀ: ଭାଙ୍ଗିବ ବାଂଲାଦେଶର ମୁହଁଫୁଟାଣି। ଚୀନ୍ ଓ ପାକିସ୍ତାନର କୋଳରେ ବସିଥିବା ବାଂଲାଦେଶକୁ ଶିକ୍ଷା ଦେବାକୁ ଭାରତ ପ୍ରସ୍ତୁତ ହୋଇଛି। ଚିକେନ୍ ନେକ୍ ପର୍ଯ୍ୟନ୍ତ ଏକ ଭୂତଳ ଟ୍ରେନ୍ ଚଳାଇବାକୁ ଭାରତ ଯୋଜନା କରୁଛି, ଯେଉଁଠାରୁ ବାଂଲାଦେଶ ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ୍ ଭାରତକୁ ଧମକ ଦେଉଥିଲେ। ରିପୋର୍ଟ ଅନୁଯାୟୀ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ଦିନ କହିଛନ୍ତି ଯେ ''ଚିକେନ୍ ନେକ୍'' କରିଡରକୁ ସୁରକ୍ଷିତ କରିବା ପାଇଁ ଯୋଜନା କରାଯାଉଛି। ଏଥିପାଇଁ ନେପାଳ, ଭୁଟାନ ଓ ବାଂଲାଦେଶ ସୀମାନ୍ତରେ ପ୍ରାୟ ୪୦ କିଲୋମିଟର ଅଞ୍ଚଳ ଦେଇ ରେଳ ଟ୍ରାକ୍ ବିଛାଇବାକୁ ଯୋଜନା କରାଯାଉଛି। ଅଶ୍ୱିନୀ ବୈଷ୍ଣବ ଆହୁରି କହିଛନ୍ତି, ବଜେଟରେ ଏହି ଅଞ୍ଚଳ ଏବଂ ଦେଶର ଅନ୍ୟାନ୍ୟ ଅଞ୍ଚଳ ମଧ୍ୟରେ ରେଳ ସଂଯୋଗକୁ ଚାରିଟି ଟ୍ରାକରେ ବିସ୍ତାର କରିବାର ପ୍ରସ୍ତାବ ଦିଆଯାଇଛି, ଯାହା ଏକ ଦୀର୍ଘକାଳୀନ ଆବଶ୍ୟକତାକୁ ପୂରଣ କରୁଛି। ଉତ୍ତର-ପୂର୍ବ ସୀମାନ୍ତ ରେଳବାଇର ଜିଏମ ଚେତନ ଶ୍ରୀବାସ୍ତବ କହିଛନ୍ତି, ବଙ୍ଗଳା ମଧ୍ୟରେ ଟିନ୍ ମାଇଲ୍ ହାଟରୁ ରଙ୍ଗପାଣି ଷ୍ଟେସନ ପର୍ଯ୍ୟନ୍ତ ଭୂତଳ ଟ୍ରାକ୍ ନିର୍ମାଣ କରାଯିବ। ଚିକେନ୍ ନେକ୍ ଉପରେ ବଢୁଥିବା ବିପଦକୁ ଦୃଷ୍ଟିରେ ରଖି ଏହି ଟ୍ରାକ୍ ବିଛାଇବାକୁ ନିଷ୍ପତ୍ତି ହୋଇଛି। ବାଂଲାଦେଶରେ ଶେଖ୍ ହାସିନା ସରକାରଙ୍କ ପତନ ପରେ, ଭାରତର ଦୁର୍ବଳତା କୁହାଯାଉଥିବା ଚିକେନ୍ ନେକ୍ କରିଡରରେ ସୁରକ୍ଷାକୁ ନେଇ ଚିନ୍ତା ବୃଦ୍ଧି ପାଇଥିଲା। କିଛି ଗୋଷ୍ଠୀ ଉତ୍ତର-ପୂର୍ବକୁ ଅଲଗା କରିବା ପାଇଁ ଖରାପ ଭାଷାରେ 'କୁକୁଡ଼ା ବେକ ଦବାଇଦେବୁ' ବୋଲି କହିଥିଲେ। କିଛି ବିରୋଧୀ ଏହି ଅଞ୍ଚଳକୁ ବାଂଲାଦେଶର ଅଂଶ ବୋଲି କହିଥିଲେ, ଯାହାକୁ ନେଇ ସୁରକ୍ଷା ଚିନ୍ତା ବଢ଼ିଥିଲା। ଅନ୍ୟପଟେ, ବାଂଲାଦେଶ ବାୟୁସେନା ବାଂଲାଦେଶରେ ଏକ ଡ୍ରୋନ କାରଖାନା ସ୍ଥାପନ ପାଇଁ ଚୀନ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ସାମରିକ ଡ୍ରୋନଗୁଡ଼ିକରେ ଚୀନର ଗୁପ୍ତଚର ଡ୍ରୋନ ରହିଥାବା କଥା ମଧ୍ୟ ସାମ୍ନାକୁ ଆସିଛି, ଯାହା ଭାରତ ଓ ବାଂଲାଦେଶ ମଧ୍ୟରେ ଥିବା ୪୦୦୦ ରୁ ଅଧିକ ସୀମା କ୍ରସିଂ ଉପରେ ନଜର ରଖିବାରେ ସକ୍ଷମ ହେବ, ଯାହା ଭାରତରେ ଅନୁପ୍ରବେଶର ବିପଦକୁ ବୃଦ୍ଧି କରିପାରେ।

## ଅନଲାଇନ୍ ଟ୍ରେଡିଂ ନାଁରେ ୨୩ଲକ୍ଷ ଚଳୁ



ଗାଜିଆବାଦ: ଅନଲାଇନରେ ଟ୍ରେଡ୍ଂ କରି ଆପଣ କୋଟିପତି ହୋଇପାରିବେ। ଆପଣଙ୍କ ଟଙ୍କା ଦୁଇଗୁଣା ହୋଇଯିବ। କିଛି ଏଭଳି ଲୋଭନୀୟ ଅଫର ଆପଣଙ୍କ ପାଖକୁ ଆସୁଛି କି? ଯଦି ଆସୁଛି ତେବେ ସାବଧାନ ହୋଇଯାଆନ୍ତୁ। ଏମିତି ଲୋଭ ଦେଖାଇ ଲୋକଙ୍କୁ ଲୁଟୁଛନ୍ତି ସାଇବର ଲୁଟେରା। ଗାଜିଆବାଦରେ ସାଇବର ଠକମାନେ ଅନଲାଇନ୍ ଟ୍ରେଡିଂରେ ଲାଭବାନ କରାଇଦେବା ପ୍ରତିଶ୍ରୁତି ଦେଇ ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ୨୩.୩୩ ଲକ୍ଷ ଠକି ନେଇଛନ୍ତି। ଠକମାନେ ଆଠଟି ଭିନ୍ନ ଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତର କରିଥିଲେ। ଯେତେବେଳେ ବୃଦ୍ଧ ଜଣକ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ, ସେମାନେ ଟ୍ୟାକ୍ସ ଭୟ ଦେଖାଇ ଅଧିକ ଟଙ୍କା ଦାବି କରିଥିଲେ। ଠକାମିର ଶିକାର ହେବା ପରେ ଖେଡା କଲୋନିର ବାସିନ୍ଦା ସୁରେଶ ଚନ୍ଦ୍ର ଶେଖର ସାଇବର ଥାନାରେ ଏକ ମାମଲା ରୁଜୁ କରିଥିଲେ। ଅଭିଯୋଗରେ ସୁରେଶ ଚନ୍ଦ୍ର ଶେଖର କହିଛନ୍ତି, ନଭେମ୍ବର ୨୫ ତାରିଖରେ ଜଣେ ପ୍ରଫେସର ପ୍ରେମ ପ୍ରକାଶ ବର୍ମା ଭିଆଇପି-୮ ନାମକ ଏକ ଗ୍ରୁପ ବନାଇଥିଲେ। ସେ କହିଥିଲେ ଯେ ସେ ଏକ ଷ୍ଟକ୍ ମ୍ୟାନେଜମେଣ୍ଟ୍ ଉପରେ ଏକ ପୁସ୍ତକ ଲେଖୁଛନ୍ତି, ଯାହା ଫେବୃଆରୀରେ ପ୍ରକାଶିତ ହେବ। ଡିସେମ୍ବର ୨୩ ତାରିଖରେ ପ୍ରେମ ପ୍ରକାଶ ଟ୍ରେଡିଂ ଆରମ୍ଭ କରିଥିଲେ ଏବଂ କହିଥିଲେ ଯେ ଏହା ଏକ ସେବି ପଞ୍ଜିକୃତ କମ୍ପାନୀ। ସେ ପ୍ରତି ସପ୍ତାହରେ ୨୦ ରୁ ୩୦ ପ୍ରତିଶତ ଲାଭର ପ୍ରତିଶ୍ରୁତି ଦେଇଥିଲେ। ଡିସେମ୍ବର ୨୩ ତାରିଖରେ, ଏକ ଆକାଉଣ୍ଟ ଖୋଲିବା ପାଇଁ ଗ୍ରୁପରେ ସମସ୍ତଙ୍କ ସହିତ ଏକ ଲିଙ୍କ ସେୟାର କରାଯାଇଥିଲା। ଏହା ପରେ, ଟ୍ରେଡିଂ କରିବାକୁ ପ୍ରେରଣା ଦିଆଯାଇଥିଲା। ସେମାନେ ତାଙ୍କ ଦ୍ୱାରା ଦିଆଯାଇଥିବା ଆକାଉଣ୍ଟଗୁଡ଼ିକୁ ଟଙ୍କା ଟ୍ରାନ୍ସଫର କରିବାକୁ କହିଥିଲେ। ଏହାପରେ ସୁରେଶ ଚନ୍ଦ୍ର ଶେଖର ଜାନୁଆରୀ ମାସ ସୁଦ୍ଧା କିସ୍ତିରେ ୨୩.୩୩ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ଜାନୁଆରୀ ୨୨ ତାରିଖରେ ଯେତେବେଳେ ସେ ତାଙ୍କର ୩୦ ଲକ୍ଷ ଟଙ୍କାର ଲାଭ ଉଠାଇବାକୁ ଚେଷ୍ଟା କରିଥିଲେ, ତାଙ୍କୁ ଏକ ଟ୍ୟାକ୍ସ ଦେଖାଯାଇଥିଲା। ତାଙ୍କୁ କୁହାଯାଇଥିଲା ଯେ ସେ ସେଠାରୁ ଟଙ୍କା ଉଠାଇବା ପାଇଁ ଅନୁରୋଧ କରିପାରିବେ। କିଛି ସମୟ ପରେ, ଯେତେବେଳେ ସେ ଆପ୍ରେ ଟଙ୍କା ଉଠାଇବା ପାଇଁ ଷ୍ଟେଟମେଣ୍ଟ୍ ଯାଞ୍ଚ କଲେ, ସେତେବେଳେ ସେହି ପେଜ୍ ଖୋଲିନଥିଲା। ଏହା ପରେ ସେ ଠକାମୀର ଶିକାର ହୋଇଥିବା ସନ୍ଦେହ କରିଥିଲେ। ସାଇବର ଥାନାରେ ମାମଲା ରୁଜୁ ହେବା ପରେ ଏଡିସିପି ପୀୟୁଷ ସିଂହ କହିଛନ୍ତି ଯେ ଏହି ମାମଲାରେ ତଦନ୍ତ କରାଯାଉଛି। ଠକେଇ ହୋଇଥିବା ଟଙ୍କାକୁ ଫ୍ରିଜ୍ କରିବା ପାଇଁ ପ୍ରୟାସ କରାଯାଉଛି।

# ସେୟାର ବଜାରରେ ଝଡ଼-ବଢ଼ିଲା ଟଙ୍କାର ବଳ




ମୁମ୍ବାଇ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ପାଇଁ ଏକ ବଡ଼ ଶୁଳ୍କ ହ୍ରାସ ଘୋଷଣା କରିବା ପରେ ଭାରତୀୟ ଷ୍ଟକ୍ ବଜାରରେ ଏକ ଐତିହାସିକ ବୃଦ୍ଧି ଘଟିଛି । ଟ୍ରମ୍ପଙ୍କ ଶୁଳ୍କ ହ୍ରାସ ଖବର ନିବେଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଛି। ସମସ୍ତ ପ୍ରମୁଖ ବଜାର ସୂଚକାଙ୍କ ରେକର୍ଡ ସ୍ତରରେ କାରବାର କରୁଛି। ଏହି ନିଷ୍ପତ୍ତି ବଜାରରେ ଦୀର୍ଘ ସମୟ ଧରି ଲାଗି ରହିଥିବା ଅନିଶ୍ଚିତତାର ବାଦଲକୁ ସମ୍ପୂର୍ଣ୍ଣ ଭାବରେ ହଟାଇ ଦେଇ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିଛି। ଶୁଳ୍କ ରିହାତି ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ସହିତ ଭାରତୀୟ କମ୍ପାନିଗୁଡ଼ିକର ଲାଭରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ବଜାର ଖୋଲିବା ସହିତ ଟ୍ରମ୍ପଙ୍କ ଘୋଷଣାର ପ୍ରଭାବ ସ୍ପଷ୍ଟ ଭାବରେ ଦେଖାଯାଇଥିଲା। ସେନସେକ୍ସ ୨,୫୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇଥିଲା। ନିଫ୍ଟି ମଧ୍ୟ ୩ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା। ନିଫ୍ଟି ୭୦୦ ପଏଣ୍ଟ ବୃଦ୍ଧି ପାଇଛି। ବଜାରର ପ୍ରାକ-ଉପସ୍ଥାପନ ଅଧିବେଶନରେ ବୃଦ୍ଧିର ସଙ୍କେତ ସ୍ପଷ୍ଟ ଭାବରେ ଦେଖାଯାଇଥିଲା। ସେନସେକ୍ସ ୪.୪୭ ପ୍ରତିଶତ ବୃଦ୍ଧି ପାଇ ୩,୬୪୭.୮୯ ପଏଣ୍ଟ ମାଧ୍ୟମରେ ୮୫,୩୧୪.୩୫ରେ ପହଞ୍ଚିଥିଲା। ଶୁଳ୍କ ହ୍ରାସ ଭାରତୀୟ ଟଙ୍କା ଉପରେ ମଧ୍ୟ ସିଧାସଳଖ ତଥା ସକାରାତ୍ମକ ପ୍ରଭାବ ପକାଇଛି। ଏହା ଆମେରିକୀୟ ଡଲାର ତୁଳନାରେ ଏହା ୧ ପ୍ରତିଶତ ଶକ୍ତିଶାଳୀ ହୋଇଛି। ଏକ ଡଲାରର ମୂଲ୍ୟ ୯୦.୪୨ ଟଙ୍କାରେ ପହଞ୍ଚିଛି। ଭାରତୀୟ ଅର୍ଥନୀତି ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ବୋଲି ବିବେଚନା କରାଯାଉଛି। ଟଙ୍କାରେ ଏହି ପ୍ରଭାବଶାଳୀ ବୃଦ୍ଧି ଆମଦାନିକୁ ଶସ୍ତା କରିବ ଓ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଅନାବଶ୍ୟକ ଚାପ ହ୍ରାସ କରିବ।

# ଆତଙ୍କବାଦୀଙ୍କ ହାତରେ ପଡ଼ିବ ବାଂଲାଦେଶ: ନିର୍ବାଚନ ବର୍ଜନ କରିବାକୁ ଦେଶବାସୀଙ୍କୁ ହସିନାଙ୍କ ପୁଅଙ୍କ ଅପିଲ୍



ୱାସିଂଟନ/ଢାକା: ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପୁଅ ସଜୀବ ୱାଜେଦ୍ ଜୟ ନିର୍ବାଚନ ବର୍ଜନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସଜୀବ କହିଛନ୍ତି ଯେ, ବାଂଲାଦେଶରେ ଫେବ୍ରୁଆରି ୧୨ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ପକ୍ଷପାତିତା ଓ ଜାଲିଆତି ହେବା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ସେ ଲୋକମାନଙ୍କୁ ନିର୍ବାଚନରୁ ଦୂରେଇ ରହିବାକୁ ଓ ଭୋଟ ଦେଇ ଏକ ମିଥ୍ୟା ନିର୍ବାଚନକୁ ଆଇନଗତ ନକରିବାକୁ ଅନୁରୋଧ କରିଛନ୍ତି। ଶେଖ୍ ହସିନାଙ୍କ ଆୱାମୀ ଲିଗ୍‌କୁ ବାଂଲାଦେଶରେ ହେବାକୁ ଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନୁମତି ଦିଆଯାଇ ନାହିଁ। ଏହି ନିଷ୍ପତ୍ତି ଆୱାମୀ ଲିଗ୍ ନେତାଙ୍କ ଅସନ୍ତୋଷକୁ ବଢ଼ାଇ ଦେଇଛି।

ଏକ କାର୍ଯ୍ୟକ୍ରମରେ ଭିଡିଓ କଲ୍ ମାଧ୍ୟମରେ ଭାଷଣ ଦେଇ ସଜୀବ କହିଛନ୍ତି, ଆତଙ୍କବାଦୀମାନେ ପ୍ରକୃତରେ ବାଂଲାଦେଶକୁ ଶାସନ କରୁଛନ୍ତି। ମହମ୍ମଦ ୟୁନୁସ୍ ଇସଲାମିକ୍ ଉଗ୍ରବାଦୀଙ୍କ ପାଇଁ ଏକ ମୋର୍ଚ୍ଚା କରିଛନ୍ତି। ଦେଶରେ ଲୋକଙ୍କୁ ହତ୍ୟା କରାଯାଉଛି। ଆୱାମୀ ଲିଗ୍ କର୍ମୀ ଓ ନେତାଙ୍କ ବିରୋଧରେ ଅତ୍ୟାଚାର ସମସ୍ତ ସୀମା ଅତିକ୍ରମ କରୁଛି। ଆଗାମୀ ନିର୍ବାଚନ ବାଂଲାଦେଶର ସବୁଠାରୁ ଜାଲିଆତି ହୋଇଥିବା ନିର୍ବାଚନ ହେବାକୁ ଯାଉଛି। ଆମେରିକାର ଦୀର୍ଘଦିନ ଧରି ବାସ କରୁଥିବା ସଜୀବ କହିଛନ୍ତି ଯେ, ବାଂଲାଦେଶରେ କେବଳ ଆୱାମୀ ଲିଗ୍‌କୁ ନିର୍ବାଚନ ଲଢ଼ିବା ପାଇଁ ବାରଣ କରାଯାଇଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ସମସ୍ତ ପ୍ରଗତିଶୀଳ ଦଳକୁ ନିଷିଦ୍ଧ କରିଛନ୍ତି। ଏହା ସ୍ପଷ୍ଟ ଯେ, ନିର୍ବାଚନ କେବଳ ଏକ ପ୍ରହସନ ହେବାକୁ ଯାଉଛି।

ନିର୍ବାଚନ ବର୍ଜନ କରି ସଜୀବ କହିଛନ୍ତି, ବାଂଲାଦେଶର ଲୋକଙ୍କ ପାଇଁ ନିଜ ଦେଶକୁ ବଞ୍ଚାଇବା ପାଇଁ ଏହା ଶେଷ ସୁଯୋଗ। ଏହି ନିର୍ବାଚନରେ ବିଏନପି ପ୍ରାୟ ୧୫୦ ଓ ଜମାତ ୧୩୦ ଆସନ ଜିତିବା ନିଶ୍ଚିତ ହୋଇସାରିଛି। ଏହି ନିର୍ବାଚନର ଫଳାଫଳ ପୂର୍ବରୁ ସ୍ଥିର ହୋଇସାରିଛି, କିନ୍ତୁ ଯଦି ଆପଣ ଭୋଟ୍ ନଦିଅନ୍ତି, ତେବେ ଏହି ନିର୍ବାଚନ ବେଆଇନ ହୋଇଯିବ। ଏପରି ପରିସ୍ଥିତିରେ, ଆପଣ ଭୋଟ୍ ଦେବା ଉଚିତ୍ ନୁହେଁ।

# ୭ରୁ ଟି-ଟ୍ୱେଣ୍ଟି ବିଶ୍ୱକପ ମହାକୁମ୍ଭ : ଲଢିବେ ୨୦ ଦଳ

ନୂଆଦିଲ୍ଲୀ,୩।୦୨; ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଦଶମ ସଂସ୍କରଣ । ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଏହାର ଆୟୋଜକ ରହିଛନ୍ତି ମୋଟ୍ ୨୦ଟି ଦଳ ଏଥିରେ ଭାଗ ନେଇଛନ୍ତି ଫାଇନାଲ ପର୍ଯ୍ୟନ୍ତ ୫୫ଟି ମ୍ୟାଚ ଭାରତରେ ୫ଟି ଏବଂ ଶ୍ରୀଲଙ୍କାରେ ୩ଟି ଷ୍ଟାଡିୟମରେ ଖେଳାଯିବ ବିଶ୍ୱକପ୍ ପୂର୍ବରୁ ବାଂଲାଦେଶ ବାଦ ପଡ଼ିବା ଏବଂ ପାକିସ୍ତାନ ସରକାର ଗ୍ରୁପ୍ ପର୍ଯ୍ୟାୟରେ ଭାରତ ବିପକ୍ଷ ମ୍ୟାଚ ବୟକଟ୍ କରିବା ବିଷୟ ଘୋଷଣା କରିବା ବିଶ୍ୱକପ୍‌କୁ କିଛି ମାତ୍ରାରେ ବିବାଦୀୟ କରି ଦେଇଛି

୨୦ ଦଳ, ୫୫ ମ୍ୟାଚ, ୮ ଷ୍ଟାଡିୟମ- ଟି-ଟ୍ୱେଣ୍ଟି ଫଟାଫଟ କ୍ରିକେଟ୍‌ର ଭରପୂର ରୋମାଞ୍ଚ ପ୍ରତି ୨ ବର୍ଷରେ ଏହି ଫର୍ମାଟରେ ଆୟୋଜିତ ହେଉଛି ବିଶ୍ୱକପ୍ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ପ୍ରଥମ ୪ଟି ସଂସ୍କରଣରେ ୧୨ଟି ଲେଖାଏଁ ପ୍ରମୁଖ ଦଳ ଭାଗ ନେଉଥିଲେ ୨୦୧୪ରୁ ୨୦୨୨ ପର୍ଯ୍ୟନ୍ତ ୧୬ଟି ଦଳ ଥିଲେ ଏବଂ ୨୦୨୪ ସଂସ୍କରଣରୁ ଦଳ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି ତେଣୁ ଦଶମ ସଂସ୍କରଣରେ ମଧ୍ୟ ୨୦ଟି ଦଳ ଭାଗ ନେଉଛନ୍ତି । ଦଳ ସଂଖ୍ୟା ବଢୁଥିବାରୁ ଟୁର୍ଣ୍ଣାମେଣ୍ଟର ମ୍ୟାଚ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି ୨୦ଟି ଦଳ ଏଥର ଫାଇନାଲ ପର୍ଯ୍ୟନ୍ତ ୫୫ଟି ମ୍ୟାଚ ଖେଳିବେ ୪ଟି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏଁ ଦଳ ସୁପର-୮କୁ ଉନ୍ନୀତ ହେବେ ସୁପର-୮ରେ ଦୁଇଟି ଗ୍ରୁପ୍ ହେବ ଏବଂ ପ୍ରତ୍ୟେକ ଗ୍ରୁପ୍‌ର ୨ଟି ଦଳ ସେମି




ଫାଇନାଲ ଖେଳିବେ। ଏଥରକୁ ମିଶାଇ ଭାରତ ଦ୍ୱିତୀୟ ଥର ଟି-ଟ୍ୱେଣ୍ଟି ବିଶ୍ୱକପ୍ ଆୟୋଜନ କରୁଛି । ଆୟୋଜକ ଭାବରେ ଭାରତ ଓ ଶ୍ରୀଲଙ୍କା ବିଶ୍ୱକପ୍ ସିଧାସଳଖ ଯୋଗ୍ୟତା ହାସଲ କରିଥିଲେ। ସେମିତି ୨୦୨୪ ସଂସ୍କରଣର ଶ୍ରେଷ୍ଠ ୭ ଦଳ ଦଶମ ସଂସ୍କରଣକୁ ଟିକେଟ୍ ପାଇଥିଲେ।

ଆଇସିସି ଟି-ଟ୍ୱେଣ୍ଟି ମାନ୍ୟତା ଅନୁସାରେ ୩ଟି ଦଳ ଯୋଗ୍ୟ ବିବେଚିତ ହୋଇଥିଲେ। ଅବଶିଷ୍ଟ ୮ଟି ଦଳ ଯୋଗ୍ୟତା ପର୍ଯ୍ୟାୟରୁ ଆସିଥିଲେ। ଇଟାଲୀର ପଦାର୍ପଣ ଯୋଗ୍ୟତା ପର୍ଯ୍ୟାୟରୁ ଯେଉଁ ୮ଟି ଦଳ ବିଶ୍ୱକପ୍ ଟିକେଟ୍ ହାସଲ କରିଛନ୍ତି । ସେମାନଙ୍କ ମଧ୍ୟରେ ଇଟାଲୀ ଅନ୍ୟତମ । ପ୍ରଥମ ଥର ଦଳ ଏଥର ବିଶ୍ୱକପ୍ ଖେଳିବ ଆମେରିକାରୁ କାନାଡ଼ା, ୟୁରୋପରୁ ଇଟାଲୀ ଓ ନେଦରଲାଣ୍ଡସ, ଆଫ୍ରିକାରୁ ନାମିବିୟା ଓ ଜିମ୍ବାୱେ ଏବଂ ଏସିଆରୁ ନେପାଳ, ଓମାନ ଓ ୟୁଏଇ ରହିଛନ୍ତି । ଭେନ୍ୟୁ ଭାରତ ୫, ଶ୍ରୀଲଙ୍କା ୩ ଗତ ଚାମ୍ପିଅନ୍ସ ଟ୍ରଫି ସମୟରେ ଆଇସିସିର ମଧ୍ୟସ୍ଥତାରେ ବିସିସିଆଇ ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମଧ୍ୟରେ ଚୁକ୍ତି ଅନୁସାରେ ଭାରତ ଗସ୍ତରେ ପାକିସ୍ତାନ ଏବଂ ପାକିସ୍ତାନ ଗସ୍ତରେ ଭାରତ ଯିବ ନାହିଁ । ଯଦି ଭାରତ କିମ୍ବା ପାକିସ୍ତାନ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରନ୍ତି, ତେବେ ଦୁଇ ଦଳ ନିରପେକ୍ଷ ଭେନ୍ୟୁରେ ଖେଳିବେ । ସେହି ଅଧାରରେ ବିସିସିଆଇ ଆଉ ଏକାକୀ କୌଣସି ଟୁର୍ଣ୍ଣାମେଣ୍ଟ ଅୟୋଜନ କରିପାରିବ ନାହିଁ ଏଥର ବିଶ୍ୱକପ୍ ଆୟୋଜନରେ ଶ୍ରୀଲଙ୍କାକୁ ସାଥି କରିବାକୁ ପଡ଼ିଛି । ପାକିସ୍ତାନ ଦଳ ତାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ ଭାରତରେ ୫ଟି ଯଥା-ଅହମ୍ମଦାବାଦ, ଦିଲ୍ଲୀ, କୋଲକାତା, ମୁମ୍ବାଇ ଓ ଚେନ୍ନାଇ ଏବଂ ଶ୍ରୀଲଙ୍କାରେ କଲମ୍ବୋ ଓ କାଣ୍ଡିରେ ୩ଟି ଷ୍ଟାଡିୟମରେ ଖେଳାଯିବ ।

**ଭାରତ ଡିଫେଣ୍ଡି ଚାମ୍ପିୟନ-** ୨୦୦୭ରେ ଆୟୋଜିତ ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିଲା। ପୁଣି ୨୦୨୪ରେ ଦଳ ଦ୍ୱିତୀୟ ଟାଇଟଲ ଜିତିବାରେ ସଫଳ ହୋଇଛି । ଡିଫେଣ୍ଡିଂ ଚାମ୍ପିଅନ ଭାବରେ ଦଳ ଏଥର ଘରୋଇ ଗ୍ରାଉଣ୍ଡରେ ଟାଇଟଲ ବଜାୟ ରଖିବ ବୋଲି ଆଶା କରାଯାଉଛି । ପୂର୍ବରୁ ଇଂଲଣ୍ଡ (୨୦୧୦, ୨୦୨୨) ଏବଂ ୱେଷ୍ଟଇଣ୍ଡିଜ (୨୦୧୨ ଓ ୨୦୧୬) ଦୁଇ ଥର ଲେଖାଏଁ ଚାମ୍ପିଅନ ହୋଇଛନ୍ତି ।

ପାକିସ୍ତାନର ବୟକଟ୍ - କୌଣସି କାରଣ ନଦର୍ଶାଇ ପାକିସ୍ତାନ ସରକାର ଗତ ରବିବାର ଦିନ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛନ୍ତି । ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି ଯେ, ପାକିସ୍ତାନ ଦଳ ବିଶ୍ୱକପ୍ ଖେଳିବା ପାଇଁ ଶ୍ରୀଲଙ୍କା ଯାତ୍ରା କରିବ। କିନ୍ତୁ ଆସନ୍ତା ୧୫ ତାରିଖରେ ଭାରତ ବିପକ୍ଷରେ ଆମ ଦଳ ପଡ଼ିଆକୁ ଓହ୍ଲାଇବ ନାହିଁ । ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଯଦିଓ ଏ ବିଷୟରେ ଲିଖିତ ଭାବେ କିଛି ଆଇସିସିକୁ ଜଣାଇ ନାହାନ୍ତି । କିନ୍ତୁ ଆଇସିସି ଏ ବିଷୟରେ ଗଣମାଧ୍ୟମରୁ ସୂଚନା ପାଇ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ପାକିସ୍ତାନକୁ ପରାମର୍ଶ ଦେଇଛି ।

ବାଂଲାଦେଶ ବିଦା - ବିସିସିଆଇ ଆଇପିଏଲରୁ ମୁସ୍ତାଫିଜୁର ରେହମାନଙ୍କୁ ବିଦା କରିବା ପରେ ଭାରତ ଓ ବାଂଲାଦେଶ କ୍ରୀଡ଼ା ସଂପର୍କ ତିକ୍ତ ହୋଇ ପଡ଼ିଲା । ବାଂଲାଦେଶ ସୁରକ୍ଷା କାରଣ ଦର୍ଶାଇ ଭାରତ ଗସ୍ତରେ ଆସିବାକୁ ମନା କରିଦେଇଥିଲା। ଶ୍ରୀଲଙ୍କା କିମ୍ବା ନିରପେକ୍ଷ ଭେନ୍ୟୁରେ ବିଶ୍ୱକପ୍ ଖେଳିବା ବିଷୟରେ ଲିଖିତ ଭାବେ ଆଇସିସିକୁ ଜଣାଇଥିଲା । ବାରମ୍ବାର ଆଲୋଚନା ପରେ ବି ଆଇସିସି ବାଂଲାଦେଶକୁ ବୁଝାଇ ପାରି ନଥିଲା ଶେଷରେ ବାଂଲାଦେଶ ବିଶ୍ୱକପରୁ ବାଦ ପଡ଼ିଥିଲା । ଆଇସିସି ସେହି ସ୍ଥାନରେ ସ୍କଟଲାଣ୍ଡକୁ ସାମିଲ କରିଥିଲା

# ପାକିସ୍ତାନ ବଡ଼ ଭୁଲ କରୁଛି : କପିଳଦେବ

ନୂଆଦିଲ୍ଲୀ,୩।୨: ଟି-୨୦ ବିଶ୍ୱକପ୍‌ରେ ଭାରତ ଓ ପାକିସ୍ତାନର ମୁକାବିଲା ୧୫ ଫେବ୍ରୁଆରୀରେ କୋଲମ୍ବୋରେ ହେବା ସ୍ଥିର ହୋଇଥିଲା, କିନ୍ତୁ ପାକିସ୍ତାନୀ ସରକାର ଏହି ମ୍ୟାଚ୍‌କୁ ଓହ୍ଲାଇବାକୁ ମନାକରି ଦେଇଛନ୍ତି ଭାରତ-ପାକିସ୍ତାନ ମଧ୍ୟରେ କ୍ରିକେଟ୍‌ର ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱିତାରହିଛି । କିନ୍ତୁ ମୈଦାନରେ ଆହ୍ୱାନ ପୂର୍ବରୁ ହିଁ ମାହୋଲ ସରଗରମ ହୋଇଛି । ଏବେ ପାକିସ୍ତାନର ଏହି ନିଷ୍ପତ୍ତି ଉପରେ ତୀବ୍ର ପ୍ରତିକ୍ରିୟା ସବୁ ଆସିବା ଆରମ୍ଭ ହୋଇ ଯାଇଛି ଭାରତର ପୂର୍ବତନ ଅଧିକାରୀ କପିଲ ଦେବ ମଧ୍ୟ ଏମିତି ହିଁ ରିଆକ୍ସନ ଦେଇଛନ୍ତି ସେ ସ୍ପଷ୍ଟ ଭାବେ କହିଛନ୍ତି , ପାକିସ୍ତାନର ଏହି ପଦକ୍ଷେପ ଭାରତ ଠାର ଅଧିକ ପାକ୍‌ର ଭବିଷ୍ୟତକୁ ନଷ୍ଟ କରି ଦେବ।

ପାକିସ୍ତାନ ରବିବାର ସ୍ପଷ୍ଟ କରିଛି ଯେ, ସେ ଟି-୨୦ ବିଶ୍ୱକପ୍‌ରେ ସାମିଲ ତ ହେବ, କିନ୍ତୁ କଲମ୍ବୋରେ



୧୫ ଫେବ୍ରୁଆରୀରେ ଭାରତ ବିପକ୍ଷ ମ୍ୟାଚର ବୟକଟ ହେବ। ଏହି ନିଷ୍ପତ୍ତି ଏମିତି ସମୟରେ ନିଆଯାଇଛି, ଯେବେ ଆଇସିସି ବାଂଲାଦେଶର ସେହି ଦାବିକୁ ଖାରଜ କରି ଦେଇଛି , ଯେଉଁଥିରେ ଭାରତ ବାହାରେ ମ୍ୟାଚ୍‌କୁ ସିଫ୍ଟ କରିବା କଥା କୁହାଯାଇ ଥିଲା।

ଏକ ମିଡ଼ିଆ ଆଲୋଚନାରେ କପିଲ ଦେବ ପାକିସ୍ତାନର ଆଭିମୁଖ୍ୟ ଉପରେ ଖୋଲାଖୋଲି ନିଜର ମତ ରଖି ଥିଲା ୧୯୮୩ ବିଶ୍ୱକପ୍ ବିଜେତା ଅଧିନାୟକ କହିଛନ୍ତି ଯେ, ଏହି ମାମଲା ରାଜନୀତି କିମ୍ବା ଛବି ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ସିଧା ଭାବେ କହିବାକୁ ଗଲେ ଯୁବ କ୍ରିକେଟରଙ୍କ କ୍ୟାରିୟରକୁ ପ୍ରଭାବିତ କରିଥାଏ।

ସେ କହିଛନ୍ତି ଯଦି ଏହି ନିଷ୍ପତ୍ତି ଖେଳାଳି ମାନେ ନେଇଛନ୍ତି , ତ ସେ ସାମ୍ନାକୁ ଆସି କହି ପାରିବେ। କିନ୍ତୁ ଯଦି ବୋର୍ଡ ଏହା କୁହେ ଯେ, ଆପଣ ଖେଳିବେ ନାହିଁ , ତ ଏଥିରେ ଦେଶର ପ୍ରତିଷ୍ଠା କ୍ଷୁର୍ଣ୍ଣ ହେବ ସେ ଆଗକୁ ଚେତାବନୀ ଦେଇଛନ୍ତି ଯେ, ବାରମ୍ବାର ପଛକୁ ହଟିବା ଓ ବହିଷ୍କାର କରିବା ଦ୍ୱାରା ପାକିସ୍ତାନ କ୍ରିକେଟ୍ ଅଲଗା ପଡ଼ିଯିବ ।ପାକିସ୍ତାନ ପାଇଁ ସ୍ଥିତି ଭଲ ନଜର ଆସୁନାହିଁ ଆପଣ ପୂରା ଗୋଟିଏ ପିଢିକୁ ବିନାଶ କରି ଦେଉଛନ୍ତି । ଏହି ବହିଷ୍କାର ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)କୁ ଅସହଜ ସ୍ଥିତିରେ ପକାଇ ଦେଇଛି। ଭାରତ-ପାକିସ୍ତାନର ମୁକାବିଲା ଆଇସିସି ଟୁର୍ଣ୍ଣାମେଣ୍ଟର ବ୍ୟାବସାୟିକ ମେରୁଦଣ୍ଡ ଭାବେ ମନେକରାଯାଏ ଏବଂ ପ୍ରାୟତଃ ପ୍ରସାରଣର ରାଜସ୍ୱର ବଡ଼ ଭାଗ ଏହି ଠାରୁ ଆସେ।

## ପାଣିରେ ପଡ଼ିବ ପାକିସ୍ତାନର ୫୦୦ ମିଲିୟନ ଡଲାର

ନୂଆଦିଲ୍ଲୀ,୦୩।୦୨; ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୬ରେ ଭାରତ ବିପକ୍ଷରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ମୁକାବିଲାକୁ ପାକିସ୍ତାନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛି। ଯଦି ଭାରତ ସହ ପାକିସ୍ତାନ ମ୍ୟାଚ ନଖେଳେ ତେବେ ପାକିସ୍ତାନ ୫୦୦ମିଲିୟନ କ୍ଷତି ସହିବ ଖାଲି ସେତିକି ନୁହେଁ ମ୍ୟାଚ ପ୍ରସାରଣକାରୀମାନେ ପ୍ରଥମ ଥର ପାଇଁ ସିଧାସଳଖ ପ୍ରଭାବିତ ହେବେ। ରିପୋର୍ଟ ଅନୁଯାୟୀ , ଭାରତ-ପାକିସ୍ତାନ ଟି-୨୦ ମ୍ୟାଚ୍‌ର ମୋଟ ମୂଲ୍ୟ ପ୍ରାୟ ୫୦୦ ମିଲିୟନ ଡଲାର ।ହେବ ବୋଲି ଆକଳନ କରାଯାଇଛି ଯେଉଁଥିରେ ପ୍ରସାରଣ ଅଧିକାର, ବିଜ୍ଞାପନ ପ୍ରିମିୟମ, ପ୍ରାୟୋଜକତା , ଟିକେଟ୍ ଏବଂ ସମ୍ପର୍କିତ ବ୍ୟବସାୟ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ଭାରତ-ପାକିସ୍ତାନ ଟି-୨୦ ମ୍ୟାଚ୍ ସମୟରେ ବିଜ୍ଞାପନ ସ୍ଲଟର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ଏବଂ ୧୦ ସେକେଣ୍ଡ ସ୍ଥାନ ପାଇଁ ୫୦ ଲକ୍ଷ ଟଙ୍କା ରଖାଯାଇଛି, ଯାହା ଅନ୍ୟ ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଭାରତକୁ ନେଇ ନକଆଉଟ୍ ମ୍ୟାଚ୍ ତୁଳନାରେ ଅଧିକ । ଜିଓ ହଟ୍‌ଷ୍ଟାର୍ ମଙ୍ଗଳବାର ସଙ୍କେତ ଦେଇଛି ଯେ, ମ୍ୟାଚ୍ ବର୍ଜନ କଲେ କାଠଗଡ଼ାକୁ ଆସିବାକୁ ପ୍ରସ୍ତୁତ ରୁହ ବୋଲି ପିସିବିକୁ ଏହି କଂପାନି ଅନୌପଚାରିକ ଭାବେ ଧମକ ଦେଇଛି । ସେହିଭଳି ଆଇସିସି ମଧ୍ୟ ପିସିବିକୁ ମିଳିବାକୁ ଥିବା ପାଖାପାଖି ୩୫ ନିୟୁତ ଡଲାର ବା ୩୧୬ କୋଟି ଟଙ୍କାକୁ ଅଟକାଇ ଦେବାର ସଙ୍କେତ ଦେଇଛି। କାରଣ ବିଶ୍ୱକପ୍‌ର ପ୍ରସାରଣ ଅଧିକାର ବିକ୍ରି କଲା ବେଳେ ସବୁମ୍ୟାଚ୍ ପାଇଁ ଆଇସିସି ଚୁକ୍ତି କରିଥିଲା।

## ସିଏମ୍ ଟ୍ରଫି କବାଡି ଚୟନ ପ୍ରତିଯୋଗିତା ଉଦ୍‌ଯାପିତ



କେନ୍ଦ୍ରାପଡ଼ା ୩।୨: ସି.ଏମ୍.ଟ୍ରଫି ୧୪ ବର୍ଷରୁ କମ୍ ବାଳକ ଓ ବାଳିକା କବାଡି ପ୍ରତିଯୋଗିତାର ଚୟନ ପ୍ରତିଯୋଗୀତା ମଙ୍ଗଳବାର ଦିନ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲ୍ଲାର ବ୍ଲକ ଓ ପୌରାଞ୍ଚଳ ଅନ୍ତର୍ଗତ ଉଚ୍ଚ ବିଦ୍ୟାଳୟର ବିଭିନ୍ନ କ୍ରିଡାବିତ ମାନେ ଭାଗନେଇ ଥିଲେ । ପାଖାପଖି ୩୦୦ ବାଳକ/ବାଳିକାମାନେ ଅଂଶଗ୍ରହଣ କରିଥିଲେ । ଏଥିରୁ ବଛାବଛା ଭଲ ପ୍ରଦର୍ଶନ କରିଥିବା ୧୦ଟି ଦଳ ବାଳକ ଓ ୬ଟି ବାଳିକା ବିଭାଗର ଖେଳାଳୀ ମାନେ ଜିଲ୍ଲା ପ୍ରତିଯୋଗିତାରେ ଭାଗ ନେବେ ବୋଲି କ୍ରିଡା ସଂସଦର ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା କ୍ରିଡା ଅଧିକାରୀ ଲୋକାନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ଶାରିରୀକ ଶିକ୍ଷକ ଦେବେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଜ୍ୟୋର୍ତିମୟ ଦାସ, ଚନ୍ଦନ ମହାପାତ୍ର, ମନୋଜ ଦାସ, ପ୍ରତିମା ଦ୍ୱିବେଦି, ସସ୍ମିତା ପଣ୍ଡା, ଜ୍ୟୋର୍ତିମୟୀ ସେନାପତି ପ୍ରଭୃତି ବରିଷ୍ଠ ଶାରିରୀକ ଶିକ୍ଷକ ଯୋଗ ଦେଇଥିଲେ ।

## ଅନ୍ତର୍ଜାତୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍ ପାଇଁ ଖେଳାଳୀଙ୍କ ଦିଲ୍ଲୀ ଯାତ୍ରା



ଢେଙ୍କାନାଳ,୩।୨: ନୂଆଦିଲ୍ଲୀର କେ.ଡି. ଯାଦବ ଇଣ୍ଡୋର୍ ଷ୍ଟାଡିୟମ୍‌ର ଇନ୍ଦିରା ଗାନ୍ଧୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଫେବୃଆରୀ ୦୪ ରୁ ୦୮ ପର୍ଯ୍ୟନ୍ତ ୫ମ ଇଣ୍ଡିଆନ୍ ଓପନ ଅନ୍ତର୍ଜାତୀୟ କପ୍ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଟୁର୍ଣ୍ଣାମେଂଟ୍‌ରେ ଭାଗ ନେବା ପାଇଁ ଢେଙ୍କାନାଳ ଡ଼ାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ୭ ଖେଳାଳୀ ଓ ୨ କୋଚ୍ ଭାଗ ନେବେ। ତନ୍ମଧ୍ୟରୁ ବାଳକ ବିଭାଗରେ ଶୁଭଙ୍କର ନାଏକ, ଓମ୍ ପ୍ରସାଦ ଭଞ୍ଜ, ଷୌଭାଗ୍ୟ ରଞ୍ଜନ ବେହେରା ଏବଂ ବାଳିକା ବିଭାଗରେ ରୋଜାଲିନ ସ୍ୱାଇଁ, ସ୍ମୃତି ଭୋଇ, ମାନସୀ ସାହୁ, ରୂପା ନାଏକ, କୀର୍ତି ରାଣୀ ସାହୁ ଓ ମିହିର କୁମାର ସାହୁ ଟିମ୍ କୋଚ ଭାବେ ମଙ୍ଗଳବାର ଯାତ୍ରା କରିଛନ୍ତି । ଏହି ଚାମ୍ପିଅନସିପ୍ ପାଇଁ ଦଳର ଖେଳାଳୀମାନେ କଠିନ ଅଭ୍ୟାସ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିବେ । ଢ଼େଙ୍କାନାଳ ଡ଼ାଇମଣ୍ଡ କିକ୍ ବକ୍ସିଂ ଆସୋସିଏସନ୍‌ର ସମସ୍ତ ସଦସ୍ୟ ଓ ଜିଲ୍ଲା କ୍ରୀଡା ଅଧିକାରୀ ସୁଦିପ୍ତ କୁମାର ସାହୁ ସମସ୍ତ ଖେଳାଳୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ସେମିରେ ସମ୍ବଲପୁର

ରେଢ଼ାଖୋଲ୦୩।୦୨; ସମ୍ବଲପୁରଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଯୁଯୁମୁରା ରେଙ୍ଗାଲିସ୍ଥିତ ଐତିହାସିକ ରଜାଚୌରି ଖେଳ ପଡ଼ିଆରେ ଜାରି ଥିବା ୨୭ତମ ଅଲ ଓଡ଼ିଶା ସହିଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ରେ ଡିସିଏ ବୌଦ୍ଧକୁ ହରାଇ ନବଜୀବନ କ୍ରିକେଟ କ୍ଲବ୍ ସୁନ୍ଦରଗଡ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ସୁନ୍ଦରଗଡ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୮୦ ରନ କରିଥିଲା ଦଳର ଉମେଶ କୁମାର ଗୌତମ ୪୭ ବଲ୍‌ରୁ ୮୦ ରନ୍ ଓ ବୈଭବ ସା ୪୩ ବଲ୍‌ରୁ ୭୨ ରନ୍ କରିଥିଲେ । ଜବାବରେ ବୌଦ୍ଧ ଦଳ ୨୨.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୬ ରନ୍ କରିଥିଲା ଦଳର କ୍ଷୀରୋଦ ପୁରୋହିତ ୪୪ ରନ୍, ତୁଷାର ସେନାପତି ୩୭ ରନ୍ ଓ ରବି ମାରାଣ୍ଡି ୩୨ ରନ୍ ଲେଖାଏଁ କରିଥିଲେ।

## ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ୍ ଖେଳିବେ ଜୈସ୍ୱାଲ୍

ନୂଆଦିଲ୍ଲୀ,୦୩।୦୨; ଆସନ୍ତା ୬ ତାରିଖରୁ ଆରମ୍ଭ ହେବ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ୍ । ୪୨ଥର ଚାମ୍ପିଅନ୍ ମୁମ୍ବାଇ ଏଥର କର୍ଣ୍ଣାଟକକୁ ସାମ୍ନା କରିବ। କ୍ୱାର୍ଟର ଫାଇନାଲ୍ ମୁକାବିଲା ପାଇଁ ମୁମ୍ବାଇ ଦଳ ଘୋଷଣା କରାଯାଇଛି । ମୁମ୍ବାଇର ଚୟନକର୍ତ୍ତାମାନେ ରଣଜୀ ଟ୍ରଫି କ୍ୱାର୍ଟରଫାଇନାଲ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ସେମାନଙ୍କର ଦୁଇ ଷ୍ଟାର ଖେଳାଳିଙ୍କ ନାମ ଦେଇଛନ୍ତି ଭାରତୀୟ ଦଳର ଯୁବ ଓପନର ଯଶସ୍ୱୀ ଜୈସ୍ୱାଲ୍ ଏହି ମ୍ୟାଚ ଖେଳିବେ ।କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍ ପାଇଁ ଜୟସ୍ୱାଲଙ୍କୁ ୧୬ ଜଣିଆ। ଦଳରେ ସ୍ଥାନ ଦିଆଯାଇଛ ।



ଜୈସ୍ୱାଲ୍ ମୁମ୍ବାଇର ଶେଷ ଦୁଇଟି ଏଲିଟ୍ ଗ୍ରୁପ୍ ଲିଗ୍ ମ୍ୟାଚ ଖେଳିପାରି ନଥିଲେ। ସେ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଦଳରେ ସ୍ଥାନ ପାଇ ନଥିବାରୁ ରଣଜୀ ଟ୍ରଫି ଖେଳିବାକୁ ପ୍ରସ୍ତୁତି ଚଳାଇଛନ୍ତି। ମୁମ୍ବାଇ ଅଧିନାୟକ ସୁର୍ଦ୍ଦଲ ଠାକୁର ମଧ୍ୟ ଫିଟ୍ ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମୁମ୍ବାଇର ଷ୍ଟାର ବ୍ୟାଟର ଅଜିଙ୍କ୍ୟ ରାହାଣେ ଦଳରେ ସ୍ଥାନ ପାଇ ନାହାନ୍ତି। ସେ ଲମ୍ବା ଫର୍ମାଟ୍ କ୍ରିକେଟରୁ ସାମୟିକ ବିରତି ନେଇଥିବା ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି। ସେହିପରି ଶ୍ରେୟାସ ଆୟର ମଧ୍ୟ ଲମ୍ବା ଫର୍ମାଟ୍ କ୍ରିକେଟ୍‌ରୁ ବିରତି ନେଇଛନ୍ତି।

ଜୈସ୍ୱାଲ୍ ଚଳିତ ରଣଜୀ ଟ୍ରଫି ସିଜିନରେ କେବଳ ଗୋଟିଏ ମ୍ୟାଚ୍ ଖେଳିଛନ୍ତି। ସେ ସେହି ମ୍ୟାଚ୍‌ରେ ୨୨୩ ରନ୍ କରିଥିଲେ। ସେ ପ୍ରଥମ ଇନିଂସରେ ଗୋଟିଏ ଶତକ ଏବଂ ଦ୍ୱିତୀୟ ଇନିଂସରେ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ଏବେ ନକଆଉଟ୍ ମ୍ୟାଚ୍ ଗୁଡ଼ିକରେ ତାଙ୍କଠାରୁ ସମାନ ପ୍ରଦର୍ଶନ ଆଶା କରାଯାଉଛି ।

ଦଳ: ସାର୍ଦ୍ଦୁଳ ଠାକୁର(ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ୍, ମୁସିର ଖାନ, ଅଖିଲ ହେରାଦକର, ସିଦ୍ଧେଶ ଲାଡ, ସର୍ଫରାଜ ଖାନ, ଆକାଶ ଆନନ୍ଦ, ହାର୍ଦ୍ଦିକ ତାମୋରେ, ସାଇରାଜ ପାଟିଲ, ସାମ୍ସ ମୁଲାନି, ତନୁଶ କୋଟିଆନ, ତୁଷାର ଦେଶପାଣ୍ଡେ, ମୋହିତ ଅସ୍ତି, ଓମକାର ତର୍ମାଲେ, ଦିବ୍ୟେଶ ସାକସେନା, ସୂର୍ଯ୍ୟାଂଶ ସେଡଗେ।

## ଆଇପିଏଲ୍ ପୂର୍ବରୁ ଫିଟ୍ ହେବା ନେଇ କମିନ୍ସ ଆଶାବାଦୀ

ମେଲବର୍ଣ୍ଣ,୩।୨: ଅଷ୍ଟ୍ରେଲୀୟ ଦ୍ରୁତ ବୋଲର୍ ତଥା ସନରାଇଜର୍ସ ହାଇଦ୍ରାବାଦର ଅଧିନାୟକ ପ୍ୟାଟ୍ କମିନ୍ସ ଆଇପିଏଲ୍‌ର ଆଗାମୀ ସଂସ୍କରଣ ଆରମ୍ଭ ହେବା ପୂର୍ବରୁ ସୁସ୍ଥ ହେବା ନେଇ ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି ''ପିଠିର ସୁସ୍ଥତା'' ଉପରେ ସବୁକିଛି ନିର୍ଭର କରେ। ପିଠିରେ ସମସ୍ୟା କାରଣରୁ କମିନ୍ସଙ୍କୁ ଅଷ୍ଟ୍ରେଲିଆର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଦଳରେ ସାମିଲ୍ କରାଯାଇନାହିଁ। ସେ ଆସେସ୍ ଶୃଙ୍ଖଳାରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। କିନ୍ତୁ ସେବେଠାରୁ ସେ ପଡ଼ିଆରୁ ଦୂରେଇ ଅଛନ୍ତି ସେ କହିଛନ୍ତି, ମୁଁ ଏବେ ଭଲ ଅନୁଭବ କରୁଛି ଆଗାମୀ କିଛି ସପ୍ତାହ ମଧ୍ୟରେ ଆଉ ଥରେ ପିଠିର ସ୍କାନ୍ ହେବ, ଯଦି ଠିକ୍ ଥାଏ ତେବେ ସେ ଧୀରେ ଧୀରେ ଅଭ୍ୟାସ ଆରମ୍ଭ କରିବି। ଟ୍ୱେଣ୍ଟି-୨୦ ଖେଳିବା ଅପେକ୍ଷାକୃତ ସହଜ, ଏଣୁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳିବାର ନିକଟତର ହୋଇଯାଇଥିଲି, କିନ୍ତୁ ଦୁର୍ଭାଗ୍ୟ! ଆଡିଲେଡ୍ ଟେଷ୍ଟ୍ ପରେ କୁହାଯାଇଥିଲା ଯେ ଚାରି ସପ୍ତାହରେ ପିଠି ଯନ୍ତ୍ରଣାର ଉପସମ ହେବ କିନ୍ତୁ ପରେ ଆଉ ଥରେ ସ୍କାନ୍ କରାଯିବା ପରେ ଆଉ ଦୁଇ ସପ୍ତାହ ବିଶ୍ରାମ ପାଇଁ ପରାମର୍ଶ ଦିଆଯାଇଥିଲା।



## ପ୍ରୀତିଶାଙ୍କୁ ମହିଳା ଆଇଏମ୍ ଟାଇଟଲ୍

ଭୁବନେଶ୍ୱର,୩।୨: ଓଡ଼ିଶାର ଯୁବ ଚେସ୍ ପ୍ରତିଭା ପ୍ରୀତିଶା ଗୁପ୍ତା ମାତ୍ର ୧୪ ବର୍ଷ ବୟସରେ ସମସ୍ତ ଆବଶ୍ୟକ ନର୍ମ ପୂରଣ କରି ପ୍ରତିଷ୍ଠିତ ମହିଳା ଇଣ୍ଟରନ୍ୟାସନାଲ୍ ମାଷ୍ଟର୍ (ଡବ୍ଲ୍ୟୁଆଇଏମ୍) ଟାଇଟଲ୍ ହାସଲ କରିଛନ୍ତି ।ଏହି ଐତିହାସିକ ସଫଳତା ପାଇବାରେ ସେ ଓଡ଼ିଶାର ଚତୁର୍ଥ ମହିଳା ଆଇଏମ୍ ହୋଇଛନ୍ତି । ପ୍ରୀତିଶା ତାଙ୍କର ପ୍ରଥମ ଡବ୍ଲ୍ୟୁଆଇଏମ୍ ନର୍ମ ଜୁଲାଇ ୨୦୨୫ରେ ଟ୍ରଫି ଡୋଲ୍ ପାସିନୋ ଗ୍ରାଣ୍ଡ ଓପନ୍ ପ୍ରତିଯୋଗିତାରେ ହାସଲ କରିଥିଲେ । ଦ୍ୱିତୀୟ ନର୍ମ ସର୍ବିୟାର ସେଣ୍ଟାରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୨୨ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ପାଇଥିଲା ବେଳେ ତୃତୀୟ ତଥା ଶେଷ ନର୍ମ ସେହିଠାରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୧୩ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ହାସଲ କରିଥିଲେ ।



ପ୍ରୀତିଶା ନିଜ ବୟସ ଶ୍ରେଣୀରେ ବିଶ୍ୱସ୍ତରରେ ସର୍ବଦା ଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛନ୍ତି । ଜାନୁଆରି ମାସର ରେଟିଂ ଅନୁଯାୟୀ ସେ ନିଜ ବୟସ ବର୍ଗରେ ବିଶ୍ ମାନ୍ୟତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହ ନଭେମ୍ବର ୨୦୨୫ରେ ମାଲେସିଆର କୁଆଲାଲୁମ୍ପୁରରେ ଆୟୋଜିତ କମନ୍‌ଲେଥ ଚେସ୍ ପ୍ରତିଯୋଗିତାର ୧୬ ବର୍ଷରୁ କମ୍ ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏହି ସଫଳତା ପାଇଁ ପ୍ରୀତିଶାଙ୍କୁ ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଓ) ସମ୍ପାଦକ ଦେବବ୍ରତ ଭଟ୍ଟ ଅଭିନନ୍ଦନ ଜଣାଇଛନ୍ତି ।

## ଟି୨୦ ବିଶ୍ୱକପରେ ୫ ଟ୍ରମ୍ପ କାର୍ଡ

ନୂଆଦିଲ୍ଲୀ,୩।୨: ଟି୨୦ ବିଶ୍ୱକପ୍-୨୦୨୬ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି । ଫେବୃଆରୀ ୭ ତାରିଖ ଠାରୁ ଆରମ୍ଭ ହେଉଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଅଂଶଗ୍ରହଣ କରିବେ ଏବଂ ମୋଟ ୫୫ଟି ମ୍ୟାଚ୍ ଖେଳାଯିବ। ସମସ୍ତ ଦଳ ସେମାନଙ୍କର ୧୫ ଜଣିଆ ଦଳ ଘୋଷଣା କରିଛନ୍ତି । ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଥର ପାଇଁ ଅନେକ ଟି୨୦ ବିଶ୍ୱକପ୍ ବିଜେତା ଅଂଶଗ୍ରହଣ କରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି। ଏହି ଖେଳାଳିମାନଙ୍କ ମଧ୍ୟରୁ କିଛି ଖେଳାଳି ଏକାକୀ ନିଜ ପ୍ରଦର୍ଶନ ଦ୍ୱାରା ମ୍ୟାଚ୍‌ର ଗତି ପରିବର୍ତ୍ତନ କରିବାର କ୍ଷମତା ରଖିଛନ୍ତି।

ଭାରତୀୟ ଦଳର ଯୁବ ଓପନର ଅଭିଷେକ ଶର୍ମା ବର୍ତ୍ତମାନ ଉତ୍କୃଷ୍ଟ ଫର୍ମରେ ଅଛନ୍ତି । ସେ ଗତ ଟି୨୦ ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପ୍ରବେଶ କରିଥିଲେ ଏବଂ ଶୀଘ୍ର ଟିମ୍ ଇଣ୍ଡିଆ ପାଇଁ ଜଣେ ପ୍ରମୁଖ ଖେଳାଳି ହୋଇଯାଇଛନ୍ତି । ୩୮ ମ୍ୟାଚ୍‌ରେ ୧୨୯୭ ରନ୍ କରିଥିବା ଅଭିଷେକ ଶର୍ମା ତାଙ୍କର ସବୁଠାରୁ ବଡ଼ ଶକ୍ତି, ତାଙ୍କର ଆକ୍ରମଣାତ୍ମକ ବ୍ୟାଟିଂ । ପାୱାରପ୍ଲେରେ ଶୀଘ୍ର ସ୍କର କରିବା ହେଉ କିମ୍ବା ବଡ଼ ସଟ୍ ସହିତ ଚାପ ସୃଷ୍ଟି କରିବା, ଅଭିଷେକ ପ୍ରତ୍ୟେକ ଭୂମିକା ଗ୍ରହଣ କରିବାକୁ ସକ୍ଷମ । ତାଙ୍କର ଉପସ୍ଥିତି ଭାରତର ବ୍ୟାଟିଂକୁ ଆହୁରି ବିପଜ୍ଜନକ କରିଥାଏ।

ଦକ୍ଷିଣ ଆଫ୍ରିକାର ଡେୱାଲ୍ଡ ବ୍ରେଭିସ୍‌ଙ୍କୁ ଭବିଷ୍ୟତର ଜଣେ ବଡ଼ ଷ୍ଟାର ବୋଲିଂ କୁହାଯାଏ। ସେ ତାଙ୍କର ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା ଏବଂ ମାତ୍ର କିଛି ଓଭରରେ ମ୍ୟାଚ୍‌ର ମୋଡ଼ ବଦଳାଇ ପାରନ୍ତି । ବ୍ରେଭିସ୍‌ଙ୍କର ଟି-୨୦ ଲିଗ୍‌ରେ ଖେଳିବାର ବ୍ୟାପକ ଅଭିଜ୍ଞତା ଅଛି, ଯାହା ତାଙ୍କୁ ବଡ଼ ମଞ୍ଚରେ ଚାପ ନିୟନ୍ତ୍ରଣ କରିବା ସହଜ କରିବ। ଯଦି ସେ ତାଙ୍କର ଲୟ ପାଆନ୍ତି, ତେବେ ସେ ଯେକୌଣସି ବୋଲିଂ ଆକ୍ରମଣକୁ ନଷ୍ଟ କରିପାରିବେ।

ନ୍ୟୁଜିଲାଣ୍ଡର ଜାକବ୍ ଡଫି ଜଣେ ଦ୍ରୁତ ବୋଲର। ସାମ୍ପ୍ରତିକ ସମୟରେ ସେ ଲଗାତାର ପ୍ରଭାବିତ କରିଛନ୍ତି। ସେ ନୂତନ ବଲ୍‌କୁ ସ୍ୱିଙ୍ଗ୍ କରିବାରେ ଏବଂ ଡେଥ୍ ଓଭରରେ ସଠିକ୍ ୟର୍କର୍ ବୋଲିଂ କରିବାରେ ସିଦ୍ଧ । ସେ ତାଙ୍କର ଲେନ୍ଥ ଏବଂ ବାଉନ୍ସକୁ ବୁଦ୍ଧିମାନ ଭାବରେ ବ୍ୟବହାର କରି ବ୍ୟାଟସମ୍ୟାନ୍‌ଙ୍କୁ ଅସୁବିଧାରେ ପକାଇପାରନ୍ତି । ଟି-୨୦ ବିଶ୍ୱକପ୍ ଭଳି ଏକ ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ ତାଙ୍କ ବୋଲିଂ ନ୍ୟୁଜିଲାଣ୍ଡ ପାଇଁ ଏକ ଏକ୍ସ-ଫ୍ୟାକ୍ଟର ପ୍ରମାଣିତ ହୋଇପାରେ।

ଇଂଲଣ୍ଡର ଯୁବ ଅଲରାଉଣ୍ଡର୍, ଜାକବ୍ ବେଥେଲ୍, ବ୍ୟାଟ୍ ଏବଂ ବଲ୍ ଉଭୟରେ ଏକ ଉପଯୋଗୀ ବିକଳ୍ପ । ତାଙ୍କର ମଧ୍ୟମ କ୍ରମରେ ଦ୍ରୁତ ସ୍କର କରିବାର କ୍ଷମତା ଅଛି ଏବଂ ଆବଶ୍ୟକ ହେଲେ ବଲ ସହିତ ମଧ୍ୟ ଯୋଗଦାନ ଦେଇପାରନ୍ତି । ବେଥେଲ୍‌ଙ୍କ ବହୁମୁଖୀ ପ୍ରତିଭା ଇଂଲଣ୍ଡକୁ ସନ୍ତୁଳନ ପ୍ରଦାନ କରେ। ପାକିସ୍ତାନର ଅବରାର୍ ଅହମ୍ମଦ ଲେଗ୍-ସ୍ପିନର୍, ଅବରାର୍ ଅହମ୍ମଦଙ୍କୁ ଜଣେ ସ୍ପିନ୍ ଯାଦୁକର ଭାବରେ ବିବେଚନା କରାଯାଏ। ଶ୍ରୀଲଙ୍କା ଭଳି ସ୍ପିନ୍-ଅନୁକୂଳ ପିଚ୍‌ରେ, ସେ ବ୍ୟାଟ୍ସମ୍ୟାନ୍ମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରନ୍ତି। ତାଙ୍କର କଡ଼ା ବୋଲିଂ ଏବଂ ପରିବର୍ତ୍ତନ ଟି-୨୦ ଫର୍ମାଟରେ ବହୁତ ପ୍ରଭାବଶାଳୀ ପ୍ରମାଣିତ ହୁଏ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ